RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -149 ସଂଖ୍ୟା-୧୪୯
ଭୁବନେଶ୍ୱର, ସୋମବାର ୨୪ ଅଗଷ୍ଟ ୨୦୨୬
Bhubaneswar, Monday 24 August, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




## ବାଂଲାଦେଶରେ ହିନ୍ଦୁ ପରିବାରର ୪ ସଦସ୍ୟଙ୍କୁ ହତ୍ୟା

ଢାକା, ୨୩।୮: ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ସଂପ୍ରଦାୟ ବିରୋଧରେ ପୁଣି ଆରମ୍ଭ ହୋଇଯାଇଛି ଆକ୍ରମଣ। ହିନ୍ଦୁ ପରିବାରର ୪ ଜଣଙ୍କୁ ଅତ୍ୟନ୍ତ ନିର୍ମମ ଭାବେ କରାଯାଇଛି ହତ୍ୟା। ବନ୍ଦ ଘର ଭିତରୁ ମିଳିଛି ଗୋଟିଏ ପରିବାରର ୪ ଜଣଙ୍କ ମୃତଦେହ। ଏମାନଙ୍କ ମଧ୍ୟରେ ଜଣେ ୧୨ ବର୍ଷର ବାଳକ ମଧ୍ୟ ରହିଛନ୍ତି।

ଜଣେ ଅବସରପ୍ରାପ୍ତ ସ୍କୁଲ ଶିକ୍ଷକ, ତାଙ୍କ ପତ୍ନୀ, ଝିଅ ଓ ୧୨ ବର୍ଷର ପୁଅ ହତ୍ୟାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ବାଂଲାଦେଶର ରଙ୍ଗପୁର ସିଟି ସ୍ଥିତ ଶିକ୍ଷକଙ୍କ ଘର ଭିତରୁ ୪ ଜଣଙ୍କ ମୃତଦେହ ମିଳିବା ପରେ ହଇଚଇ ସୃଷ୍ଟି ହୋଇଛି।

ଦାସପଡା ଅଞ୍ଚଳରେ ରହୁଥିଲେ ରଙ୍ଗପୁର ଜିଲ୍ଲା ସ୍କୁଲର ପୂର୍ବତନ ଶିକ୍ଷକ ଗଣପତି ଚକ୍ରବର୍ତ୍ତୀ। ଶନିବାର ରାତି ୧୧.୩୦ରେ ସେ ରହୁଥିବା ଘରୁ ଭିତରୁ ମିଳିଥିଲା ୪ ଜଣଙ୍କ ମୃତଦେହ। ଏହି ଘରଟି ବନ୍ଦ ରହିଥିଲା। କିନ୍ତୁ ପୁଲିସ୍ କବାଟ ଭାଙ୍ଗି ଘର ଭିତରୁ ୪ ଜଣଙ୍କ ମୃତଦେହ ଠାବ କରିଛି। ଗଣପତିଙ୍କ ସମେତ ତାଙ୍କ ପତ୍ନୀ ପ୍ରୀତିଲତା, ଝିଅ ଅଗ୍ନି ଚକ୍ରବର୍ତ୍ତୀ ପ୍ରାଥି ଓ ପୁଅ ପ୍ରିୟମଙ୍କ ମୃତଦେହକୁ ପୁଲିସ୍ ଜବତ କରିଛି। ଗଣପତି ଗତବର୍ଷ ଡିସେମ୍ବର ୩୧ରେ ରଙ୍ଗପୁର ଜିଲ୍ଲା ସ୍କୁଲରୁ ଅବସର ନେଇଥିଲେ। ତାଙ୍କ ଝିଅ ଅଗ୍ନି ଚଳିତ ବର୍ଷ ଇଂରାଜୀରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ପୁଅ ପ୍ରିୟ ୫ମ ଶ୍ରେଣୀରେ ପୁଥିଲେ। ସବୁ କିଛି ଠିକଠାକ ଚାଲିଥିବା ବେଳେ ହଠାତ୍ ଗୁରୁବାର ମଧ୍ୟାହ୍ନରୁ ଗଣପତି ଓ ତାଙ୍କ ପରିବାର ସଦସ୍ୟଙ୍କ ଦେଖା ମିଳି ନଥିଲା। ସେହିପରି ସମ୍ପର୍କୀୟଙ୍କମାନେ ସେମାନଙ୍କ ସହ ଯୋଗାଯୋଗ କରି ନପାରିବାକୁ ସନ୍ଦେହ ବିଥିଲା। ପ୍ରୀତିଲତାଙ୍କ ସାନ ଭଉଣୀ ପୂଜାଙ୍କ କହିବା କଥା ଯେ ସେ ଗୁରୁବାର ମଧ୍ୟାହ୍ନରେ ଶେଷଥର ପାଇଁ ତାଙ୍କ ଭଉଣୀଙ୍କ ସହ କଥା ହୋଇଥିଲେ। ହେଲେ ଦିନକ ପରେ ପରିବାରର ୪ ଜଣ ସଦସ୍ୟଙ୍କ ଫୋନ ଏକାସଙ୍ଗେ ବନ୍ଦ ହୋଇଯାଇଥିଲା। ସେ କହିଛନ୍ତି, "ଆମେ ଶନିବାର ରାତିରେ ଦାସପଡା ଆସିଥିଲୁ। ଏହି ସମୟରେ ଘରର ମୁଖ୍ୟ ଗେଟ ବନ୍ଦ ଥିଲା। ଘର ଭିତରେ ଲାଇଟ ମଧ୍ୟ ଜଳୁ ନଥିଲା। ଏହାକୁ ଦେଖି ଆମେ ପୁଲିସ୍‌କୁ ଖବର ଦେଇଥିଲୁ। ପୁଲିସ୍ ଲକ ଭାଙ୍ଗି ଘର ଭିତରେ ପଶିଥିଲା। ଏହି ସମୟରେ ସମସ୍ତଙ୍କ ମୃତଦେହ ଘର ଭିତରେ ପଡିଥିବା ଦେଖିବାକୁ ମିଳିଥିଲା।" ଘଟଣାରେ ପୂଜା ସ୍ତବ୍ଧ ହୋଇ ଯାଇଥିବା ବେଳେ କିଏ ଓ କାହିଁକି ଏତେ ବଡ ଘଟଣା ଘଟାଇଲା ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ତାଙ୍କ କହିବା କଥା ଯେ ଗଣପତି ବେଶ ଭଲ ଲୋକ ଥିଲେ। ତାଙ୍କର କୌଣସି ଶତ୍ରୁ ନଥିଲେ।

ଏଥିସହ ଦାସପଡା ଅଞ୍ଚଳରେ ଗଣପତି ନୂଆ ଘର କରିବା ସହ ପରିବାର ସହ ରହୁଥିଲେ ବୋଲି ସେ କହିଛନ୍ତି। ଏଥିସହ ପୁଲିସ୍ ଓ ଫରେନ୍‌ସିକ ଟିମକୁ ଘଟଣା ପଛରେ ଥିବା ଲୋକଙ୍କୁ ଧରିବାକୁ ଅନୁରୋଧ କରିଛନ୍ତି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସିଆଇଡି ଓ ଡିଟେକ୍ଟିଭ ବ୍ରାଞ୍ଚ ଏହାର ତଦନ୍ତ ଆରମ୍ଭ କରିଛନ୍ତି। ଘରର ସି ପାଖରୁ ପ୍ରୀତିଲତା ଓ ତାଙ୍କ ଝିଅଙ୍କ ମୃତଦେହ ମିଳିଥିଲା। ଗଣପତିଙ୍କ ମୃତଦେହକୁ ପୁଲିସ୍ ଛାତରୁ ଜବତ କରିଛି। ପରିବାରର ସବୁଠାରୁ ସାନ ୧୨ ବର୍ଷୀୟ ପ୍ରିୟମଙ୍କ ମୃତଦେହ ଘରର ଖଟ ତଳେ ପଡି ରହିଥିଲା। ଏବେ ଏହାର ଅଧିକ ତଦନ୍ତ କରାଯାଉଥିବା ପୁଲିସ୍ କହିଛି।



## ଜାହାଜ ବୁଡ଼ିବା ଘଟଣାରେ ୨ ଜଣ ଉଦ୍ଧାର

ଭୁବନେଶ୍ୱର, ୨୩।୮(ନି.ପ୍ର): ଓଡ଼ିଶା ଉପକୂଳରେ ପାନାମା ପତାକା ବହନକାରୀ ମାଲବାହୀ ଜାହାଜ 'ଏମ୍‌ଭି ଓସେନ୍ ୱିନର' ବୁଡ଼ିଯିବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ। ଏହି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିବା ସହ ଜାହାଜରେ ଥିବା ଅନ୍ୟ କ୍ରୁ ମେମ୍ବରଙ୍କ ସୁରକ୍ଷା କାମନା କରିଛନ୍ତି ମନ୍ତ୍ରୀ।

ସୋନଓ୍ୱାଲ ନିଜର 'ଏକ୍ସ' ହ୍ୟାଣ୍ଡଲରେ ଘଟଣା ସମ୍ପର୍କରେ ପ୍ରଥମ ପ୍ରତିକ୍ରିୟା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଏମ୍‌ଭି ଓସେନ୍ ୱିନର ନାମକ ଜାହାଜଟି ଓଡ଼ିଶା ଉପକୂଳରେ ବୁଡ଼ିଯାଇଛି। ପାନାମା ପତାକା ଥିବା ଏହି ଜାହାଜଟି ପାରାଦୀପରୁ ଲୁହାପଥର ନେଇ ଚୀନ୍ ଅଭିମୁଖେ ଯାଉଥିଲା।

ଘଟଣା ପରେ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି। ରେସ୍କ୍ୟୁ ଅପରେସନରେ ସମସ୍ତ ସମ୍ପୃକ୍ତ ଏଜେନ୍ସିକୁ ନିୟୋଜିତ କରାଯାଇଥିବା ସୋନଓ୍ୱାଲ କହିଛନ୍ତି। ଏପର୍ଯ୍ୟନ୍ତ ୨ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଛି।

ଅଗଷ୍ଟ ୫ ତାରିଖରେ ଏହି ଜାହାଜଟି ପାରାଦୀପ ବନ୍ଦରକୁ ଆସିଥିଲା। କିନ୍ତୁ ବର୍ଥରେ ସ୍ଥାନ ନ ଥିବାରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରେ ଜାହାଜକୁ ଅପେକ୍ଷା କରିବାକୁ ପଡିଥିଲା। ଅଗଷ୍ଟ ୨୦ ତାରିଖରେ ଲୁହାପଥର ବୋଝେଇ କରି ଜାହାଜଟି ପାରାଦୀପ ବନ୍ଦର ଛାଡିଥିଲା। ଭୁବନେଶ୍ୱରରୁ କୋଷ୍ଟଗାର୍ଡ ଟିମ୍ ଓ ହେଲିକପ୍ଟର ଘଟଣାସ୍ଥଳକୁ ଯାଇଛି। ଜାହାଜକୁ ଖୋଜିବା ପାଇଁ ଅଭିଯାନ ଆରମ୍ଭ ହୋଇଥିବା ବେଳେ ବିଶାଖାପାଟଣା ପଟୁ ମଧ୍ୟ ଉଦ୍ୟମ ଆରମ୍ଭ ହୋଇଛି। ମିଳିଥିବା ସୂଚନା ମୁତାବକ ଲୁହାପଥର ବୋଝେଇ ଜାହାଜଟି ୧୦.୫ ନଟ୍ ବେଗରେ ଆଗକୁ ବୁଥିଲା। ପ୍ରଚୁର ମାଲ୍ ବୋଝେଇ ହୋଇଥିବାରୁ ପାଣି ଭିତରେ ୧୪.୨ ମିଟର ପର୍ଯ୍ୟନ୍ତ ବୁଡି ରହିଥିଲା। ଅଗଷ୍ଟ ୨୭ ତାରିଖ ସକାଳ ୭.୩୦ ସୁଦ୍ଧା ଜାହାଜଟି ସିଙ୍ଗାପୁର ବନ୍ଦରରେ ପହଞ୍ଚିବାର ଥିଲା। ତେବେ ୨୧ ତାରିଖ ରାତିରୁ ଜାହାଜ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା।



## ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

ଗୋପ, ୨୩।୮(ନି.ପ୍ର): ପୁରୀ ଜିଲ୍ଲା ଗୋପ ଅନ୍ତର୍ଗତ ସୁତନ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ମା' ସିଦ୍ଧେଶ୍ୱରୀଙ୍କ ମନ୍ଦିରରୁ କେହି ଦୁର୍ବୃତ୍ତ ଠାକୁରାଣୀଙ୍କ ସୁନା, ରୂପା ଅଳଙ୍କାର ଲୁଟି ନେଇଛନ୍ତି। ସବୁଦିନ ପରି ଶନିବାର ସନ୍ଧ୍ୟାରେ ମନ୍ଦିର ପୂଜକ ମା'ଙ୍କ ନୀତିକାନ୍ତି ଓ ଆଳତୀ ସମ୍ପନ୍ନ କରି ମନ୍ଦିରରେ



ତାଲା ପକାଇ ଘରକୁ ଯାଇଥିଲେ। ମାତ୍ର ରବିବାର ସକାଳେ ମନ୍ଦିରକୁ ଆସିବା ପରେ ସେଠାରେ ଅଭାବନୀୟ ଦୃଶ୍ୟ ଦେଖିବାକୁ ପାଇଥିଲେ। ମନ୍ଦିରର ଗ୍ରୀଲ୍ ଗେଟ୍ ଏବଂ ମୁଖ୍ୟ କବାଟର ତାଲା ଭଙ୍ଗା ଯାଇଥିବା ବେଳେ ଦୁର୍ବୃତ୍ତମାନେ ମନ୍ଦିରରୁ ମା'ଙ୍କ ରୂପା ମୁକୁଟ, ସୁନା ଚିତା ଘଣ୍ଟ–ଘଣ୍ଟା ଏବଂ ମାଙ୍କ ବିଭିନ୍ନ ଆସବାସ ପତ୍ର ଦାନ ବାକ୍ସରେ ଥିବା ନଗଦ ଟଙ୍କା ଲୁଟି ନେଇଯାଇଛନ୍ତି। ପୂଜକ ଏହା ଦେଖି ଘଟଣା ବିଷୟରେ ଗ୍ରାମବାସିଙ୍କୁ ଜଣାଇବା ପରେ ସମସ୍ତେ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ତୁରନ୍ତ ଚନ୍ଦ୍ରଭାଗା ସାମୁଦ୍ରିକ ଥାନାକୁ ଖବର ଦିଆଯାଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ ସହ ଚୋରଙ୍କୁ ଧରିବା ପାଇଁ ଛାନ୍‌ଭିନ୍ ଚଳାଇଛି। ଚନ୍ଦ୍ରଭାଗା ଥାନରେ ଏନେଇ କେସ ନମ୍ବର ୪୫/୨୬ ରେ ଏକ ରୋଜୁ ହୋଇଛି।

### କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖିଲେ ସାଂସଦ

## ଏନ୍‌ଏଚ୍-୫୫ ରାସ୍ତାର ତୁରନ୍ତ ମରାମତି ପାଇଁ ଅନୁରୋଧ କଲେ ଧର୍ମେନ୍ଦ୍ର

ଅନୁଗୋଳ, ୨୩।୮(ନି.ପ୍ର): ଓଡ଼ିଶାର ପ୍ରମୁଖ ପରିବହନ ଓ ଲଜିଷ୍ଟିକ୍ସ କରିଡର ଭାବେ ପରିଚିତ ୫୫ ନମ୍ବର ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା ନେଇ ଚିନ୍ତାପ୍ରକଟ କରିଛନ୍ତି ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଗୁରୁତ୍ୱପୂର୍ଣ୍ଣ ରାଜପଥର ତୁରନ୍ତ ରକ୍ଷଣାବେକ୍ଷଣ ବା ମରାମତି ସହ ଖାଲଢିପ ସମସ୍ୟାର ସମାଧାନ ପାଇଁ ସେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀଙ୍କୁ ଏକ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି।

ସାଂସଦ ଶ୍ରୀ ପ୍ରଧାନ ଚିଠିରେ ଦର୍ଶାଇଛନ୍ତି ଯେ, ସମ୍ବଲପୁର, ଅନୁଗୋଳ ଓ କଟକକୁ ଯୋଡୁଥିବା ଏନଏଚ୍- ୫୫ ହେଉଛି ରାଜ୍ୟର ଅନ୍ୟତମ ମୁଖ୍ୟ ଜୀବନରେଖା। ମାତ୍ର ଲଗାଣ ବର୍ଷା ଓ ଅତ୍ୟାଧିକ ଗାଡ଼ିର ଯାତାୟତ ଯୋଗୁଁ ବିଭିନ୍ନ ସ୍ଥାନରେ ବଡ଼





ବଡ଼ ଖାଲ ସୃଷ୍ଟି ହେବା ସହ କିଛି ଜାଗାରେ ରାସ୍ତା ନଷ୍ଟ ହୋଇଯାଇଛି। ଏହାଫଳରେ ଯାତ୍ରୀ ଓ ପଣ୍ୟବାହୀ ଯାନବାହନ ଚଳାଚଳରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି। ଏହାଦ୍ୱାରା ସ୍ଥାନୀୟ ଜନସାଧାରଣ ଓ ନିୟମିତ ଯାତାୟାତ କରୁଥିବା ଲୋକେ ପ୍ରବଳ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ମୌସୁମୀ ଫଳରେ ବର୍ଷା ଓ ଜଳବନ୍ଦୀ ଯୋଗୁଁ ରାସ୍ତାର ଅବସ୍ଥା ଆହୁରି ସଙ୍ଗୀନ ହୋଇପଡ଼ିଛି। ପାଣି ଜମି ରହିବା ଦ୍ୱାରା ଗଭୀର ଖାଲଗୁଡ଼ିକ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି। ରାସ୍ତାର ଦୁରାବସ୍ଥା ଯୋଗୁଁ ସଡ଼କ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଇବା ସହ ଗମନାଗମନ ଓ ଯୋଗାଯୋଗ ବାଧାପ୍ରାପ୍ତ ହେଉଛି। ଓଡ଼ିଶାର ପଶ୍ଚିମ ଓ ଉପକୂଳ ଭାଗକୁ ଯୋଡ଼ିବା ସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ପରିବହନ ପାଇଁ ଏହି ମୁଖ୍ୟ ସଡ଼କପଥର ଅତ୍ୟାବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ କାର୍ଯ୍ୟ କରାଯିବା ଆବଶ୍ୟକ। ବ୍ୟକ୍ତିଗତ ସ୍ତରରେ ଏହି ସମ୍ବେଦନଶୀଳ ବିଷୟକୁ ଗୁରୁତ୍ୱର ସହ ନେଇ ସମ୍ବଲପୁରରୁ କଟକ ମଧ୍ୟରେ ଥିବା ରାସ୍ତାର ତୁରନ୍ତ ମରାମତି ଏବଂ ଖାଲ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀଙ୍କୁ ଅନୁରୋଧ କରିଛନ୍ତି। ଏହି ପଦକ୍ଷେପ ସାଧାରଣ ଜନତାଙ୍କ ପାଇଁ ସୁରକ୍ଷିତ ଓ ନିରାପଦ ଯାତାୟାତ ସୁନିଶ୍ଚିତ ହୋଇପାରିବ ବୋଲି ସେ କହିଛନ୍ତି।

## ନାବାଳିକା ଫଟୋ ଭାଇରାଲ ମାମଲାରେ ଯୁବକଙ୍କୁ କାରାଦଣ୍ଡ

ଅନୁଗୋଳ ୨୩।୮(ନି.ପ୍ର): : ନାବାଳିକାର ଫଟୋ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରିବା ଅଭିଯୋଗରେ ଅତିରିକ୍ତ ଜିଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ଅଦାଲତ ପବ ବିଚାରପତି ସୌମ୍ୟା ଶୁଭଦର୍ଶନୀ ଅଭିଯୁକ୍ତ ସନ୍ତୋଷ କୁମାର ପ୍ରଧାନକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସନ୍ତୋଷଙ୍କୁ ୫ବର୍ଷ କାରାଦଣ୍ଡ ସହ ୩୦ ହଜାର ଟଙ୍କା ଜୋରିମାନା ପ୍ରଦାନ କରିବାକୁ ବିଚାରପତି ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଜୋରିମାନା ଅନାଦେୟେ ୬ମାସ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ରାୟ ଦେଇଛନ୍ତି। ଦଫା ୫୦୬ରେ ଦୋଷୀ ସାବ୍ୟସ୍ତ ହୋଇ ୨ବର୍ଷ କାରାଦଣ୍ଡ ସହ ୨୦ ହଜାର ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୩ମାସ ଜେଲଦଣ୍ଡ ବିଧାନ ହୋଇଛି। ଆଇ.ଟି. ଆକ୍ଟ ର ଦଫା ୬୭(ଇ) ଅନୁଯାୟୀ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା, ଅନାଦେୟ ଅଧିକ ୬ ମାସର ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି।

୨୦୨୦ ଅଗଷ୍ଟ ୨୪ରେ କୋଲିୟାରୀ ଥାନା ଅନ୍ତର୍ଗତ ସାଉଥବଲଣ୍ଡା ଅଞ୍ଚଳର ସନ୍ତୋଷ କୁମାର ପ୍ରଧାନ(୨୯) ନାବାଳିକା ଝିଅକୁ ଏଡିଟ ଫଟୋ ପଠାଇ ଏହାକୁ ସୋସିଆଲ ମିଡ଼ିଆରେ ଭାଇରାଲ କରିଦେବାର ଭୟଭୀତ କରିଥିଲା। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୁଲିସ ପକ୍ଷରୁ ମାମଲା ରୁଜୁ କରଯାଇଥିଲା। ମାମଲାର ବିଚାର କରି ସ୍ୱତନ୍ତ୍ର ଅଦାଲତ ଅଭିଯୁକ୍ତ ସନ୍ତୋଷକୁ ଦୋଷୀ ସାବ୍ୟସ୍ତ କରିଛନ୍ନତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପିପି ଦିଲୀପ କୁମାର ଦାସ ଏବଂ ସହଯୋଗୀ ଆଇନଜୀବୀ ଅଶୋକ କୁମାର ସାହୁ ପରିଚାଳନା କରୁଥିଲେ।

## ଲଗାଣ ବର୍ଷାରେ ନବରଙ୍ଗପୁର ସହର ଜଳବନ୍ଦୀ



ନବରଙ୍ଗପୁର ୨୩।୮(ନି.ପ୍ର): ଲଗାଣ ବର୍ଷାରେ ନବରଙ୍ଗପୁର ସହରର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ଘଣ୍ଟାରେ ନବରଙ୍ଗପୁରରେ ୧୮୯ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ, ଏହା ଚଳିତ ବର୍ଷର ସର୍ବାଧିକ ବର୍ଷା ବୋଲି କୁହାଯାଉଛି। ଲଗାଣ ବର୍ଷା ଯୋଗୁଁ ସହରର ବିଭିନ୍ନ ଅଞ୍ଚଳରେ ଜଳ ଜମି ରହିଛି। ବିଶେଷ କରି ସହରର ମଦର ଡ୍ରେନ୍ ?ରେ ଠିକ୍ ? ଭାବେ ଜଳ ନିଷ୍କାସନ ହୋଇପାରୁନଥିବାରୁ ମନୀଷା ଲଜ୍ ? ସମ୍ମୁଖ ଦେଇ ଯାଇଥିବା ରାସ୍ତା ଉପରକୁ ପାଣି ଉଠିଆସିଛି। ଫଳରେ ନବରଙ୍ଗପୁର ସହର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ଉପରେ ମଧ୍ୟ ପାଣି ଚାଲୁଥିବା ଦେଖିବାକୁ ମିଳିଛି। ଏଥିଯୋଗୁଁ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହ ସହରବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସହରର ଜଳ ନିଷ୍କାସନ ବ୍ୟବସ୍ଥା ସୁଦୃଢ଼ ନଥିବାରୁ ଅଳ୍ପ ସମୟର ଭାରି ବର୍ଷା ହେଲେ ମଧ୍ୟ ରାସ୍ତାଘାଟ ଓ ତଳିଆ ଅଞ୍ଚଳରେ ପାଣି ଜମିଯାଉଛି। ବିଶେଷକରି ମଦର ଡ୍ରେନ୍ ?ର ଜଳ ନିଷ୍କାସନ ବ୍ୟବସ୍ଥାରେ ତୁରନ୍ତ ସୁଧାର ଆଣିବା ଆବଶ୍ୟକ ହୋଇପଡ଼ିଛି। ଅନ୍ୟପକ୍ଷରେ, ବର୍ଷା ଏଭଳି ଜାରି ରହିଲେ ନବରଙ୍ଗପୁର ସହରରେ ଜଳବନ୍ଦୀ ସ୍ଥିତି ଆହୁରି ଗମ୍ଭୀର ହୋଇପାରେ। ତେଣୁ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା ସ୍ୱାଭାବିକ କରିବା ସହ ସହରର ପ୍ରମୁଖ ଡ୍ରେନ୍ ?ଗୁଡ଼ିକର ସ୍ଥିତି ଯାଞ୍ଚ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଲଗାଣ ବର୍ଷା ଆହୁରି ଜାରି ରହିଲେ ସହରର ସ୍ଥିତି ଅଧିକ ଗମ୍ଭୀର ହେବାର ଆଶଙ୍କା ରହିଛି। ଏବେ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା ସୁଧାରିବା ଉପରେ ପ୍ରଶାସନର ଗୁରୁତ୍ୱ ଦେବା ଆବଶ୍ୟକ ହୋଇପଡ଼ିଛି।

## ୩ଟି ଜିଲ୍ଲାର ୧୭ ବ୍ଲକରେ ସ୍କୁଲ-ଅଙ୍ଗନବାଡି ବନ୍ଦ

ଭୁବନେଶ୍ୱର, ୨୩।୮: ଆସନ୍ତାକାଲି ରାଜ୍ୟର ୩ଟି ଜିଲ୍ଲାର ୧୭ଟି ବ୍ଲକର ସମସ୍ତ ସରକାରୀ ଏବଂ ଘରୋଇ ବିଦ୍ୟାଳୟ ବନ୍ଦ ରହିବ। ସ୍କୁଲ ଏବଂ ଅଙ୍ଗନବାଡି ବନ୍ଦ ତାଲିକାରେ ଯାଜପୁର, ଭଦ୍ରକ ଏବଂ ନବରଂଗପୁର ଜିଲ୍ଲା ସାମିଲ ଅଛି। ସୂଚନା ଅନୁସାରେ ଯାଜପୁର ଜିଲ୍ଲାର ୮ଟିବ୍ଲକରେ ୧୬୨ଟିସ୍କୁଲ ବନ୍ଦ ରହିବ। ଏଥି ସହିତ ଏହି ବ୍ଲକର ସମସ୍ତ ଅଙ୍ଗନବାଡି କେନ୍ଦ୍ର ବନ୍ଦ ରହିବ। ସେହିପରି ଭଦ୍ରକ ଜିଲ୍ଲାରେ ଲଗାଣ ବର୍ଷା, ବନ୍ୟା ପରିସ୍ଥିତି ଓ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଭଦ୍ରକ, ତିହିଡ଼ି, ଓ ଚାନ୍ଦବାଲିରେ ୮୯ଟିସ୍କୁଲ ୨୪ ଅଗଷ୍ଟ ୨୦୨୬ରେ ବନ୍ଦ ରହିବ।

## ରାଜଗାଙ୍ଗପୁର ସହରର ବ୍ୟସ୍ତବହୁଳ ରାସ୍ତା ଅତି ଶୋଚନୀୟ

ରାଜଗାଙ୍ଗପୁର ୨୩।୮(ନି.ପ୍ର):: ରାଜଗାଙ୍ଗପୁର ସହରକୁ ସଂଯୋଗ କରୁଥିବା ପାଜପାୟୀ ରେଳ ଛକ ରୁ ବ୍ଲକ ଅଫିସ ମୁଖ୍ୟ ରାସ୍ତା ରେଳ ବିଭାଗ ଓ ପୌରପରିଷଦ ମଧ୍ୟରେ ତାଳମେଳ ରହୁନଥିବା ନେଇ ରାସ୍ତା ଟି ଅତି ରୁ ଅତି ଶୋଚନୀୟ ଥିବାରୁ ଗମନାଗମନ ରେ ନାନାଦି ଅସୁବିଧା ହେଉଥିବା ପରିଲକ୍ଷିତ ହେଉଛି ଉକ୍ତ ରାସ୍ତା ଦେଇ ପ୍ରତିଦିନ କୋର୍ଟ କଚେରୀ ବ୍ଲକ ଅଫିସ ତହସିଲ କାର୍ଯ୍ୟାଳୟ ସରକାରୀ ବିଭିନ୍ନ ବିଭାଗ ସ୍କୁଲ କଲେଜ ବ୍ୟାଙ୍କ ବିଭିନ୍ନ ପଞ୍ଚାୟତ ର ଗ୍ରାମବାସୀ ଓ ସାଧାରଣ ନାଗରିକ ଦୁଇ ଚକିଆ ଚାରି ଚକିଆ ଯିବାଆସିବା ସମୟରେ ଗାଡ଼ି ଖାଲ ରେ ପଡ଼ି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ନେଇ ପୌରପରିଷଦ କାର୍ଯ୍ୟାଳୟ ରେଳବାଇ ଅଫିସ ବିଭିନ୍ନ ରାଜନୈତିକ ଦଳ ର ନେତା କର୍ମୀ ଙ୍କୁ ଜନସାଧାରଣ ଅଭିଯୋଗ କରିବା ସହ ରାସ୍ତା ରୋକ କରି ଅତିରିକ୍ତ ତହସିଲଦାର କିରଣ ସୋରେନ ଙ୍କୁ ଭେଟି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। କିଛି ଦିନ ପୂର୍ବରୁ ପୌରପରିଷଦ ପକ୍ଷରୁ ରାସ୍ତା ରେ ଗେଟି କୋଇଲା ଗୁଣ୍ଡ ପକାଇ ସମତଳ କରାଯାଇଥିଲା ମାତ୍ର ବର୍ଷା ଯୋଗୁଁ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇ ପୁର୍ବ ଠାରୁ ଆହୁରି ବିପଦ ପୁର୍ଣ ରାସ୍ତା ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସାଧାରଣ ନାଗରିକ। ଗଣେଶ ପୂଜା ପୁର୍ବରୁ ଉକ୍ତ ରାସ୍ତା ମରାମତି ପାଇଁ ଜନସାଧାରଣ ପୌରପରିଷଦ ଓ ରେଳବାଇ ନିକଟରେ ଦାବି କରିଛନ୍ତି।



### ଡାହୁକ



—ବିଧୁ

## ତେଜୁଛି ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗ : ସରକାରଙ୍କୁ ଘେରିବାକୁ ରଣନୀତି

ଭୁବନେଶ୍ୱର, ୨୩।୮(ନି.ପ୍ର): ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍ ଏବେ ଓଡିଶାରେ ବଡ ପ୍ରସଙ୍ଗ ହେବାକୁ ଯାଉଛି। ଏହି ବିଲ୍‌କୁ ନେଇ ଲଗାତାର ଭାବେ ବିରୋଧୀ ଦଳଗୁଡିକ ସରକାରଙ୍କ ଉପରେ ଆକ୍ରମଣ ଜାରି ରଖିଛନ୍ତି। ଏହା ସହ ସରକାରଙ୍କୁ ଆହୁରି ଅଡୁଆରେ ପକାଉଛନ୍ତି ବିଭିନ୍ନ ସାମାଜିକ ସଂଗଠନ ଓ ନାଗରିକ ସଂଘ। ରାଜଧାନୀରେ ବିଭିନ୍ନ ସ୍ଥାନରେ ସଭା, ସମାବେଶ ହୋଇ ବୁଦ୍ଧିଜୀବୀ, ସଚେତନ ନାଗରିକମାନେ ବିଲ୍‌କୁ ତୀବ୍ର ବିରୋଧ କରୁଥିବା ଦେଖିବାକୁ ମିଳୁଛି। ଓଡିଆ ଅସ୍ମିତାର ସୁରକ୍ଷା କରିବାକୁ ଶପଥ ନେଇଥିବା ସରକାର ଓଡିଶାର ସ୍ୱାର୍ଥ ବିରୋଧରେ କାମ କରୁଛନ୍ତି ବୋଲି ପ୍ରଚାର ଜୋର୍ ଧରିଲାଣି। ଗତ ଚାରି ଦିନ ହେଲା ବିଜେପି ପକ୍ଷରୁ ବିରୋଧୀଙ୍କୁ ମୁକାବିଲା କରାଯାଉଛି ସତ, କିନ୍ତୁ ଏ ଯାଏଁ ବିଲ୍ ସପକ୍ଷରେ ଲୋକଙ୍କୁ ବୁଝାଇବାକୁ ଶାସକ ଦଳ ଆପାତତଃ ସଫଳ ହୋଇ ପାରିନାହିଁ।

ବିଜେଡି ଓ କଂଗ୍ରେସ ପକ୍ଷରୁ ଏହି ପ୍ରସଙ୍ଗରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ପାଇଁ ଦାବି କରାଯାଇଥିଲା। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ପିସିସି ସଭାପତି ଭକ୍ତଚରଣ ଦାସ ପୃଥକ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସ୍ୱତନ୍ତ୍ର ଅଧିବେଶନ ପାଇଁ ଦାବି କରିଥିଲେ। ଗତକାଲି କଂଗ୍ରେସ ବିଧାୟକ ଦଳ ପକ୍ଷରୁ ରାଜ୍ୟପାଳ ଓ ବାଚସ୍ପତିଙ୍କ ନିକଟରେ ଏହି ଦାବି ରଖାଯାଇଥିଲା। କିନ୍ତୁ ଆଜି ସଂସଦୀୟ ବ୍ୟାପାର ମନ୍ତ୍ରୀ ଏହି ଦାବିକୁ ଅଗ୍ରାହ୍ୟ କରିଦେଇଛନ୍ତି। ଏହି ପ୍ରସଙ୍ଗରେ ସ୍ୱତନ୍ତ୍ର ଅଧିବେଶନର ଆବଶ୍ୟକତା ନାହିଁ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ବିଧାନସଭା ଅଧିବେଶନ ଡକା ନଗଲେ ବି ବାହାରେ ସରକାରଙ୍କୁ ଅକଳରେ ପକାଇବାକୁ ବିରୋଧୀ ଦଳଗୁଡିକ ରଣନୀତି ପ୍ରସ୍ତୁତ କରୁଛନ୍ତି।

ବିଜେଡି ପକ୍ଷରୁ ଲଗାତାର ଭାବେ ଏହି ପ୍ରସଙ୍ଗରେ ସରକାରଙ୍କୁ ଆକ୍ରମଣ ଜାରି ରହିଛି। ଆଜି ମଧ୍ୟ ଏକ ସାମ୍ବାଦିକ ସମ୍ମିଳନୀ ଡକାଯାଇ ଏହି ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ୍ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଓ ବିଧାୟକ ବ୍ୟୋମକେଶ ରାୟ କହିଥିଲେ, ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍ ଦ୍ୱାରା ଓଡିଶାର ବ୍ୟାପକ କ୍ଷତି ହେବ। ରାଜ୍ୟର ସମସ୍ତ ଖଣି ରାଜସ୍ୱ କେନ୍ଦ୍ର ସରକାରଙ୍କ ଅଧୀନକୁ ଚାଲିଯିବ। କିନ୍ତୁ ଏ ବାବଦରେ ବିଜେପି ସାଂସଦମାନେ ସଂସଦରେ ମୁହଁ ଖୋଲିଲେ ନାହିଁ। ଓଡିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଲେ। ଏହାକୁ ଓଡିଶାବାସୀ କେବେ ଭୁଲି ପାରିବେ ନାହିଁ। ବିଜେପି ହେଉଛି ବ୍ୟବସାୟୀମାନଙ୍କ ପାର୍ଟି। ବ୍ୟବସାୟୀମାନଙ୍କ ହିତକୁ ପ୍ରାଧାନ୍ୟ ଦେବା ପାଇଁ ଏହି ଦଳ ଓଡିଶାକୁ ଲୁଣ୍ଠନ କରିବାକୁ ଯୋଜନା କରିଛି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ବାଦ୍ ଦେଇ ଖଣି ମାଲିକଙ୍କ ସୁବିଧା ପାଇଁ ସେମାନେ ଏମ୍‌ଏମ୍‌ଡିଆର୍ ଆକ୍ଟକୁ ସଂଶୋଧନ କରିଛନ୍ତି। ରାଜ୍ୟବାସୀଙ୍କୁ ବିଜେପି ଆଉ ଭ୍ରମିତ ନ କରୁ। ଯଦି ସତ୍‌ସାହସ ଅଛି ତେବେ ଖୋଲା ମଞ୍ଚରେ ବିତର୍କ କରିବା ପାଇଁ ବିଜେଡି ପକ୍ଷରୁ ଆହ୍ୱାନ କରାଯାଇଛି। କେନ୍ଦୁଝର ଭଳି ଖଣିଜ ସମ୍ପଦଭରା ଜିଲ୍ଲାରୁ ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। କେବଳ ଓଡିଶାର ଖଣିଜ ସମ୍ପଦ ଲୁଟିବା ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା ବୋଲି ବର୍ତ୍ତମାନ ଜଣାପଡୁଛି। ଝାଡଖଣ୍ଡ ରାଜ୍ୟ ତାହାର ବକେୟା ରାଜସ୍ୱ ଆଦାୟ କରିପାରିଥିବା ବେଳେ ଓଡିଶା ୧ ଲକ୍ଷ କୋଟିରୁ ଅଧିକ ଟଙ୍କା କାହିଁକି ଆଦାୟ କରି ପାରୁନାହିଁ ବୋଲି ବିଜେଡି ପ୍ରଶ୍ନ କରିଛି।

ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଦାବିକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଅଗ୍ରାହ୍ୟ କରିବା ନେଇ ସରକାରଙ୍କୁ ଟାର୍ଗେଟ୍ କରିଛି କଂଗ୍ରେସ। ପିସିସି ଉପସଭାପତି ସନ୍ତୋଷ ସିଂହ ସାଲୁଜା କହିଛନ୍ତି, ମନ୍ତ୍ରୀ ଏପରି ଅଗ୍ରାହ୍ୟ କରିବା ଦୁର୍ଭାଗ୍ୟଜନକ। ଏହି ବିଲ୍ ପାରିତ ହୋଇଯିବା ଫଳରେ ରାଜ୍ୟ ପାଖାପାଖି ବାର୍ଷିକ ପ୍ରାୟ ୧୦ ହଜାର କୋଟିରୁ ଉର୍ଦ୍ଧ୍ୱ ରାଜସ୍ୱ ହରାଇବା ସହିତ ବକେୟା ରାଜସ୍ୱ ଲକ୍ଷାଧିକ କୋଟି ଟଙ୍କାର କ୍ଷତି ମଧ୍ୟ ସହିବାକୁ ପଡ଼ିବ। ଓଡ଼ିଆ ଅସ୍ମିତା ନାମରେ ଶାସନକୁ ଆସି ଓଡ଼ିଶାର ସମସ୍ତ ଧନସମ୍ପତ୍ତି, ଜଳ, ଜଙ୍ଗଲ, ଜମି, ଖଣିଖାଦାନ ଆଦିକୁ କେନ୍ଦ୍ର ସରକାର ହାତରେ ଟେକି ଦେଉଛନ୍ତି। ଏହି ବିଲ୍‌କୁ ପ୍ରତିରୋଧ କରିବା ଲାଗି ପିସିସି ସଭାପତିଙ୍କ ନେତୃତ୍ୱରେ କଂଗ୍ରେସ ତା'ର ରଣନୀତି ପ୍ରସ୍ତୁତ କରି ସାରିଛି। ରାଜଧାନୀରୁ ପଞ୍ଚାୟତ ପର୍ଯ୍ୟନ୍ତ ଧାରଣା, ପ୍ରଦର୍ଶନ କାର୍ଯ୍ୟକ୍ରମ ହେବ। ଆଗାମୀ ଦିନରେ ସମସ୍ତ ବିଜେପି ସାଂସଦଙ୍କ ଘର ମଧ୍ୟ ଘେରାଉ କରାଯିବ।

# ଆଞ୍ଚଳିକ ମନ୍ଥନ

ସୋମବାର,୨୪ ଅଗଷ୍ଟ ୨୦୨୬, ଭୁବନେଶ୍ୱର Monday,24 Aujust 2026, Bhubaneswar






## ଶିଶୁ ବାଟିକାର ମାତୃ ସମ୍ମିଳନୀ

ବୁଗୁଡା,୨୩।୮ :(ମନ୍ଥନ)ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶିଶୁ ବାଟିକା ପକ୍ଷରୁ ମାତୃ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ପ୍ରମୋଦ ଚନ୍ଦ୍ର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ମାତୃ ଭାରତୀ ନିର୍ଦ୍ଦେଶିକା ମଧୁସ୍ମିତା ପାଢୀ, ସମିତି ସମ୍ପାଦକ ବିଶ୍ୱ ମୋହନ ମିଶ୍ର ଓ କୋଷାଧକ୍ଷ ତ୍ରିଲୋଚନ ସାହୁ ପ୍ରମୁଖ ଯୋଗ ଦେଇ ମାର୍ଗ ଦର୍ଶନ କରିବା ସହ ଶିଶୁଙ୍କୁ ଗଢି ତୋଳିବାରେ ମାଆଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅରୁଣ, ଉଦୟ ଓ ପ୍ରଭାତ ବର୍ଗର ଶିଶୁମାନଙ୍କ ମାଆମାନେ ଯୋଗ ଦେଇଥିବା ବେଳେ ସେମାନଙ୍କ ଭାଷା ବିଜ୍ଞାନ, ଶାରୀରିକ, କାହାଣୀ ଓ ପ୍ରଦର୍ଶନୀ କାଳାଂଶ ହୋଇଥିଲା। ଶିଶୁ ବାଟିକା ପ୍ରମୁଖ ଗୁରୁମା ମମତା କୁମାରୀ ସାହୁଙ୍କ



ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁମା ସୁଜାତା ମହାପାତ୍ର, ରଶ୍ମିତା କୁମାରୀ ଜେନା, ଅର୍ଚ୍ଚନାମୟୀ ପାତ୍ର , ପାପା ବିଷୋୟୀ, ରାକ୍ଷୀ ସ୍ୱାଇଁ, ଦିପିକା ପାତ୍ର, ୟୁ.ଜୟଶ୍ରୀ ଦୋରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲା ବେଳେ ପ୍ରାରମ୍ଭରେ ପ୍ରଧାନାଚାର୍ଯ୍ୟ ଚଣ୍ଡି ପ୍ରସାଦ ବେହେରା ଅତିଥି ପରିଚୟ ପ୍ରଦାନ ଏବଂ ପରିଶେଷରେ ଆଚାର୍ଯ୍ୟ ପ୍ରତିନିଧି ଗୁରୁମା ସୁମତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ ସ୍ତରୀୟ ସାମାଜିକ ସୁରକ୍ଷା ଜନଶୁଣାଣି

କୋଦଲା, ୨୩।୮ :(ମନ୍ଥନ): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ଓ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଉପ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଉପସ୍ଥିତ ରହି ଜନଶୁଣାଣିର ଅଧକ୍ଷତା କରିଥିଲେ। ବେଗୁନିଆପଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ ସାମନ୍ତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ବେହେରା, ଯନ୍ତ୍ରୀ ପ୍ରଦୀପ ସାହୁ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ଉପାଧକ୍ଷ ସୁଧାକର ପ୍ରଧାନ, ଜିପିଓ ସୁଧୀର ପ୍ରଧାନ ମଞ୍ଚାସୀନ ଥିଲେ। ସରପଞ୍ଚ, ସମିତି ସଭ୍ୟ, ବନବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହ ଏହି ଯୋଜନାରେ ସଂଶ୍ଳିଷ୍ଟ ଥିବା ବିଭିନ୍ନ କର୍ମଚାରୀ ଉପସ୍ଥିତ ଥିଲେ। ଯଦିଓ ଏବେ ମନରେଗା ଯୋଜନାର ନାମ ପରିବର୍ତ୍ତନ ସହ ୧୦୦ ଦିନ ବଦଳରେ ୧୨୫ ଦିନ



ରୋଜଗାର ଆଇନ ଲାଗୁ ହୋଇଛି, କିନ୍ତୁ ପୂର୍ବରୁ ମନରେଗା ଯୋଜନାର ବିଭିନ୍ନ କାର୍ଯ୍ୟ ଶେଷ ହୋଇନି ଏବଂ ବିଲ୍ ବି ଅଟକି ରହିଛି। ଏଣୁ ଏ ସଂପର୍କରେ ଅଭିଯୋଗ ଆଗତ ହୋଇଥିଲା। ବିଭିନ୍ନ ପଞ୍ଚାୟତରେ ମନରେଗା ମେଟେରିଆଲ ବିଲ୍ ପାସ୍ ହୋଇ ନଥିବା ଅଭିଯୋଗ ହୋଇଛି। ସେହିପରି ବ୍ଲକର ବିଭିନ୍ନ ପଞ୍ଚାୟତରେ ବର୍ତ୍ତମାନ ଚାଲିଥିବା ଭିବି-ଜି-ରାମ-ଜି ଯୋଜନା ଦିଗହରା ଅଭିଯୋଗ କରିଛନ୍ତି କାଳିମେଘି ସରପଞ୍ଚ ଅର୍ଚ୍ଚନା ତ୍ରିପାଠୀ।ଶ୍ରମିକଙ୍କ ଫଟୋ ଉଠାଇ ମିଥ୍ୟା ଶ୍ରମିକ ନାମରେ ବିଲ୍ କରାଯାଉଥିବା କହିଥିଲେ ଶ୍ରୀମତୀ ତ୍ରିପାଠୀ। ଏବଂସେପଟେ ସରପଞ୍ଚ ମାନଙ୍କୁ ନଜଣାଇ କାମ ହେଉଥିବା ଅଭିଯୋଗ କରିଥିଲେ ଖଣ୍ଡିଆନଈ ସରପଞ୍ଚ ପଙ୍କଜ ସେଠୀ। ମୃତ୍ତିକା ସଂରକ୍ଷଣ ବିଭାଗର ବେପରୁଆ କାର୍ଯ୍ୟକୁ ନେଇ ଉଦବେଗ ପ୍ରକାଶ ପାଇଥିଲା। ସମସ୍ତ ଅଭିଯୋଗକୁ ଗୁରୁତ୍ୱ ଦିଆଯିବା ସହ ପଦକ୍ଷେପ ନେବାକୁ କହିଥିଲେ ଛତ୍ରପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆସିଥିବା ଡେପୁଟି କଲେକ୍ଟର ଲକ୍ଷ୍ମୀ ପ୍ରସନ୍ନ ଦୋରା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା) ସାମାଜିକ ଜନଶୁଣାଣି ବା ସାମାଜିକ ସମୀକ୍ଷା ହେଉଛି ଏକ ସ୍ୱଚ୍ଛତା ପ୍ରକ୍ରିୟା। ଏହା ଜରିଆରେ ଗ୍ରାମପଞ୍ଚାୟତ ସ୍ତରରେ ହୋଇଥିବା କାମ, ଖର୍ଚ୍ଚ ହୋଇଥିବା ଅର୍ଥ ଏବଂ ଶ୍ରମିକଙ୍କ ପାରିଶ୍ରମିକ ଆଦିର ସମୀକ୍ଷା କରାଯାଇ ବ୍ଲକ କିମ୍ବା ଜିଲ୍ଲା ସ୍ତରରେ ଜନସାଧାରଣଙ୍କ ସାମ୍ନାରେ ଶୁଣାଣି କରାଯାଇଥାଏ।ସାମାଜିକ ଜନଶୁଣାଣିରଯୋଜନାରେ ହୋଇଥିବା ଦୁର୍ନୀତି ଏବଂ ଅନିୟମିତତାକୁ ରୋକିବା।ବାସ୍ତବ ସ୍ଥିତି ଯାଞ୍ଚ, କାଗଜପତ୍ରରେ ଥିବା ହିସାବ ଏବଂଜମିମାଳରେ ହୋଇଥିବା କାମର ତୁଳନା କରିବା।ଜବ୍ କାର୍ଡଧାରୀ ଏବଂ ସାଧାରଣ ଲୋକଙ୍କୁ ସେମାନଙ୍କ ଅଧିକାର ଓ ଖର୍ଚ୍ଚ ସମ୍ପର୍କରେ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ଉଦେଶ୍ୟ ହୋଇଥିବା ବେଳେ ବାସ୍ତବରେ ଏହି ଜନଶୁଣାଣି ରେ ଏସବୁ ଦେଖିବାକୁ ମିଳିନାହିଁ। ଚିରାଚରିତ ଢଙ୍ଗରେ ଏଭଳି କାର୍ଯ୍ୟକ୍ରମ ହୋଇଥିବା ପରିଲକ୍ଷିତ ହୋଇଛି।

## ବ୍ୟବସାୟୀ ହାଜି ମିର ରହେମତ ଅଲ୍ଲୀଙ୍କ ବିୟୋଗ

କେନ୍ଦ୍ରାପଡ଼ା,୨୩।୮ :(ମନ୍ଥନ) କେନ୍ଦ୍ରାପଡା ସହରର ବିଶିଷ୍ଟ ବ୍ୟବସାୟୀ ହାଜି ମିର୍ ରହେମତ ଅଲ୍ଲୀଙ୍କ ୮୨ବର୍ଷ ବୟସରେ ବିୟୋଗ ହୋଇଯାଇଛି । ତାଙ୍କ ବିୟୋଗ ଖବର ପାଇ ଜିଲ୍ଲାର ମାନ୍ୟଗଣ୍ୟ ବ୍ୟକ୍ତି ଗରାପୁରସ୍ଥିତ ତାଙ୍କ ବାସସ୍ଥାନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ସ୍ୱର୍ଗତ ଅଲ୍ଲୀଙ୍କ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ଶୁକ୍ରବାର ବିଳମ୍ବିତ ରାତିରେ ଦେହାନ୍ତ ହୋଇଯାଇଥିଲା । ହାଜି ରହେମତ କେନ୍ଦ୍ରାପଡା ସହରରେ ମୟୂରୀ ଗ୍ରୁପ ବ୍ୟବସାୟ ପ୍ରତିଷ୍ଠାନ ପ୍ରତିଷ୍ଠାକରି ବ୍ୟବସାୟ କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିଥିଲେ । ଜିଲ୍ଲାରେ ବିଭିନ୍ନ ସ୍ଥାନରେ ମଦ୍ରାସା ପ୍ରତିଷ୍ଠା କରି ସେଥିରେ ଶହ ଶହ ଗରିବ ପିଲାମାନଙ୍କୁ ଶିକ୍ଷାକ୍ଷେତ୍ରରେ ସଂପୂର୍ଣ୍ଣ ସହଯୋଗ କରୁଥିଲେ । ଜୀବନରେ ସେ ୫ଥର ହଜ୍ କରି ସମାଜକୁ ସତ୍ୟ, ଶାନ୍ତି, କ୍ଷମାର ବାର୍ତ୍ତା ଦେଇଥିଲେ ।

## ପାରାଦୀପ ମହାବିଦ୍ୟାଳୟରେ ଇନୋଭେସନ ଓ ଷ୍ଟାର୍ଟଅପ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,୨୩।୮ :(ମନ୍ଥନ)ପାରାଦୀପ ମହାବିଦ୍ୟାଳୟରେ ଇନୋଭେସନ ଓ ଷ୍ଟାର୍ଟଅପ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଗତସିଂହପୁର ଜିଲ୍ଲା ନିଯୁକ୍ତି ଅଧିକାରୀ ଅଜିତ ଉତ୍ତରାୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ନବ ସୃଜନ ଚିନ୍ତାଧାରା ରଖିଲେ ସେମାନେ ଜୀବନରେ ଉନ୍ନତି କରିପାରିବେ ବୋଲି ନିଜର ବକ୍ତବ୍ୟ ରଖିଥିଲେ ।ଉକ୍ତ କାର୍ଯ୍ୟକ୍ରମ ରେ ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ. ସସ୍ମିତା ଶତପଥୀ ସଭାରେ ପୌରୋହିତ୍ୟ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଅଧାପକ ସଂଗ୍ରାମ କେଶରୀ



ପରିଡ଼ା, ଆଲୁମିନି ଡଃ.ପ୍ରଶାନ୍ତ କୁମାର ମହାପାତ୍ର ଓ ଯୁବ ଉଦ୍ୟୋଗୀ ଇଞ୍ଜିନିୟର ଦୀପକ କୁମାର ଷଡ଼ଙ୍ଗୀ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପ୍ରକଳ୍ପକୁ ମୂଲ୍ୟାୟନ କରିଥିଲେ । ଛାତ୍ରଛାତ୍ରୀ ମାନେ ନୂତନ ଚିନ୍ତାଧାରା ସହିତ ଭାବନା ଉଚ୍ଚକୋଟୀର କଲେ ଜଣେ ଷ୍ଟାର୍ଟଅପରେ ସଫଳ ହୋଇପାରିବ ବୋଲି ଇଂରାଜୀ ବିଭାଗୀୟ ମୁଖ୍ୟ ଅଧାପକ ଗଣେଶ୍ୱର ପାତ୍ର କହିଥିଲେ ।ଏହି କାର୍ଯ୍ୟକ୍ରମକୁ ପାରାଦୀପ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ଅଧାପକ ସୁବ୍ରଥ ରଞ୍ଜନ ସଂଯୋଜନା କରିଥିଲାବେଳେ ପ୍ରକଳ୍ପ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ ଉତ୍ସବକୁ ଇଂରାଜୀ ଅଧାପକ ଜୀବନାନନ୍ଦ ଦାସ ପରିଚାଳନା କରିଥିଲେ । ଏଥିରେ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଓ ବହୁ ଅଧାପକ ଅଧାପିକା ଉପସ୍ଥିତ ଥିଲେ । ଶେଷରେ ଶିକ୍ଷା ବିଭାଗର ମୁଖ୍ୟ ଅଧାପିକା ସୌମ୍ୟା ପ୍ରିରାଟସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍କୁଲ ସୁରକ୍ଷା ସପ୍ତାହ ପାଳିତ

ବଲାଙ୍ଗୀର,୨୩।୮ :(ମନ୍ଥନ) ସ୍ଥାନୀୟ ଗାନ୍ଧୀନଗର ପଡ଼ା ସ୍ଥିତ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ସଚେତନତାମୂଳକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସ୍କୁଲ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ ଙ୍କ ମାର୍ଗଦର୍ଶନରେ ରେ ତଥା ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ସ୍ୱରୂପାମଞ୍ଜରୀ ସାମନ୍ତରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କ ମଧ୍ୟରେ ବିଦ୍ୟାଳୟ ସୁରକ୍ଷା,ସାଇବର ସୁରକ୍ଷା,ପରିବେଶ ସୁରକ୍ଷା ଓ ଦାୟିତ୍ୱବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା।ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଏକ ସଚେତନତା ରାଲି ବାହାର କରାଯାଇଥିଲା।ଶିକ୍ଷୟତ୍ରୀ ନୂତନ ନାୟକ,ଯାଜ୍ଞସିନୀ ମହାପାତ୍ର,ଅଂଶୁ ସାହାଣୀ,ପ୍ରିୟମ୍ବଦା ଦେବ,ନମିତା କର,ସବିତା ମିଶ୍ର,ରଶ୍ମିତା ଦାଶ,ସୌମ୍ୟାଶ୍ରୀ ସାହୁ, ସୋମନାଞ୍ଜଳି ସାହୁ,ଧାରାଶ୍ରୀ ଧିମହୀ ବେହେରା,ସଂଗୀତା ସାହୁ,ବିନ୍ଦୁରେଖା ସାହୁ,ଲିଲି ଭୋଇ,ଦୀପ୍ତି ବେହେରା ଓ ଶିକ୍ଷକ ରଞ୍ଜିତ ମିଶ୍ର,ହରି ଖେତୀ,ସୁରେଶ ବାରିକଙ୍କ ସହ ଛାତ୍ରୀମାନେ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଦେଇ ଲୋକଙ୍କୁ ବିଦ୍ୟାଳୟ ସୁରକ୍ଷା ଓ ସୁରକ୍ଷିତ ଆଚରଣ ସମ୍ପର୍କରେ ସଚେତନ କରିଥିଲେ।ରାଲିରେ ଛାତ୍ରୀମାନଙ୍କ ଉତ୍ସାହ ଓ ଶୃଙ୍ଖଳା ଦେଖିବାକୁ ମିଳିଥିଲା।ଏହି ଅବସରରେ ବଲାଙ୍ଗୀର ପୁଲିସ ପକ୍ଷରୁ ଛାତ୍ରୀମାନଙ୍କୁ ସାଇବର ସୁରକ୍ଷା ଓ ବିଦ୍ୟାଳୟ ସୁରକ୍ଷା ସମ୍ପର୍କରେ ସଚେତନ



କରାଯାଇଥିଲା।ବିଶେଷକରି ଅନଲାଇନ୍ ଠକେଇ,ଅଜଣା ଲିଙ୍କରେ କ୍ଲିକ୍ ନ କରିବା,ବ୍ୟକ୍ତିଗତ ତଥ୍ୟ ଓ ପାସୱାର୍ଡ କାହା ସହିତ ଅନାବଶ୍ୟକ ଭାବେ ଅଂଶୀଦାର ନ କରିବା ଏବଂ ସୋସିଆଲ୍ ମିଡିଆର ସୁରକ୍ଷିତ ବ୍ୟବହାର ନେଇ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା।ବଲାଙ୍ଗୀର ପୋଲିସ ପକ୍ଷରୁ ସାଇବର କ୍ରାଇମ ର ଆଇଆଇସି ଭାରତୀ ନାଏକ ଓ ଏସଆଇ ବୈଦୁର୍ଯ୍ୟ ପଧାନ ସାଇବର ସୁରକ୍ଷାର ଗୁରୁତ୍ୱ ଉପରେ ଶିକ୍ଷାଦାନ କରି କହିଥିଲେ ଯେ,ଆଜିର ଡିଜିଟାଲ୍ ଯୁଗରେ ଇଣ୍ଟରନେଟ୍‌ର ସୁବିଧା ସହିତ ଏହାର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ଜାଣିବା ମଧ୍ୟ ଅତ୍ୟନ୍ତ ଆବଶ୍ୟକ।ଅଜଣା ବ୍ୟକ୍ତିଙ୍କ ମେସେଜ୍,ଫୋନ୍ କଲ୍ କିମ୍ବା ଲିଙ୍କ୍ ଉପରେ ବିଶ୍ୱାସ ନ କରିବା, ଓଟିପି,ପାସୱାର୍ଡ ଓ ବ୍ୟକ୍ତିଗତ ସୂଚନା କାହାକୁ ନ ଦେବା ଏବଂ କୌଣସି ସନ୍ଦେହଜନକ ଘଟଣା ଘଟିଲେ ଅଭିଭାବକ,ଶିକ୍ଷକ କିମ୍ବା ସମ୍ପୃକ୍ତ ଅଧିକାରୀଙ୍କୁ ତୁରନ୍ତ ଜଣାଇବାକୁ ସେମାନେ ଛାତ୍ରୀମାନଙ୍କୁ ପରାମର୍ଶ ଦେବା ସହ ସାଇବର ସଚେତନତା ହିଁ ଡିଜିଟାଲ୍ ସୁରକ୍ଷାର ପ୍ରଥମ ପଦକ୍ଷେପ ବୋଲି ନିଜ ବକ୍ତବ୍ୟରେ କହିଥିଲେ।ସପ୍ତାହର ଶେଷ ଦିନରେ ବିଦ୍ୟାଳୟ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ବିଦ୍ୟାଳୟ ର ଶିକ୍ଷୟତ୍ରୀ ଲିଜାରାଣୀ ସାହୁ ଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ।ଛାତ୍ରୀମାନେ ବିଦ୍ୟାଳୟ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ପରିବେଷଣ କରି ସୁରକ୍ଷିତ ବିଦ୍ୟାଳୟ ପରିବେଶର ବାର୍ତ୍ତା ଦେଇଥିଲେ।ଏହା ସହିତ ବିଦ୍ୟାଳୟ ପରିବେଶକୁ ପରିଷ୍କାର ଓ ସୁନ୍ଦର ରଖିବା ପାଇଁ ଛାତ୍ରୀମାନଙ୍କୁ ପ୍ରେରିତ କରାଯାଇଥିଲା।ସପ୍ତାହବ୍ୟାପୀ ବିଭିନ୍ନ ପ୍ରକାର ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା।

## ଟାଟା ଷ୍ଟିଲ୍ ଫାଉଣ୍ଡେସନର ଗ୍ରାସରୁଟ୍ ଫୁଟବଲ୍ ତାଲିମ କେନ୍ଦ୍ରର ୫ ଜଣ ଖେଳାଳି ସାମିଲ

କଳିଙ୍ଗନଗର,୨୩।୮ :(ମନ୍ଥନ) ଆଗାମୀ ୧୭ ବର୍ଷରୁ କମ୍ ଜାତୀୟ ଫୁଟବଲ ପ୍ରତିଯୋଗିତା ପାଇଁ ଓଡ଼ିଶା ରାଜ୍ୟ ଦଳରେ ଯାଜପୁରର ୮ ଜଣ ପ୍ରତିଭାବାନ ଯୁବ ଖେଳାଳି ସ୍ଥାନ ପାଇଛନ୍ତି। ଏହି ସଫଳତା ସହ ଯାଜପୁର ରାଜ୍ୟ ଫୁଟବଲ କ୍ଷେତ୍ରରେ ଏକ ନୂତନ ଶକ୍ତିକେନ୍ଦ୍ର ଭାବେ ଉଭା ହୋଇଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ୍)ର ସୁବ୍ୟବସ୍ଥିତ ତାଲିମ ଏବଂ ତୃଣମୂଳ ସ୍ତରରେ କ୍ରୀଡ଼ା ବିକାଶ ଯୋଗୁଁ ଏହି ବଡ଼ ସଫଳତା ମିଳିପାରିଛି ।ମନୋନୀତ ହୋଇଥିବା ୮ ଜଣ ଖେଳାଳିଙ୍କ ମଧ୍ୟରୁ ୫ ଜଣ ଟିଏସଏଫର ତୃଣମୂଳ ଫୁଟବଲ ତାଲିମ କେନ୍ଦ୍ରରେ ଖେଳାଳି । ନିଜର ଉତ୍କୃଷ୍ଟ କୌଶଳ, ଶୃଙ୍ଖଳା ଓ କଠିନ ପରିଶ୍ରମ ବଳରେ ରାଜ୍ୟ ଦଳରେ ସ୍ଥାନ ପକ୍କା କରିଥିବା ଏହି ଖେଳାଳିମାନେ ହେଲେ,



ସୁକିନ୍ଦାର ପ୍ରେମଚାନ୍ଦ ଏବଂ ଲକ୍ଷ୍ମଣ ମାଝୀ ଶାଳବଣିଆ, ବ୍ରାହ୍ମଣୀପାଳର ଲକି ଟୁଡୁ, କଳିଙ୍ଗନଗରର ମଙ୍ଗଳ ବେସ୍ରା ଏବଂ ସିରକା ଗାଗରାଇ। ସ୍ଥାନୀୟ ପ୍ରତିଭାଙ୍କୁ ଚିହ୍ନଟ କରି, ଉପଯୁକ୍ତ ତାଲିମ ଦେଇ ଉଚ୍ଚସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାରେ ଟିଏସଏଫର ପ୍ରୟାସ ଏବେ ସଫଳ ହେଉଥିବା ଦର୍ଶାଉଛି ।କଳିଙ୍ଗନଗର, ସୁକିନ୍ଦା ଓ ବ୍ରାହ୍ମଣୀପାଳ ସମେତ ସମଗ୍ର ଯାଜପୁର ଜିଲ୍ଲାରେ ୨୦୧୨ ମସିହାରୁ ଆରମ୍ଭ ହୋଇଥିବା ଏହି ତୃଣମୂଳ ଫୁଟବଲ କାର୍ଯ୍ୟକ୍ରମ ମାଧ୍ୟମରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ଗ୍ରାମୀଣ ତଥା ଆଦିବାସୀ ଯୁବପିଢ଼ିଙ୍କୁ ଉନ୍ନତ ପ୍ରଶିକ୍ଷଣ ଓ ପ୍ରତିଯୋଗିତାମୂଳକ ସୁଯୋଗ ଯୋଗାଇ ଦେଉଛି। ସ୍ଥାନୀୟ ପ୍ରତିଭାଙ୍କୁ ରାଜ୍ୟ ସ୍ତରର ମଞ୍ଚ ସହ ଯୋଡ଼ି ଏହି ଅଭିଯାନ ଓଡ଼ିଶାର ଉଦୀୟମାନ ଖେଳାଳିଙ୍କ ସ୍ୱପ୍ନକୁ ସାକାର କରିଚାଲିଛି।

## ପତ୍ରାପାଲି ରେ ସପ୍ତାହ ବ୍ୟାପୀ ଭାଗବତ ପାଠ ଏବଂ ସତସଙ୍ଗ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କୁଚିଣ୍ଡା,୨୩।୮ :(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପତ୍ରାପାଲି ଗ୍ରାମରେ ଆଗାମୀ ସେପ୍ଟେମ୍ବର ୧୯ ରାଧାଷ୍ଟମୀ ଠାରୁ ଭାଦ୍ରବ ପୂର୍ଣ୍ଣିମା ୨୬ ତାରିଖ ପର୍ଯ୍ୟନ୍ତ ଠାକୁର ଶ୍ରୀଶ୍ରୀ କେଶବ ଚନ୍ଦ୍ର ଙ୍କ ଆବିର୍ଭାବ ମହୋତ୍ସବ ସାପ୍ତାହ ବ୍ୟାପୀ ଭାଗବତ ପାଠ ଏବଂ ସାତ ଦିନ ଧରି ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଛି।ଏହି ପରିପ୍ରେକ୍ଷିରେ ଶୁକ୍ରବାର ସନ୍ଧ୍ୟାରେ ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ କ୍ଷିତିଜ୍ୟୋତି ଆଶ୍ରମ ସ୍ୱର୍ଣ୍ଣକ୍ଷେତ୍ର ମାହାଙ୍ଗା କଟକ ଆନୁକୂଲ୍ୟରେ ପତ୍ରାପାଲି ଶାଖା ଠାରେ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ଶାଖା ପରିଚାଳକ ଅଭିମନ୍ୟୁ ବୁଡା ଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସହ ପରିଚାଳକ ଯଦୁମଣି କୁସୁମ,ପୂଜକ ସତ୍ୟନାରାୟଣ ବୁଡା,ସଂଗଠିକା ସୁମିତ୍ରା କୁସୁମ,ମିନା ସହଂସିଆ, ରାଜେନ୍ଦ୍ର ଛଚ୍ଛାନ,ଯଶପାଲ ସିଂ,ପ୍ରଶାନ୍ତ କୁସୁମ,କେଦାର ସୁନାନୀ, ରିଙ୍କୁ କୁସୁମ,ସିଲୁ ସୁନାନୀ, ମନ୍ଦାକିନୀ କୁସୁମ, କୌଶଲ୍ୟା କୁସୁମ ପ୍ରମୁଖଙ୍କ ସମେତ ପଡାବାସୀ ସାମିଲ ହୋଇଥିଲେ।

## ବେଆଇନ ଭାବେ ରଖାଯାଇଥିବା ୬୭ ଗୋଟି ଶାଳ କାଠ ଜବତ

ରାୟଗଡ ,୨୩।୮ :(ମନ୍ଥନ)ବନଖଣ୍ଡ ଅଧିକାରୀ , ରାୟଗଡା ଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ଅନିଲ କୁମାର ପାଣିଗ୍ରାହୀ , ବନାଞ୍ଚଳ ଅଧିକାରୀ , ରାୟଗଡ ଙ୍କ ନେତୃତ୍ୱ ରେ ରାୟଗଡ ବନାଞ୍ଚଳ ର ସମସ୍ତ ବନ କର୍ମଚାରୀ କୋମତାଲପେଟା ସେକ୍ସନ ଅଧିନସ୍ଥ ଡୋକୁଲୁଗୁଡା ଗ୍ରାମରେ ବେଆଇନ ଭାବରେ ଗଚ୍ଛିତ ରଖାଯାଇଥିବା କାଠ ବିଷୟରେ ତଦନ୍ତ କରି କିଛି ଘରେ ଚଢାଉ କରିଥିଲେ । ଏହି ଚଢାଉ ରେ ଡୋକୁଲୁଗୁଡା ଗ୍ରାମର କେ ଶ୍ରୀନିବାସ , ଗୌରୀ ଶଙ୍କର ଚିକାଟୀ ଓ ବିବେକ ରାଓ କାଲାଗାରା ଙ୍କ ଘରେ ଚଢାଉ କରଯାଇଥିଲା । ଏହି ଚଢାଉ ରେ କେ ଶ୍ରୀନିବାସ ଘରେ ବେଆଇନ ଭାବେ ରଖାଯାଇଥିବା ୬୭ ଗୋଟି ଶାଳ ସାଇଜ ,



ଗୌରୀ ଶଙ୍କର ଚିକାଟୀ ଘରେ ୬୬ ଗୋଟି ଶାଳ ସାଇଜ ଓ ପଟା। ଓ ବିବେକ ରାଓ କାଲାଗାରା ଙ୍କ ଘରେ ୫୬ ଗୋଟି ଶାଳ , ପିଆଶାଳ ଓ ଶାଗୁଆନ ସାଇଜ ଜବତ କରଯାଇଥିଲା । ସେମାନେ କୌଣସି ବିଭାଗୀୟ କାଗଜ ଦେଖାଇ ପାରିନଥିଲେ ଓ ସେମାନେ ସ୍ୱୀକାର କରିଲେ ଯେ ସେମାନେ ବେଆଇନ ଭାବେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ରୁ ଗଛ କାଟି ଆଣିଥିଲେ । ଉପରୋକ୍ତ ଅପରାଧ ସକାଶେ ସେମାନଙ୍କୁ ଶ୍ରୀ ଅନନ୍ତ ହେମ ଚରଣ ବେହେରା , ବନପାଳ , କୋମତାଲପେଟା ଗିରଫ କରିଥିଲେ ଓ କାଠ ଗୁଡିକୁ ଜବତ କରିଥିଲେ । ଏହି ଜବତ କାଠ ର ଆନୁମାନିକ ବଜାର ର ମୂଲ୍ୟ ଟଙ୍କା - ୩୦୦୦୦୦.୦୦ ହେବ । ଏହି ଚଢାଉ ରେ ରାୟଗଡ ସେକ୍ସନ ର ବନପାଳ ଶ୍ରୀ ଗୌରୀ ଶଙ୍କର ସାହୁ , ଶ୍ରୀମତୀ ପଦ୍ମାବତୀ ପାଢୀ , ବନପାଳ ଓ ରାୟଗଡ ବନାଞ୍ଚଳ ର ଅନ୍ୟ କର୍ମଚାରୀ ଯୋଗଦାନ କରିଥିଲେ ।

## ବ୍ୟାଙ୍କ ଅଫ୍ ଇଣ୍ଡିଆରେ ବଡ଼ଧରଣର ଲୁଟ୍ ଉଦ୍ୟମ ବିଫଳ

ଯୋଡ଼ା, ୨୩।୮ :(ମନ୍ଥନ) କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ କଣ୍ଡରାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ବଡ଼ଧରଣର ଲୁଟ୍ ଉଦ୍ୟମ ଜଣାପଡ଼ିଛି। ଚାରିଜଣ ଦୁର୍ବୃତ୍ତ ବ୍ୟାଙ୍କର ପଛପଟ ଝରକାର ଲୁହା ଗ୍ରିଲ୍ କାଟି ଭିତରକୁ ପ୍ରବେଶ କରିଥିଲେ। ତେବେ ଦୁର୍ବୃତ୍ତମାନେ ବ୍ୟାଙ୍କର ମୁଖ୍ୟ ଲକର୍ ଅଥବା ଟଙ୍କା ରଖାଯାଇଥିବା ସ୍ଥାନରେ ପହଞ୍ଚି ପାରିନଥିବାରୁ ବଡ଼ଧରଣର ଚୋରିରୁ ବ୍ୟାଙ୍କ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧ଟା ୩୦ ପରେ ୪ ଜଣ ଦୁର୍ବୃତ୍ତ ବ୍ୟାଙ୍କର ପଛପଟକୁ ଯାଇ ଝରକାର ଗ୍ରିଲ୍ କାଟି ଭିତରକୁ ପଶିଥିଲେ। ବ୍ୟାଙ୍କ ଭିତରେ ଥିବା ବିଭିନ୍ନ ଜିନିଷପତ୍ର ଖୋଜାଖୋଜି କରିବା ସହ ତାହାକୁ ଏଣେତେଣେ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ତେବେ ଦୁର୍ବୃତ୍ତମାନେ ମୁଖ୍ୟ ଲକର୍ ନିକଟରେ ପହଞ୍ଚି ପାରିନଥିବାରୁ ଟଙ୍କା କିମ୍ବା ଅନ୍ୟ କୌଣସି ମୂଲ୍ୟବାନ ସାମଗ୍ରୀ ଲୁଟ୍ ହୋଇନଥିବା ପ୍ରାଥମିକ ଭାବେ ଜଣାପଡ଼ିଛି।ଶନିବାର ସକାଳେ ବ୍ୟାଙ୍କ ଖୋଲିବା ପରେ ଝରକା ଭଙ୍ଗାଯାଇଥିବା ଏବଂ ବ୍ୟାଙ୍କ ଭିତରେ ଜିନିଷପତ୍ର ଅସଜଡ଼ା ଅବସ୍ଥାରେ ପଡ଼ିଥିବା ବ୍ୟାଙ୍କ କର୍ମଚାରୀମାନେ ଦେଖିଥିଲେ। ଏନେଇ ଶାଖା ପରିଚାଳକ ବିଶ୍ୱଜିତ ମାଝୀ ତୁରନ୍ତ ଯୋଡ଼ା ପୋଲିସକୁ ସୂଚନା ଦେଇଥିଲେ।ଖବର ପାଇ ଯୋଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବ୍ୟାଙ୍କ ପରିସର ସମେତ ଆଖପାଖ ଅଞ୍ଚଳରେ ତଦନ୍ତ ଆରମ୍ଭ କରିଛି। ପୋଲିସ ପକ୍ଷରୁ ବ୍ୟାଙ୍କର ସିସିଟିଭି କ୍ୟାମେରା ଫୁଟେଜ୍ ? ଯାଞ୍ଚ କରାଯିବା ସହ ଘଟଣା ସମ୍ପର୍କିତ ଅନ୍ୟାନ୍ୟ ତଥ୍ୟ ଓ ପ୍ରମାଣ ସଂଗ୍ରହ କରାଯାଉଛି। ଦୁର୍ବୃତ୍ତମାନଙ୍କ ଗତିବିଧି, ପରିଚୟ ଏବଂ ସେମାନେ କେଉଁ ଦିଗକୁ ଯାଇଥିଲେ, ସେନେଇ ମଧ ତଦନ୍ତ ଚାଲିଛି।ଅନ୍ୟପକ୍ଷରେ, ଖଣି ଅଞ୍ଚଳରେ ନିକଟ ଅତୀତରେ ଦୁଇଟି ବଡ଼ଧରଣର ବ୍ୟାଙ୍କ ଲୁଟ୍ ଘଟଣା ଘଟିଥିବା ବେଳେ କଣ୍ଡରା ବ୍ୟାଙ୍କରେ ଲୁଟ୍ ଉଦ୍ୟମ ଘଟଣା ସାଧାରଣ ଲୋକଙ୍କ ମନରେ ଆତଙ୍କ



ସୃଷ୍ଟି କରିଛି। ବିଶେଷକରି ରାତି ସମୟରେ ବ୍ୟାଙ୍କ ପରିସରର ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ ପ୍ରଶ୍ନ ଉଠିଛି। ତେବେ ରାତ୍ରିକାଳୀନ ସୁରକ୍ଷା ବ୍ୟବସ୍ଥାରେ ବ୍ୟାଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା ର ସୁବିଧା ନ ଥିବା ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି।କଣ୍ଡରା ବ୍ୟାଙ୍କଠାରୁ ଝାଡ଼ଖଣ୍ଡ ସୀମା ମାତ୍ର ପ୍ରାୟ ୭ କିଲୋମିଟର ଦୂରରେ ଥିବାରୁ ଏହି ଘଟଣାରେ କୌଣସି ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍ ?ର ସମ୍ପୃକ୍ତି ରହିଛି କି ନାହିଁ, ସେ ଦିଗକୁ ମଧ ପୋଲିସ ତଦନ୍ତ କରୁଛି। ଘଟଣାର ତଦନ୍ତ ଜାରି ରହିଥିବା ଯୋଡ଼ା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ସୂଚନା ଦେଇଛନ୍ତି।

## ବିଜିଡି କଲେଜ କେଶାଇବାହାଲରେ ଶକ୍ତିଶ୍ରୀ ସଚେତନତା କର୍ମଶାଳା

କୁଚିଣ୍ଡା,୨୩।୮ :(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ କେଶାଇବାହାଲ ବିଜିଡି କଲେଜର ଅଧକ୍ଷ ଦୟାସାଗର ପ୍ରଧାନ ଙ୍କ ପୌରହିତ୍ୟ ରେ ଶକ୍ତିଶ୍ରୀ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଅଧକ୍ଷ ଦୟାସାଗର ପ୍ରଧାନ ଉଦଘାଟନ କରି ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ଓ ତାଲିମ ମାଧ୍ୟମରେ ଶାରୀରିକ ଓ ମାନସିକ ସ୍ତରରେ ସଶକ୍ତ ହେବାକୁ ଆହ୍ୱାନ ଦେଇଥିଲେ । ଶକ୍ତିଶ୍ରୀ ସଂଯୋଜିକା ଶ୍ରୁଶ୍ରୀ ଯଶୋଦା ମାଝୀ ଶକ୍ତିଶ୍ରୀ ମୋବାଇଲ ଆପ ମାଧ୍ୟମରେ କେମିତି ରେଜିଷ୍ଟ୍ରେସନ କରାଯିବ ବୁଝାଇଥିଲେ ଓ ଏହାର ଉପାଦେୟତା ଓ ମହତ୍ୱ ବିଷୟରେ ନିଜର ଜୀବନରେ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଅଧାପକ ଶ୍ରୀଯୁକ୍ତ ହରେଶ କୁମାର ସାହୁ ପରିଚାଳନା କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ଆନ୍ତରୀଣ



ଅଭିଯୋଗ କମିଟିର ଅଧକ୍ଷା ଶ୍ରୀମତୀ ମନୋରମା ପଟେଲ ଉଦବୋଧନ ଦେଇଥିଲେ ଓ କୌଣସି ଅପ୍ରିତିକର ପରିସ୍ଥିତିରେ ଛାତ୍ରୀମାନଙ୍କୁ କମିଟି ନିକଟରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ଅଧାପକ ଶ୍ରୀଯୁକ ବିନୋଦବିହାରୀ ପୃଷ୍ଟି, ଅଧାପିକା ନମିତା ନାଏକ, ଅଞ୍ଜଳି ପଟେଲ ଓ ମହାବିଦ୍ୟାଳୟର କର୍ମଚାରୀ ସ୍ୱାଗତ ପଟେଲ, ରୋଶନ ପଟେଲ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମୁଦାୟ ୨୦୦ ଜଣ ଛାତ୍ରୀ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ଓ ଶେଷରେ ଅଧାପକ ବିନୋଦ ବିହାରୀ ପୃସେଠ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶେଷରେ ସଭାକୁ ସାଙ୍ଗ କରାଯାଇଥିଲା ।

## ଲୁଟ୍ ପାଇଁ ଛେନା ବ୍ୟବସାୟୀଙ୍କୁ ଆକ୍ରମଣ, ଉପସ୍ଥିତ ବୁଦ୍ଧି ଯୋଗୁଁ ଲୁଟେରାଙ୍କ କବଳରୁ ବର୍ତ୍ତିଲେ ବ୍ୟବସାୟୀ

ଗୋପ, ୨୩।୮ :(ମନ୍ଥନ) ରାମଚଣ୍ଡୀ ଥାନା ଅଧୀନ ଲିଅଖିଆ ସେତୁ ନିକଟରେ ଲୁଟ୍ ଉଦେଶ୍ୟରେ ଛେନା ବେପାରୀଙ୍କୁ ଆକ୍ରମଣ ହୋଇଥିବା ଜଣାପଡିଛି। ସୂଚନାରୁ ଜଣାପଡ଼ ?କି କୋଣାର୍କ ଥାନା ଅଧିନ ଦଣ୍ଡାସାହି ଗ୍ରାମର ବିର ବେହେରା (୫୩ ବର୍ଷ) ସବୁଦିନ ପରି ପୁରୀରୁ ଛେନା ବେପାର ସାରି ଶୁକ୍ରବାର ରାତ୍ରରେ ନିଜ ଏକ୍ସଲ ଗାଡ଼ି ନମ୍ବର ଓଡ଼ି - ୧୩- ଏକ୍ସ - ୫୮୨୦ରେ ଘରକୁ ଫେରୁଥିବା ବେଳେ ଲିଆଖିଆ ସେତୁ ନିକଟରେ କିଛି ଦୁର୍ବୃତ୍ତ ତାଙ୍କୁ ଧାରୁଆ ଛୁରୀ ଦେଖାଇ ଭୟଭୀତ କରି ଲୁଟ୍ ଉଦ୍ୟମ କରିବାରେ ସେ ଜୀବନ ବଞ୍ଚାଇବା ପାଇଁ ବିକଳରେ ଗାଡ଼ିରୁ ଡେଇଁ ପଡ଼ିଥିଲେ। ତଳେ ଥିବା କଣ୍ଟା ବଣରେ ପଡ଼ି ଯାଇଥିଲେ।ସ୍ଥାନୀୟ ମସ୍ଛୀବୀମାନେ ତାଙ୍କୁ ଉଦ୍ଧାର କରି ଟିକନା ଗ୍ରାମର ଛକକୁ ଆଣି ଥିଲେ। ଟିକନା ଗ୍ରାମର କିଛି ଯୁବକ ଓ ରାମଚଣ୍ଡୀ ପୋଲିସ ସହାୟତା ରେ ଘଟଣା ସ୍ଥଳରୁ ଛେନା ବ୍ୟବସାୟୀ ଙ୍କ ସମସ୍ତ ଜିନିଷ ଉଦ୍ଧାର କରାଯାଇଥିଲା। ବିରଙ୍କ ଘରକୁ ଖବର ଦେବାରୁ ଘର ଲୋକ ପହଞ୍ଚି ତାଙ୍କୁ ଗୋପ ମେଡିକାଲ କୁ ନେଇ ଥିଲେ। ବିଭିନ୍ନ ସମୟରେ ଦୁର୍ବୃତ୍ତ ମାନେ ଲୋକ ମାନଙ୍କୁ ଆକ୍ରମଣ କରିବା ନଜିର ରହିଛି। ବାଲିଘାଇ ଛକରୁ ଲିଆଖିଆ ସେତୁ ପର୍ଯ୍ୟନ୍ତ କରଣ ବେବସ୍ଥା ପାଇଁ ସାଧାରଣରେ ଦାବୀ ହେଉଛି। ରାମଚଣ୍ଡୀ ପୋଲିସ ଦୁର୍ବୃତ୍ତ ମାନଙ୍କୁ ଧରିବା ପାଇଁ ଯୋଜନା କରୁଥିବା ଜଣାପଡ଼ିଛି।



# ଷଣ୍ଢକୁ ନେଇ ମାରପିଟ,ତିନି ଆହତ

ଗୋପ,୨୩।୮ :(ମନ୍ଥନ) ପୁରୀ ଗୋପ ବ୍ଲକ ଅନ୍ତର୍ଗତ ଷଣ୍ଢକୁ ନେଇ ଦୁଇ ପକ୍ଷଙ୍କ ମଧ୍ୟରେ ବଚସା ଓ ହାତାହାତି ହୋଇ ତିନି ଜଣ ଗୁରୁତର ହେବା ସହ କୋଣାର୍କ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି।ପ୍ରାପ୍ତ ସୂଚନାରୁ ଜଣାପଡେକି ଗତ ଶୁକ୍ରବାର ଅପରାହ୍ନରେ ଫସଲ ନଷ୍ଟ କରୁଥିବା କିଛି ଷଣ୍ଢକୁ ଘଉଡ଼ାଇ ଜଇନା ଗ୍ରାମର ଭରତ ବେହେରା ଗୁଣ୍ଡି ଗ୍ରାମ ପାଖରେ ଛାଡ଼ି ଦେଉଥିବା ବେଳେ ଗୁଣ୍ଡି ଗ୍ରାମର ଲକ୍ଷ୍ମୀଧର ମୁଦୁଲି ଷଣ୍ଢ ମାନଙ୍କୁ ପୁନଶ୍ଚ ଘଉଡ଼ାଇ ଦେବାରେ ଭରତ ଓ ଲକ୍ଷ୍ମୀଧରଙ୍କ ମଧ୍ୟରେ ବଚସା ହୋଇଥିଲା। ଉଭୟଙ୍କ ମଧ୍ୟରେ ବଚସା ହୋଇ ହାତାହାତି ହେବାରେ ସେଠାରେ ଉପସ୍ଥିତ କିଛି ଲୋକ ଉଭୟଙ୍କୁ ଶାନ୍ତ କରାଇ ପଠାଇଥିଲେ।ହେଲେ ଅଳ୍ପ ସମୟ ପରେ ଭରତ ନିଜର ଅନ୍ୟ ଭାଇ ମାନଙ୍କୁ ଧରି ଲକ୍ଷ୍ମୀଧରଙ୍କ ଘରକୁ ଆସି ଗାଳିଗୁଲଜ କରିବା ସହ ଠେଙ୍ଗାରେ ଆକ୍ରମଣ କରିଥିବା ଲକ୍ଷ୍ମୀଧରଙ୍କ ବୋହୂ କୋଣାର୍କ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।ଏହି ଗଣ୍ଡଗୋଳ ଓ ମାରପିଟରେ ଲକ୍ଷ୍ମୀଧର ଓ ତାଙ୍କ ପୁଅ ଗୁରୁତର ଆହତ ହୋଇଥିବା ବେଳେ ଅପର ପକ୍ଷର ଜଣେ ଆହତ ହୋଇଥିବା ବେଳେ ସମସ୍ତେ ଏବେ ମେଡିକାଲରେ ଚିକିତ୍ସାଧିନ ରହିଛନ୍ତି । ଏହି ଘଟଣାକୁ ନେଇ ଉଭୟ ପକ୍ଷ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଥାନା ପକ୍ଷରୁ ୨୩୯/୨୬ ଓ ୨୪୦/୨୬ରେ ଦୁଇଟି ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# ବିଧବା ମହିଳାଙ୍କୁ ବ୍ଲାକମେଲିଂ କରି ବନ୍ଧା ହେଲା ଯୁବକ

କୁତୁଖଣ୍ଡି,୨୩।୮ :(ମନ୍ଥନ)ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାରର ଭରଣପୋଷଣ ଏବଂ ଜୀବନ ଜୀବିକା ନେଇ ସଂଘର୍ଷ କରୁଥିବା ଜଣେ ବିଧବା ମହିଳା ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କର ଜଣେ ଯୁବକ ମାନସିକ ଚାପ ଦେଉଥିବା ବେଳେ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ୍ୟ କରୁଥିଲା । ଯଦି ସେ ତାଙ୍କ ସହିତ ଶାରୀରିକ ସମ୍ପର୍କ ନରଖନ୍ତି ତେବେ ତାଙ୍କର କିଛି ବ୍ୟକ୍ତିଗତ ଫୋଟ ଭାଇରାଲ କରିବା ସହ ଧମକ ଚମକ ଦେଉଥିଲେ । ଯଦି ସେ ଅରାଜି ହେଲେ ଆତ୍ମହତ୍ୟା କରିବାକୁ ମଧ୍ୟ ଧମକ ଦେଉଥିଲା । ଏନେଇ ପୀଡିତା ମାନସିକ ଚାପଗ୍ରସ୍ତ ହେବା ପରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସ୍ୱାମୀ ଚାଲିଯିବା ପରେ ପରିବାର ଚଳାଇବାରେ କଷ୍ଟ ସାଧ୍ୟ ହୋଇଥିଲା । ତେଣୁ ସେ ତାଙ୍କର ସାନ ଝିଅର ଯତ୍ନ ନେବା ପାଇଁ ଅଭିଯୁକ୍ତକୁ ଦାୟିତ୍ୱ ଦେଇଥିଲେ । ଯାହାର ଫାଇଦା ନେଇ ଅଭିଯୁକ୍ତ ତାଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲା । ଲିଖିତ ଅଭିଯୋଗ ପରେ ସଦର ଥାନା ପୁଲିସ କେସ୍ ନଂ ୫୪୩/୨୬ରେ ମାମଲା ରୁଜୁ କରି ଭାରତୀୟ ନ୍ୟାୟ ସଂହିତାର ୩୦୮(୩) ଏବଂ ୩୫୧(୨)ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ଏସଂକ୍ରାନ୍ତରେ ଆଙ୍କୁଶପୁର ରାଇଝଳ ନିବାସୀ ଲକ୍ଷ୍ମୀକାନ୍ତ ସାହୁ ଓରଫ ପିଂଟୁ(୩୭)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୁଚିତ୍ରା ପରିଡା ସୂଚନା ଦେଇଛନ୍ତି ।

# ପିପିଲିରେ ଗୋଚାଲଣ ସନ୍ଦେହରେ ୩ଜଣଙ୍କୁ ମରଣାତ୍ମକ ଆକ୍ରମଣ

ପିପିଲି,୨୩।୮ :(ମନ୍ଥନ)ପିପିଲି ଥାନା ହାଟସାହି ଗ୍ରାମ ପଞ୍ଚାୟତ ର କଣ୍ଟପୁର ଛକରେ ଗୋଚାଲଣ ସନ୍ଦେହ କରି ମରଣାତ୍ମକ ଆକ୍ରମଣ ହୋଇଛି। ଏହି ଆକ୍ରମଣ ରେ ୩ଜଣ ଆହତ ହୋଇଛନ୍ତି। ତେବେ ମିଳିଥିବା ସୁଚନାନୁଯାଇ ଗୋଚାଲଣ ହେଉଥିବା ସନ୍ଦେହ କରି ଗାଇ ସହ ଅଟୋ ଗାଡିକୁ ଅଟକାଇ ଥିଲେ । ତାଙ୍କ କଥାବାର୍ତ୍ତା ସନ୍ଦେହ ହେବାରୁ ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ତାଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ । ଆକ୍ରମଣରେ ୩ଜଣ ଗୁରୁତର ଆହତ ହୋଇଛନ୍ତି ।



ସୂଚନା ଅନୁସାରେ, ଡେଲାଙ୍ଗ ରୁ ଏକ ଡାଲା ଅଟୋ ଯୋଗେ ଗୋ ଚାଲାଣ ହେଉ ଥିବା ର ଖବର ପାଇ ପିପିଲି କଣ୍ଟପୁର ଛକ ନିକଟରେ କେତେକ ଯୁବକ ଅଟୋ ଗାଡିକୁ ଅଟକାଇଥିଲେ। ପରେ ସେଠାରେ ଉଭୟଙ୍କ ମଧ୍ୟର ପାଟିତୁଣ୍ଡ ହେବା ସହ ବଡଧରଣର ଗଣ୍ଡଗୋଳ ହୋଇଥିଲା । ୧୫ରୁ ଅଧିକ ଯୁବକ ଗୋଚାଲଣ କରୁଥିବା ଅଭିଯୋଗ କରି ୩ଜଣ କୁ ମରଣାତ୍ମକ ଆକ୍ରମଣ କରିଥିବା ସୁଚନା ମିଳିଛି । ଖବର ପାଇ ସ୍ଥାନୀୟ ଲୋକେ ଓ ସମ୍ପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ପିପିଲି ମେଡିକାଲକୁ ନେଇଥିଲେ । ଆକ୍ରମଣରେ ଡେଲାଙ୍ଗ ଆଙ୍କେଇ ଗ୍ରାମର ୫୦ ବର୍ଷୀୟ ବନା ବେହେରାଙ୍କ ସମେତ ପିପିଲି ସୁଲତାନ ନଗର ଦାନୋଗହିର ଗ୍ରାମର ଆଉ ଦୁଇଜଣ ମହମ୍ମଦ ଆଝର, ଏବଂ ମହମ୍ମଦ ପ୍ୟାଜୁ ଗୁରୁତର ଆହତ ହୋଇଛନ୍ତି । ସାନଉଲ୍ଲା ଖାଁ ଘଟଣାସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସମସ୍ତ ଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି । ଘଟଣା ପରେ ପିପିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପିପିଲି ପୋଲିସ ପକ୍ଷରୁ ଏହି ଘଟଣା ଉପରେ କଡା ନଜର ରଖିଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି ।

# ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

ଗୋପ, ୨୩।୮ :(ମନ୍ଥନ) ପୁରୀ ଜିଲ୍ଲା ଗୋପ ଅନ୍ତର୍ଗତ ବଡତରା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ବଡ଼ତରା ଗ୍ରାମାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାଦେବୀଙ୍କ ମନ୍ଦିରରୁ କେହି ଦୁର୍ବୃତ୍ତ ଠାକୁରାଣୀଙ୍କ ସୁନା, ରୂପା ଅଳଙ୍କାର ସହ ପୂଜା ସାମଗ୍ରୀ ଗ୍ରୀ ଲୁଟି ନେଇଛନ୍ତି। ପ୍ରତିଦିନ ଭଳି ବୁଧବାର ସନ୍ଧ୍ୟାରେ ମନ୍ଦିର ପୂଜକ ମା’ଙ୍କ ନୀତିକାନ୍ତି ଓ ଆଳତୀ ସମ୍ପନ୍ନ କରି ମନ୍ଦିରରେ ତାଲା ପକାଇ ଘରକୁ ଯାଇଥିଲେ। ମାତ୍ର ଗୁରୁବାର ସକାଳେ ମନ୍ଦିରକୁ ଆସିବା ପରେ ସେଠାରେ ଅଭାବନୀୟ ଦୃଶ୍ୟ ଦେଖିବାକୁ ପାଇଥିଲେ। ମନ୍ଦିରର ଗ୍ରୀଲ୍ ଗେଟ୍ ଏବଂ ମୁଖ୍ୟ କବାଟର ତାଲା ତଳେ ପଡ଼ିଥିଲା। ଦୁର୍ବୃତ୍ତମାନେ ମନ୍ଦିର ଭିତରକୁ ପଶି ମା’ଙ୍କ ସୁନା ମୁକୁଟ, ସୁନା ମୁଦି, ରୂପା ଚେନ୍, ରୂପା ହାର, ରୂପା ଥାଳି, ଘଣ୍ଟି–ଘଣ୍ଟା ଏବଂ ଦାନ ବାକ୍ସରେ ଥିବା ନଗଦ ଟଙ୍କା ଲୁଟି ନେଇଛନ୍ତି। ପୂଜକ ଏ ସମ୍ପର୍କରେ ଗ୍ରାମବାସିଙ୍କୁ ଜଣାଇବା ପରେ ଗାଁ ମୁଖିଆ ଓ ଶ୍ରଦ୍ଧାଳୁମାନେ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଖବର ପାଇ ତୁରନ୍ତ ଗୋପ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୋପ ପୋଲିସ୍ କେସ୍ ନଂ ୨୬୫/୨୬ ରେ ଏକ ମାମଲା ରୁଜୁ କରିଛି। ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ ସହ ଚୋରଙ୍କୁ ଧରିବା ପାଇଁ ଛାନ୍‌ଭିନ୍ ଚଳାଇଛି।

# ଜବରଦଖଲ ଉଚ୍ଛେଦ ପରେ ବି ବଦଳିଲାନି ପିପିଲି ବଜାରର ଚିତ୍ର

ପିପିଲି,୨୩।୮ :(ମନ୍ଥନ) ପିପିଲି ବଜାରକୁ ନୂଆ ରୂପ ରଙ୍ଗରେ ଗଢିତୋଳିବା ଲକ୍ଷ୍ୟରେ ପିପିଲି ବଜାରର ଉଭୟ ପାର୍ଶ୍ୱ ଏନ୍‌ଏସି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା ।ଏହି ଉଚ୍ଛେଦ ପ୍ରକ୍ରିୟାରେ ଶତାଧିକ ବ୍ୟବସାୟୀ ତାଙ୍କ ଜୀବିକା ବ୍ୟବସାୟ ହରାଇଥିବା ବେଳେ, ବଜାରର ଉନ୍ନତିକରଣ ନେଇ ଆଶା ବାନ୍ଧିଥିଲେ । କିନ୍ତୁ ଉଚ୍ଛେଦକୁ ଦୀର୍ଘ ସମୟ ବିତିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଆଖିଦୃଶିଆ ଉନ୍ନତିକରଣ କାର୍ଯ୍ୟ ହୋଇନାହିଁ । ବଜାର ସମ୍ପ୍ରସାରଣ ପରେ ପ୍ରଭାବିତ ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ପ୍ରସ୍ତାବ ରହିଥିଲେ ମଧ୍ୟ ତାହା ଏଯାଏଁ ହୋଇନଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଅନ୍ୟପଟେ ଦୋକାନ ହରାଇ ଅନେକ ବ୍ୟବସାୟୀ ତାଙ୍କ ଜୀବିକା ସଙ୍କଟରେ ପଡ଼ିଛି । ତେଣୁ ତୁରନ୍ତ ବଜାରର ପୁନଃରୁଦ୍ଧାର ସହ ପ୍ରଭାବିତ ବ୍ୟବସାୟୀଙ୍କ ଥଇଥାନ ପାଇଁ ଦାବି ଜୋର ଧରିଛି।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଚାନକ ଭାବେ ବିଦ୍ୟାଳୟ ଗୁଡିକ ପରିଦର୍ଶନ

ମାଲକାନଗିରି,୨୩।୮ :(ମନ୍ଥନ) ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀ ଅଚାନକ ଭାବେ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଯାହାକି ଆଜି ଶନିବାର ଦିନ ଜିଲ୍ଲା ଶିକ୍ଷା ଅଧିକାରୀ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ର କେତେକ ବିଦ୍ୟାଳୟ ଗୁଡିକ ଯାହାକି ଦୁର୍ଗମ ଅଞ୍ଚଳରେ ରହିଥିବା ବିଦ୍ୟାଳୟ ଗୁଡିକ ରେ କୌଣସି ସୂଚନା ନ ଦେଇ ପରିଦର୍ଶନ କରିଥିଲେ। ଶନିବାର ଦିନ ବିଦ୍ୟାଳୟ ମାନଙ୍କ ରେ ସକାଳ ସମୟ ରେ ବିଦ୍ୟାଳୟ ସ୍ତରରେ କିପରି ପାଠ ପଢା ଯାଉଛି ଏବଂ ବିଦ୍ୟାଳୟ ର ଥିବା ଉପକରଣ ଗୁଡ଼ିକର ବ୍ୟବହାର ଓ ମଧ୍ୟାହ୍ନ ଭୋଜନ ର ମାନ ମଧ୍ୟ କିପରି ରହିଛି ତାକୁ ନେଇ ଯାଞ୍ଚ କରି ଥିଲେ। ସଲପାଗୁଡା,ଶିନ୍ଧା ବେଡ଼ା,ମାଥିଲି, ଏମିତି ଅନେକ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ମାନଙ୍କ ପାଠ ପଢ଼ା କୁ ନେଇ ଛାତ୍ର ଛାତ୍ରୀ ଙ୍କୁ ପଚାରି ବୁଝିଥିଲେ ଏବଂ ଛାତ୍ର ଛାତ୍ରୀ ଓ ଅବିଭାବକ ଙ୍କ ଠାରୁ ଭଲ ଉତ୍ତର ପାଇବା ଦେଖି ଖୁସି ଅନୁଭବ କରିଥିଲେ । ଏମିତି କି ସିନ୍ଧା ବେଡ଼ା ବିଦ୍ୟାଳୟ ରେ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିବା ପରେ ଗୋଦାବରୀଶ ମିଶ୍ର ଆଦର୍ଶ



ପ୍ରାଥମିକ ବିଦ୍ୟାଳୟ ର ଜାଗା ସମ୍ବନ୍ଧରେ ଆଲୋଚନା କରିଥିଲେ। ତତ୍ପ ପରେ ସାବେରୀ ଉଚ୍ଚ ବିଦ୍ୟାଳୟ କିଆଙ୍ଗ ରେ ଛାତ୍ର ଛାତ୍ରୀ ମାନଙ୍କ ସହ ମିଶି ହିନ୍ଦୀ ପାଠ ପଢା ର ଅନୁଧାନ କରିଥିଲେ। ଶେଷରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାର୍କା ପାଲ୍ଲୀ ପ୍ରଧାନଶିକ୍ଷକ ଙ୍କ ଉପଦେଶ ଦେଇଥିଲେ ଯେ ଡ୍ରୋପ ଆଉଟ ରୋକିବା ପାଇଁ ଓ ଦଶମ ପରୀକ୍ଷା ରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀଙ୍କ ଏକାଦଶ ଶ୍ରେଣୀ ରେ ନାମ ଲେଖାଇବା ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇ ଥିଲେ। ବିଦ୍ୟାଳୟ ଗୁଡ଼ିକରେ କୌଣସି ଶିକ୍ଷକ ଶିକ୍ଷୟିତ୍ରୀ ଅନୁପସ୍ଥିତ କେବେ ରହିବାକୁ ହେବ ନାହିଁ ଓ ଶିକ୍ଷକ ମାନେ ବିଦ୍ୟାଳୟ ଗୁଡ଼ିକରେ ପାଠ ପଢ଼ାଉ ବେଳେ ନିଜେ ପିଲାମାନଙ୍କୁ ଡାକି ବ୍ଲାକ ବୋର୍ଡ ରେ କିଛି ପ୍ରଶ୍ନର ଉତ୍ତର ଲେଖିବାକୁ କହିଥିଲେ ଓ ଜିଲ୍ଲା ଶିକ୍ଷା ଅଧିକାରୀ କହିଛନ୍ତି। ତେବେ କିଛି ବିଦ୍ୟାଳୟ ରେ ଗେଟ, ରାମ୍ପ, କାନ୍ଥ ମରାମତି ଆବଶ୍ୟକ ଥିବା ଜଣା ପଡ଼ିଛି,ତାକୁ ନେଇ ଆଗାମୀ ଅଳ୍ପ ଦିନ ଭିତରେ ଏହାର ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି ଓ ପ୍ରତିଦିନ ବିଦ୍ୟାଳୟ କୁ ଯେମିତି କି ସମସ୍ତେ ଶିକ୍ଷକ ଶିକ୍ଷୟିତ୍ରୀ ସମୟନ୍ତୁ ବର୍ତ୍ତିତ ଭାବେ ଆସିବେ ଏବ ସମସ୍ତେ ଛାତ୍ର ଛାତ୍ରୀ ଯେମିତିକି ପ୍ରତିଦିନ ବିଦ୍ୟାଳୟ କୁ ଆସିବେ କେହିବି ଯେମିତି ବାଦ ପଡିବେ ନାହିଁ ବୋଲି ପ୍ରଧାନ ଶିକ୍ଷକ ମାନଙ୍କୁ କଡ଼ା କୋଡିଭାବେ ଉପଦେଶ ଦେଇ ଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀ ।

# ମୂଳ ତାଡି ଫସଲ ନଷ୍ଟ କରୁଛନ୍ତି ଜଙ୍ଗଲି ଘୁଷୁରି;ଚିନ୍ତାରେ ଚାଷୀ

ଡେଲାଙ୍ଗ,୨୩।୮ :(ମନ୍ଥନ) ଚାଷ କ୍ଷେତ ହେଉ ବା ପରିବା ଚାଷ ଉପରେ ଜଙ୍ଗଲି ପ୍ରାଣୀଙ୍କ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଜଙ୍ଗଲରୁ ମାଙ୍କଡପଲ୍ଲ ଆସି ବ୍ୟାପକ ପନିପରିବା ଚାଷ ନଷ୍ଟ କରୁଥିଲା ବେଳେ ଜଙ୍ଗଲି ଘୁଷୁରୀଙ୍କ ଉପଦ୍ରବ ଯୋଗୁ ଚାଷୀଙ୍କ ଧାନ ତଳିଘେରା ଓ ପରିବା ଫସଲ ନଷ୍ଟ ହୋଇଛି । ଫସଲ ନଷ୍ଟ ହେବା ନେଇ ବନ ବିଭାଗକୁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ମିଳିଥିବା ସୂଚନା ଅନୁଯାୟୀ ଘନିପୁର ପଂଚାୟତର ଗହିର କ୍ଷେତରେ ରୁଆଧାନ ଓ ତଳିଘେରା, ବିଭିନ୍ନ ପ୍ରକାରର ପନିପରିବା ଫସଲ କ୍ଷେତରେ ଜଙ୍ଗଲି ଘୁଷୁରୀ ପଲ୍ଲ କ୍ଷେତକୁ ତାଡି ଦଳାଚକଟା କରି ନଷ୍ଟ କରିଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।ଗଡବେଗୁନିଆପଡା ଗ୍ରାମର ଶଶୀ ରାୟ ,କୁଶ ବେହେରା, ମାନଓ ସେଠୀ, ପ୍ରଦୀପ ପାତ୍ରଙ୍କ ପନିପରିବା ଚାଷ ,



ଓ ନକୁଳ ଖୁଣ୍ଟିଆପ୍ରମୁଖଙ୍କ ଧାନେକ୍ଷତ ତାଡି ନଷ୍ଟ କରିଦେଇଛନ୍ତି । ଚାଷୀଙ୍କ ଫସଲ ସୁରକ୍ଷା, ଜଙ୍ଗଲି ଘୁଷୁରୀ ଘଉଡେବା ଓ ଫସଲ ସୁରକ୍ଷା ପ୍ରତି ବିହିତ ପଦକ୍ଷେପ ନେବାକୁ ଚାଷୀମାନେ ଦାବୀ କରିଛନ୍ତି । ଆଗାମୀ ଦିନରେ ଏନେଇ ବନବିଭାଗ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାନଗଲେ ଘନିପୁର ସହିତ ଆଖପାଖ ପଂଚାୟତର ଚାଷୀମାନଙ୍କ ମଧ୍ୟରେ ଫସଲ ନଷ୍ଟ ନେଇ ଜନଆନ୍ଦୋଳନର ଆଶଙ୍କା ଏଡାଇ ଦିଆଯାଇନପାରେ ।

# ପୋଡ଼ମାପେଟା ବେଳାଭୂମି ଅବକ୍ଷୟ- ଭୟରେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ

ଗଞ୍ଜାମ, ୨୩।୮ :(ମନ୍ଥନ)ଅଭିଯୋଗ ହୁଏ ଗୋପାଳପୁର ପୋର୍ଟ କୁ ସୁରକ୍ଷା ଦେବା ପାଇଁ ସମୁଦ୍ର ମଧ୍ୟରେ ପଥର ବନ୍ଧ ପକାଇବା ପର ଠାରୁ ସ୍ଥାନୀୟ ଋଷିକୁଲ୍ୟା ମୁହାଁଣ ଅଞ୍ଚଳରେ ଭୌଗଳିକ ପରିବେଶ ବଦଳିବାରେ ଲାଗିଛି । ଅଶାନ୍ତ ସମୁଦ୍ର ଯୋଗୁଁ ଉଚ୍ଚ ଲହଡି ମାଡ଼ ଫଳରେ ଅନେକ ପରମ୍ପାରିକ ସାମୁଦ୍ରିକ ମତ୍ସ୍ୟଜୀବୀ ମୃତାହତ ହେବାର ନଜିର ରହିଛି । ଯାହାକୁନେଇ ସେମାନଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି । ଗଞ୍ଜାମ ଜିଲ୍ଲାର ଗଞ୍ଜାମ ବ୍ଲକ ଅନ୍ତର୍ଗତ ଋଷିକୁଲ୍ୟା ମୁହାଣ ପୁରୁଣାବନ୍ଧ ଠାରୁ ପ୍ରୟାଗି ପର୍ଯ୍ୟନ୍ତ ଜଳସ୍ତର ବୃଦ୍ଧି ସହ ବେଳାଭୂମି ମଧ୍ୟରେ ଦ୍ରୁତ ଗତିରେ ଅବକ୍ଷୟ ହେବାରେ ଲାଗିଛି । ବର୍ତ୍ତମାନ ମୁହାଁଣ ପୋଡମ ପେଟା ଗ୍ରାମ ନିକଟରେ ରହିଛି । ବିଶେଷ କରି କଣ୍ଟିଆ ଗଡ଼ ନିକଟସ୍ଥ ପୁରୁଣା ପୋଡ଼ମପେଟା ଗ୍ରାମର ଗୋଟିଏ ପରେ ଗୋଟିଏ ଜନବସତି ସମୁଦ୍ରର ଆଁ ମଧ୍ୟରେ ଲୀନ ହୋଇ ଯାଉଛି । ଏହି ପ୍ରସଙ୍ଗ କୁ ନେଇ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ସମୁଦ୍ର ଉପକୁଳ ବର୍ତ୍ତୀ ଅଞ୍ଚଳ ବାସୀ ଏଥିପାଇଁ ଆନ୍ଦୋଳନ କରାଯିବ । ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରୁଦ୍ଧ ଦ୍ୱାର ବୈଠକ କରାଯାଇ ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ମିଳିଥିଲା । ଫଳରେ ଅଂଚଳବାସୀ ଆନ୍ଦୋଳନରୁ ଓହରି ଯାଇଥିଲେ । କିନ୍ତୁ ବର୍ତମାନ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ପୂର୍ବତନ ସରପଞ୍ଚ ଦିଲୀପ କୁମାର ଛୋଟରାୟ ସୂଚନା ଦେଇଛନ୍ତି । ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନେ ମଧ୍ୟ ସମୁଦ୍ର କୂଳ ଲଂଘୁଥିବା ବୁଲି ଦେଖି ଏହାର ଦୀର୍ଘ ସ୍ଥାୟୀ ପ୍ରତିକାର ନେଇ ମତ ପ୍ରକାଶ କରିଥିଲେ । ବର୍ତମାନ ଧାରା ଶ୍ରାବଣ ଚାଲିଥିବା ବେଳେ ତୁହାକୁ ତୁହା ମୂଷଳ ଧାରାରେ ବର୍ଷା ହୋଇ ସମୁଦ୍ର ଅଶାନ୍ତ ରହୁଥିବା ଲକ୍ଷ୍ୟ କରାଯାଉଛି । ସେଥିପାଇଁ ଚିନ୍ତାରେ ଛଅ ଖଣ୍ଡ ଗ୍ରାମବାସୀ । ପ୍ରଶାସନ ନଶୁଣିଲେ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ସମିତି ସଭ୍ୟ ଛାୟାକାନ୍ତ ପ୍ରଧାନ, କଣ୍ଟିଆ ଗଡ଼ ଗ୍ରାମର ରଞ୍ଜିତ ପଲାଇ, ପବିତ୍ର ସ୍ୱାଇଁ, ଶିବ ପଲାଇ ଏବଂ ଖଟୁଆକୁଦା ଗ୍ରାମ୍ୟ କମିଟି ପୂର୍ବତନ ସଭାପତି ବୃନ୍ଦାବନ ପ୍ରଧାନ ପ୍ରମୁଖ ଗଣମାଧ୍ୟମ ଜରିଆରେ ପ୍ରଶାସନକୁ କଡା ଚେତାବନୀ ଦେଇଛନ୍ତି ।

# ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଚର୍ଚ୍ଚାରେ ସାମାଜିକ କର୍ମୀ

 କେନ୍ଦ୍ରାପଡ଼ା,୨୩।୮ :(ମନ୍ଥନ)ନଈରେ ବଢ଼ିଛି ପାଣି, ଚାରିଆଡ଼େ ବନ୍ୟାର ବିଭୀଷିକା। ଜଳବନ୍ଦୀରେ ଜୀବନ କାଟୁଛନ୍ତି ଅନେକ ବନ୍ୟା ବିପନ୍ନ। ଏଭଳି ଦୁର୍ଦ୍ଦିନରେ ବିପନ୍ନଙ୍କ ପାଖରେ ପହଞ୍ଚିଛି ମାନବିକତାର ସହାୟତା ହାତ। ସ୍ଥାନୀୟ ଅଞ୍ଚଳର ସମାଜସେବୀ କୃଷ୍ଣଚନ୍ଦ୍ର ବାରିକ ଏବଂ ସାମ୍ବାଦିକ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟଙ୍କ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ବଣ୍ଟନ କରାଯାଇଛି ରିଲିଫ୍ ସାମଗ୍ରୀ। ଶୁଖିଲା ଖାଦ୍ୟ ସହିତ ପିଇବା ପାଇଁ ବିଶୁଦ୍ଧ ପାଣି ବୋତଲ ଏବଂ ଅତି ଆବଶ୍ୟକ ଜିନିଷ ଯୋଗାଇ ଦେଇଛନ୍ତି। ନଈରେ ବଢିପାଣି ଯୋଗୁଁ ଚାରିଆଡ଼େ ତାଣ୍ଡବ ରଚିଛି ବନ୍ୟା। ବନ୍ୟାର ବିଭୀଷିକାରେ ଖାଦ୍ୟ ଓ ପିଇବା ପାଣିକୁ ନେଇ ଚିନ୍ତାରେ ବନ୍ୟା ବିପନ୍ନ। ଏଭଳି ଦୁର୍ଦ୍ଦିନ ସମୟରେ ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚିଛି ସହାୟତାର ହାତ। ଦୀର୍ଘ ୫ ଦିନ ହେବ ଜଳ ବନ୍ଦୀରେ ଥିବା ବନ୍ୟା ବିପନ୍ନଙ୍କ ନିକଟରେ ପ୍ରଶାସନ, ପ୍ରଶାସକ ପହଞ୍ଚି ପରିନି କିମ୍ବା କୌଣସି ସହାୟତା ଯୋଗାଇ ଦେଇପାରିନଥିବା ବେଳେ ସେହି ସ୍ଥାନରେ ସମାଜସେବୀ କୃଷ୍ଣଚନ୍ଦ୍ର ବାରିକ ଏବଂ ସାମାଜିକ କର୍ମୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟଙ୍କ ନିଜ ସହଯୋଗୀ ଶୁଭାଶିଷ ଷଡଙ୍ଗୀ, ସ୍ଥାନୀୟ ସରପଞ୍ଚ ବିକ୍ରମ ମଲ୍ଲିକଙ୍କ ସହ ବନ୍ୟା ପ୍ରଭାବିତ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ପଦନିପାଳ ଗ୍ରାମପଞ୍ଚାୟତର ଦଇତାରୀ ପୁର ଗ୍ରାମରେ ପହଞ୍ଚି ଅନେକ ବିପନ୍ନ ପରିବାର ଗୁଡ଼ିକୁ ନିଜ ସକ୍ଷମ ଅନୁଯାୟୀ ରିଲିଫ୍ ସାମଗ୍ରୀ ବଣ୍ଟନ



କରିଛନ୍ତି। ରିଲିଫ୍ ପ୍ୟାକେଟ୍‌ରେ ରହିଛି ବିଭିନ୍ନ ପ୍ରକାରର ଶୁଖିଲା ଖାଦ୍ୟ ସାମଗ୍ରୀ ସହିତ ଅତି ଆବଶ୍ୟକ ଜିନିଷ। ଏହା ସହିତ ବନ୍ୟା ସମୟରେ ସବୁଠାରୁ ଜରୁରୀ ଆବଶ୍ୟକତା ଥିବା ବିଶୁଦ୍ଧ ପିଇବା ପାଣି ବୋତଲ ମଧ୍ୟ ବଣ୍ଟନ କରିଛନ୍ତି। ବନ୍ୟା ପାଣିରେ ଚାରିଆଡ଼େ ଜଳମଗ୍ନ ହୋଇଥିବା ବେଳେ ବିଶୁଦ୍ଧ ପିଇବା ପାଣିର ଅଭାବ ବିପନ୍ନଙ୍କ ପାଇଁ ଏକ ବଡ଼ ସମସ୍ୟା ହୋଇ ଉଭା ହୋଇଛି। ଏଭଳି ସମୟରେ ଶୁଖିଲା ଖାଦ୍ୟ ସହିତ ବିଶୁଦ୍ଧ ପାଣି ଯୋଗାଇ ଦେଇ ସମାଜସେବୀ ଯେଉଁ ସହଯୋଗର ହାତ ବଢ଼ାଇଛନ୍ତି, ତାହା ବିପନ୍ନଙ୍କ ପାଇଁ ନିଶ୍ଚିତ ଭାବେ ଆଶ୍ୱସ୍ତି ଆଣିଛି। ଏବାବଦରେ ସମାଜସେବୀ କୃଷ୍ଣଚନ୍ଦ୍ର ବାରିକ କହିଛନ୍ତି ‘କେବଳ ରିଲିଫ୍ ବଣ୍ଟନ ନୁହେଁ, ବିପଦ ସମୟରେ ଲୋକଙ୍କ ପାଖରେ ଠିଆ ହେବା ହିଁ ପ୍ରକୃତ ମାନବିକତାର ପରିଚୟ’। ବନ୍ୟା ବିପନ୍ନଙ୍କ ଦୁଃଖ ଓ ଅସୁବିଧାକୁ ନିଜର ଦୁଃଖ ଭାବି ସହଯୋଗର ହାତ ବଢ଼ାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହି ଦୁଇ ଜଣଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରାଯାଉଛି। ନଈରେ ବଢ଼ି ଆସିବା ପରେ ଅନେକ ପରିବାର ଏବେ ଜଳବନ୍ଦୀ। ଏଭଳି ଦୁର୍ଦ୍ଦିନରେ ସମାଜସେବୀ ଶ୍ରୀ ବାରିକ ଏବଂ ସାମ୍ବାଦିକ ଶ୍ରୀ ଆଚାର୍ଯ୍ୟଙ୍କ ପକ୍ଷରୁ ଶୁଖିଲା ଖାଦ୍ୟ ସହିତ ବିଶୁଦ୍ଧ ପିଇବା ପାଣି ବୋତଲ ଯୋଗାଇ ଦିଆଯାଇଛି। ବିପଦ ସମୟରେ ଏଭଳି ସହଯୋଗ ବନ୍ୟା ବିପନ୍ନଙ୍କ ପାଇଁ ଆଶ୍ୱସ୍ତିର କାରଣ ପାଲଟିଛି। ଏ ନେଇ ସାମ୍ବାଦିକ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ‘ବନ୍ୟାର ବିପଦ ଯେତେ ବଡ଼ ହେଉନା କାହିଁକି, ମାନବିକତାର ହାତ ତା’ଠାରୁ ବଡ। ବିପଦରେ ପଡ଼ିଥିବା ଲୋକଙ୍କ ପାଖରେ ଠିଆ ହୋଇ ସହଯୋଗର ହାତ ବଢ଼ାଇବାର ଆମ୍ଭର ଏହି ପ୍ରୟାସ ନିଶ୍ଚିତ ଭାବେ ଅନ୍ୟମାନଙ୍କୁ ମଧ୍ୟ ସହଯୋଗ ପାଇଁ ପ୍ରେରଣା ଯୋଗାଇ ଦେବ।

# ଘାଘରାଡିଆ ଗ୍ରାମରେ ସ୍ୱାସ୍ଥ୍ୟ ଶିବିର

କେନ୍ଦ୍ରାପଡ଼ା,୨୩।୮ :(ମନ୍ଥନ)ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ପ୍ରବେଶ ଯୋଗୁଁ ଘାଗରା ଗ୍ରାମ ପଞ୍ଚାୟତର ଘାଗରାଡ଼ିଆ ଗ୍ରାମର ୱାର୍ଡ ନଂ-୧, ଅପର ଘାଗରା ୱାର୍ଡ ନଂ-୨ ଓ ୪, କୁଦ ହରିଜନ ସାହି ଏବଂ ଘାଗରା ୱାର୍ଡ ନଂ-୩ ଆଦି ଅଞ୍ଚଳ ପ୍ରଭାବିତ ହୋଇଛି। ଗତ ଜୁଲାଇ ମାସରେ ମଧ୍ୟ ଏହି ଅଞ୍ଚଳଗୁଡ଼ିକ ବନ୍ୟା ପ୍ରଭାବିତ ହୋଇଥିବା ବେଳେ ଚଳିତ ଅଗଷ୍ଟ ମାସରେ ପୁନର୍ବାର ଏହି ଗ୍ରାମଗୁଡ଼ିକ ପାଣି ଘେରରେ ରହିଛି। ବନ୍ୟା ପରିସ୍ଥିତିରେ ପ୍ରଭାବିତ ଲୋକଙ୍କ ନିକଟରେ ତୁରନ୍ତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟରେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଫିସର ଡା. ଶ୍ରୀକାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଘାଗରା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ କ୍ୟାମ୍ପ ଆୟୋଜନ କରାଯାଇଛି।ଓଡ୍ରାଫ୍ ଟିମ୍ ଦ୍ୱାରା ପରିଚାଳିତ ଡଙ୍ଗା ସହାୟତାରେ ସ୍ୱାସ୍ଥ୍ୟକର୍ମୀମାନେ ବନ୍ୟାଜଳ ଅତିକ୍ରମ କରି ଘାଗରାଡ଼ିଆ ଗ୍ରାମରେ ପହଞ୍ଚି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। କ୍ୟାମ୍ପରେ ଓଆରଏସ୍, ହାଲୋଜେନ୍ ଟାବଲେଟ୍, ଡାଇରିଆ ପ୍ରତିରୋଧକ ଔଷଧ, ଅଣ୍ଡା ଓ ଜ୍ୱର ଔଷଧ ଆଦି ବଣ୍ଟନ କରାଯାଉଛି। ଏଥିସହିତ ରକ୍ତଚାପ, ମଧୁମେହ ଆଦିର ମଧ୍ୟ ପରୀକ୍ଷା କରାଯାଉଛି।ଏହି ସ୍ୱାସ୍ଥ୍ୟ କ୍ୟାମ୍ପରେ ଘାଗରା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରୀତିପୁଷ୍ପା ଜେନା, ମହିଳା ସ୍ୱାସ୍ଥ୍ୟ କର୍ମୀ ଏକାମ୍ରବାସିନୀ ପରିଡ଼ା, ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଭରତ ଚନ୍ଦ୍ର ମାରାଣ୍ଡି, ଆଶା ଶକୁନ୍ତଳା ମଳିକ, ଅଙ୍ଗନୱାଡ଼ି କର୍ମୀ ପୁଷ୍ପଲତା ମଳିକ ଓ ତରଙ୍ଗବାଳା ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସେବା ପ୍ରଦାନ କରୁଛନ୍ତି।

# କୁଶଭଦ୍ରା ନଦୀରେ ଲୀନ୍ ହେବ ରୋଡ, ଜିଓ ସିନ୍‌ଥେଟିକ ୱାଲ ନିର୍ମାଣ ପାଇଁ ଦାବି

ଗୋପ, ୨୩।୮ :(ମନ୍ଥନ)ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନ ପୁରୀ- କୋଣାର୍କ ୩୧୬ ଜାତୀୟ ରାଜପଥ ରାସ୍ତାର କୁଶଭଦ୍ରା ନଦୀ ମୁହାଁଣ ନିକଟରେ ଥିବା ଓସୁଆଲି ରୋଡ ସମୁଦ୍ର ଜୁଆର ମାଡରେ ନଦୀ ମୁହାଣରେ ବିଲୟ ହେବାକୁ ବସିଥିବା ଓସୁଆଲି ପ୍ରତିଷ୍ଠାନ ଓ ଲୋଟସ ରିସୋର୍ଟ ପ୍ରତି ପ୍ରତି ବିପଦ ବିପଦ ଆଶଙ୍କା ରହିଛି। ଖବରରୁ ପ୍ରକାଶ ଯେ କୁଶଭଦ୍ରା ନଦୀ ରାମଚଣ୍ଡୀ ମୁହାଁଣରେ ରାଜ୍ୟ ସରକାରଙ୍କ ଅଗ୍ନିଶମ ବିଭାଗର ସର୍ବ ଭାରତୀୟ ତାଲିମ ପ୍ରତିଷ୍ଠାନ ଓସୁଆଲି ଓ ଲୋଟସ ରିସୋର୍ଟ ରହିଛି ଓ ରାସ୍ତା ସାମୁଦ୍ରିକ ଜୁଆର ମାଡରେ ଧୀରେ ଧୀରେ: ଅବକ୍ଷୟ ହେବାରେ ଲାଗିଛି । ଫଳରେ ଓସୁଆଲି ରୋଡ଼ ପ୍ରତି ବିପଦ ଆଶଙ୍କା ଦେଖାଦେଇଛି ଓ ରୋଡର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଓ ସିନ୍‌ଥେଟିକ ୱାଲ ନିର୍ମାଣ କରାଗଲେ ଓସୁଆଲି ଓ ଲୋଟସ୍ ରିସୋର୍ଟକୁ ସଂଯୋଗ କରୁଥିବା ରାସ୍ତା ସୁରକ୍ଷିତ ରହିବା ସହ ପ୍ରଶିକ୍ଷଣ କେନ୍ଦ୍ର ବିପଦରୁ ସୁରକ୍ଷିତ ହୋଇ ପାରିବ ବୋଲି ସାଧାରଣରେ ଦାବୀ ହେଉଛି।

# ମୃତକଙ୍କୁ ଡାଲା ଅଟୋରେ ନେଲେ ପରିବାର ଲୋକେ

ଖଣ୍ଡପଡା, ୨୩।୮ :(ମନ୍ଥନ) ଖଣ୍ଡପଡା ବ୍ଲକ ଆଦିବାସୀ ଅଧ୍ୟୁଷିତ ସିଙ୍ଘାପଡା ପଞ୍ଚାୟତର ଦୁଇମହିଳା ଗତକାଲି ଆମ୍ବୁଲାନ୍ସ ସେବା ନ ମିଳିବାରୁ ଆଖିବୁଜିଥିଲେ। ସଠିକ ସମୟରେ ଆମ୍ବୁଲାନ୍ସସେବା ନ ମିଳିବା ଯୋଗୁଁ ଦୁଇ ମହିଳା ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ବେଳେ ବ୍ୟବସ୍ଥାରବିକଳ ଚିତ୍ର ପଦାରେ ପଡିଥିଲା। ତେବେ ମୃତ୍ୟୁ ପରେ ମଧ୍ୟ ନ୍ୟାୟ ପାଇବାରୁ ବଞ୍ଚିତହୋଇଥିବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗରସମୀକ୍ଷା ଆଉ କାମ ମଧ୍ୟରେ ଆକାଶପାତାଳ ଫରକ ବୋଲି ଜନପ୍ରତିନିଧି ମହଲରେ ଅଭିଯୋଗହେଲାଣି। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ସିଙ୍ଘାପଡା ଅନୁସୂଚିତ ସାହିର ଭରତନାଏକଙ୍କ ପତ୍ନୀ ଦର୍ପଣୀ ନାଏକ (୬୦) ଗତକାଲି ଆମ୍ବୁଲାନ୍ସ ସେବା ଅଭାବରୁ କଲବଲହୋଇଥିବା ବେଳେ ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେଏତିକିରେ ମୃତ ଦର୍ପଣୀଙ୍କର ଦୁର୍ଦ୍ଦଶା ସରିନଥିଲା। ଅତି ଗରିବ ଶ୍ରେଣୀର ହୋଇଥିବାରୁ ଶବକୁନେବାପାଇଁ ପରିବାର ଲୋକେ ହାତ ଟେକିଦେଇଥିଲେ। ସରକାରୀ ବ୍ୟବସ୍ଥା ଅନୁଯାୟୀ ରୋଗୀଚିକିତ୍ସା ପାଇଁ ଆମ୍ବୁଲାନ୍ସ ସେବା ଥିବାବେଳେ ମୃତକଙ୍କ ପାଇଁ ମହାପ୍ରୟାଣ ଗାଡିର ବ୍ୟବସ୍ଥା ଅଛି ।ସରକାରୀ ହସ୍ପିଟାଲରେ ରୋଗୀର ମୃତ୍ୟୁ ହେଲେ, ମୃତଦେହକୁ ନିଜ ଘର କିମ୍ବା ଶ୍ମଶାନକୁନେବା ପାଇଁ ଏହି ଗାଡ଼ି ଜିଲ୍ଲା ପ୍ରଶାସନ ଏବଂ ରେଡକ୍ରସ ଜରିଆରେ ଯାତ୍ରୀଙ୍କୁ ସମ୍ପୂର୍ଣ୍ଣମାଗଣାରେ ଯୋଗାଇଦିଆଯାଇଥାଏ। ମାତ୍ର ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନା ଆମ୍ବୁଲାନ୍ସସେବା ଅଛି ନା ମହାପ୍ରୟାଣ ଗାଡି ବ୍ୟବସ୍ଥା। ଆଦିବାସୀ ଅଧ୍ୟୁଷିତ ୮ ପଞ୍ଚାୟତର ହଜାରହଜାର ଗରିବ ନିରୀହ ଜନସାଧାରଣ ସ୍ୱାସ୍ଥ୍ୟବିଭାଗର ଏଭଳି ଚରମ ଅବହେଳାର ଶିକାରହୋଇଥିବା ଦେହସୁହା ହେଲାଣି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୃତ୍ୟୁ ପରେ ମୃତକଙ୍କରଶରୀରକୁ ସମ୍ମାନର ସହିତ ତାଙ୍କ ଅନ୍ତିମ ସଂସ୍କାର କରାଯାଉଥିବା ବେଳେ ଦର୍ପଣୀଙ୍କୁ ନା ଚିକିତ୍ସାପୂର୍ବରୁ ନା ପରେ ନ୍ୟାୟ ମିଳିନଥିବା ସ୍ଥାନୀୟ ଅଞ୍ଚଳ ବାସିନ୍ଦା କୁହନ୍ତି। ଅନ୍ୟପକ୍ଷରେଦୀର୍ଘସମୟ ଅପେକ୍ଷା କରିବା ପରେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ କୌଣସି ସୁବିଧା କରିନଥିବାବେଳେ ଶେଷରେ ଏକ ଟାଟା ଏସି ଡାଲାରେ ଶବକୁ ଘରକୁ ନେଇଥିଲେ ପରିବାର ଲୋକେ ।ସ୍ଥାନୀୟ ଅଞ୍ଚଳର ଯୁବକ ବିପିନ ନିଜ ଟାଟା ଏସି ଗାଡିରେ ଶବକୁ ବୋହିବା ନିମନ୍ତେ ସହୃଦୟତା ଦେଖାଇଥିବା ବେଳେ ବିଳମ୍ବିତ ରାତିରେ ଅନ୍ତିମ ସଂସ୍କାର ସମ୍ଭବ ହୋଇଥିବା ଗ୍ରାମବାସୀ କହିଛନ୍ତି। ତେବେ ସ୍ୱାଧୀନତାର ଦୀର୍ଘବର୍ଷ ବିତିଥିଲେ ମଧ୍ୟ ଏବେବି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟସେବା ନ ମିଳିବା ଜନପ୍ରତିନିଧି ମହଲରେ ଅସନ୍ତୋଷପ୍ରକାଶ ପାଇଛି।

# ଓକିଲ ସଙ୍ଘର ସଦସ୍ୟଙ୍କ ମାତୃ ବିୟୋଗରେ ଶୋକ

କୋରାପୁଟ,୨୩।୮ :(ମନ୍ଥନ) ସେମିଳିଗୁଡା ଓକିଲ ସଙ୍ଘର ପୂର୍ବତନ ସମ୍ପାଦକ ସନ୍ତୋଷ ବ୍ୟବର୍ତ୍ତା ଙ୍କ ମାତୃ ବିୟୋଗରେ ସେମିଳିଗୁଡା ଓକିଲ ସଙ୍ଘ ପକ୍ଷରୁ ତାଙ୍କ ନନ୍ଦପୁରସ୍ଥିତ ବାସଭବନରେ ପହଁଞ୍ଚି ଶ୍ରଦ୍ଧାଞ୍ଜଳି ଦେବା ସହ ଶୋକ କରିଥିଲେ ।ସନ୍ତୋଷ ବ୍ୟବର୍ତ୍ତାଙ୍କ ମାତା ସ୍ୱର୍ଗତ ମିରା ବ୍ୟବର୍ତ୍ତା ଙ୍କ ୬୮ ବୟସରେ ବିଶାଖାପାଟଣା ରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ନିଜର ବାସଭବନ ନନ୍ଦପୁର ଠାରେ ଅନ୍ତିମ ସଂସ୍କାର କରିଥିଲେ, ଶେଷ ସମୟରେ ତାଙ୍କର ପରିବାର ତଥା ୪ ପୁଅ, ୪ ବୋହୂ ଙ୍କ ସହ ସମସ୍ତ ପରିବାର ବୃନ୍ଦ ଉପସ୍ଥିତ ରହିଥିଲେ । ସେମିଳିଗୁଡାଓକିଲ ସଙ୍ଘର ସଭାପତିସନ୍ତୋଷ ଦାସଙ୍କ ସଙ୍ଘର ଟିମ ତାଙ୍କର ବାସ ଭବନଠାରେ ପହଁଞ୍ଚି ଶୋକ ବ୍ୟକ୍ତ କରିଥିଲେ ।

ସୋମବାର ୨୪ ଅଗଷ୍ଟ, ୨୦୨୬, ଭୁବନେଶ୍ୱର
Monday, August 24 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ପୁଞ୍ଜିନିବେଶ ଆଶା ନା ବୃଥା

ନିକଟରେ ଦିଲ୍ଲୀରେ ଅନୁଷ୍ଠିତ ଇନଭେଷ୍ଟର୍ସ ମିଟରେ ଓଡ଼ିଶାରେ ବିପୁଳ ପୁଞ୍ଜିନିବେଶ ଲାଗି ପ୍ରସ୍ତାବ ଆସିଛି । କିଛି ବଡ଼ ବଡ଼ କମ୍ପାନୀ ସହ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି । ଏସବୁ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ରାଜ୍ୟରେ ଅନେକ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ । ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ଅନେକ ଶିଳ୍ପ ସଂସ୍ଥା ତଥା ନିବେଶକାରୀଙ୍କ ସହ ଆଲୋଚନା କରିଛନ୍ତି । ଏହି ଆଲୋଚନା ବେଳେ ଅନେକ ଓଡ଼ିଶାରେ ପୁଞ୍ଜିନିବେଶ ଲାଗି ଆଗ୍ରହ ପ୍ରକାଶ କରିଛନ୍ତି । ପ ଏହା ସ୍ୱାଗତଯୋଗ୍ୟ । ଅବଶ୍ୟ ଏଥିରେ କିଛି ନୂତନତ୍ୱ ନାହିଁ । ଅତୀତରେ ମଧ୍ୟ ଏଭଳି ଅନେକ ଶିଳ୍ପ ସଂସ୍ଥା ଓଡ଼ିରେ ପୁଞ୍ଜିନିବେଶ ଲାଗି ଆଗ୍ରହ ପ୍ରକାଶ କରିଥିଲେ । କିନ୍ତୁ ସେଥିରୁ ଅଧିକାଂଶ ପ୍ରତିଶ୍ରୁତି କେବଳ କାଗଜପତ୍ରରେ ସୀମିତ ରହିଛି । ବିଭିନ୍ନ କାରଣରୁ ଅନେକ ନିବେଶ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିନାହିଁ । କିନ୍ତୁ ଏବେ ପରିସ୍ଥିତି ଭିନ୍ନ । ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଗୋଟିଏ ଦଳର ସରକାର ରହିଛି । ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ବିଜେପି କ୍ଷମତାସୀନ ରହିଛି । ପ୍ରଥମ ଥର ପାଇଁ ଓଡ଼ିଶା ଦଖଲ କରିଥିବା ବିଜେପି ଓଡ଼ିଶାରେ କିଛି ନୂଆ କରି ଦେଖିବାର ପ୍ରୟାସ ଜାରି ରଖିଛି । ଓଡ଼ିଶଶରେ ପୁଞ୍ଜିନିବେଶ ଲାଗି ଯେଉଁସବୁ ପ୍ରସ୍ତାବ ଆସିଛି ସେଥିରୁ ଅଧା କାର୍ଯ୍ୟକାରୀ ହେଲେ ମଧ୍ୟ ବହୁତ ବଡ଼ ସଫଳତା ହେବ । ଗତ ବର୍ଷ ଓଡ଼ିଶାରେ ଉତ୍କର୍ଷ ଓଡ଼ିଶା କନକ୍ଲେଭ ସଫଳତାର ସହ ଆୟୋଜିତ ହୋଇଥିଲା । ଏହି କନକ୍ଲେଭରେ ଅନେକ ପ୍ରସ୍ତାବ ଆସିଥିଲା ଏବଂ ରାଜ୍ୟ ସରକାର ଅନେକ ଶିଳ୍ପ ସଂସ୍ଥା ସହ ଏମଓୟୁ ସ୍ୱାକ୍ଷର କରିଛନ୍ତି । ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିବେଶକମାନଙ୍କୁ ସହାୟତା ଲାଗି ପ୍ରତିଶ୍ରୁତି ଦେଇଛନ୍ତି । ଏହାକୁ ସେ ଓଡ଼ିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି ବୋଲି କହିଛନ୍ତି । ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଗୋଟିଏ ଦଳର ସରକାର ଚାଲିଛି । ତେଣୁ ଉଭୟ ସରକାର ସହଯୋଗର ହାତ ବଢ଼ାଇବେ । ଏହାର ପ୍ରଭାବ ନିଶ୍ଚିତ ଭାବେ ପଡ଼ିବ ଏବଂ ଓଡ଼ିଶାକୁ ପୁଞ୍ଜିର ସୁଅ ଛୁଟିବ ବୋଲି ଆଶା କରାଯାଇପାରେ । ଏହା ଦ୍ୱାରା ଓଡ଼ିଶାରେ ଲକ୍ଷାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ସରକାରଙ୍କ ରାଜସ୍ୱ ଦ୍ୱିଗୁଣିତ ହେବ । ବେଦାନ୍ତ କମ୍ପାନୀ ମୁଖ୍ୟ ଅନିଲ ଅଗ୍ରୱାଲ ରାୟଗଡ଼ାରେ ଏକ ଆଲୁମିନିୟମ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି । ଏ ବାବଦରେ ସେ ୨୦ ହଜାର କୋଟି ଟଙ୍କା ବିନିଯୋଗ କରିବେ ବୋଲି କହିଛନ୍ତି । ରାଷ୍ଟ୍ରାୟତ ଇଣ୍ଡିଆନ ଅଏଲ କର୍ପୋରେସନ ବା ଆଇଓସିଏଲ ଓଡ଼ିଶାରେ ୭୦ ହଜାର କୋଟି ଟଙ୍କା ନିବେଶ ଯୋଜନା କରିଛି । ପାରାଦୀପ ଏବଂ ଭଦ୍ରକରେ ଏହି ନିବେଶ ହେବ । ଜିନ୍ଦଲ ଷ୍ଟାଲ ଆଣ୍ଡ ପାୱାର ପାରାଦ୍ୱୀପରେ ମେଗା ଷ୍ଟିଲ ପ୍ଲାଣ୍ଟ ନିମାଣ କରୁଛି । ଏହା ବ୍ୟତିତ କେନ୍ଦୁଝରରେ ୩୦ରୁ ୪୦ ହଗାର କୋଟି ଟଙ୍କା ବିନିଯୋଗରେ ଆଉ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯୋଜନା କରିଥିବା ସେ କହିଛନ୍ତି । ଏଥିରେ ପୋସ୍କୋର ସହାୟତା ନିଆଯିବ ଏବଂ ପୋସ୍କୋ ସହ ମିଳିତ ଭାବେ ଏହି ପ୍ରକଳ୍ପ ପ୍ରତିଷ୍ଠା ହେବ ବୋଲି ଜିନ୍ଦଲ ପକ୍ଷରୁ କୁହାଯାଇଛି । ଏହା ବ୍ୟତିତ ଅନ୍ୟାନ୍ୟ ବହୁ ବଡ଼ ବଡ଼ କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି । ଓଡ଼ିଶାରେ ନିବେଶ ଲାଗି ଯେତେ ପ୍ରସ୍ତାବ ରହିଛି ସେଥିରୁ ଅଧିକାଠଶ ବଡ଼ ପ୍ରସ୍ତାବ ହେଉଛି କଣି ଭିତ୍ତିକ ଶିଳ୍ପ ପ୍ରକଳ୍ପ । ଏହା ସ୍ୱାଭାବିକ । କାରଣ ଓଡ଼ିଶା ଏକ ଖଣି ସମୃଦ୍ଧ ରାଜ୍ୟ । କୋଇଲା, ଲୁହାପଥର,ମାଙ୍ଗାନିଜ, ବକ୍ସାଇଟ, ଡୋଲୋମାଇଟ ଆଦି ମୂଲ୍ୟବାନ କଣିଜ ସାମଗ୍ରୀ ଏଠାରେ ପ୍ରଚୁର ପରିମାଣରେ ଗଚ୍ଛିତ ରହିଛି । ତେଣୁ ସ୍ୱାଭାବିକ ଭାବେ ଏଠାରେ ଖଣି ଭିତ୍ତିକଶିଳ୍ପ ପ୍ରତିଷ୍ଠା ଲାଗି ଅଧିକ ପ୍ରସ୍ତାବ ଆସିବ । କିନ୍ତୁ ବାସ୍ତବ କ୍ଷେତ୍ରରେ ଜମି ଅଧିଗ୍ରହଣ, ପରିବେଶ ମଞ୍ଜୁରୀ, ଖଣି ଲିଜ ସମ୍ଭବ ନହେଲେ ସବୁ ଉଦ୍ୟମ ମୂଲ୍ୟହୀନ ହୋଇଯିବ । କେବଳ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ବଳରେ ଏହା ସମ୍ଭବ ହୋଇଓପାରିବ । ସବୁ ରାଜ୍ୟରେ ଏଭଳି କନକ୍ଲେଭ ହେଉଛି । ସମସ୍ତ ନିବେଶକ ସେଠାକୁ ଯାଉଛନ୍ତି । ସବୁଠି ନିବେଶକମାନେ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶର ପ୍ରତିଶ୍ରୁତି ଦେଉଛନ୍ତି । କିନ୍ତୁ ସବୁ କାର୍ଯ୍ୟକାରୀ ହେଉନି । ଓଡ଼ିଶାରେ ଏଥର ଇତିହାସର ପୁନରାବୃତ୍ତି ନହେଉ, ଏହା ହିଁ ଆଶା । ଯଦି ଏବେ ନୁହେଁ, ତେବେ କେବେ ଏହା ସମ୍ଭବ ହେବ ନାହିଁ । ଯଦି ଡବଲ ଇଞ୍ଜିନ ସରକାରରେ ଏହା କାର୍ଯ୍ୟକାରୀ ନହୋଇପାରିଲା, ତେବେ ଏହାକୁ ଓଡ଼ିଶାର ଦୁର୍ଭାଗ୍ୟ ବୋଲି କୁହାଯିବ । ଏବେ ଓଡ଼ିଶାରେ ପୁଞ୍ଜିନିବେଶ ଲାଗି ଯେଉଁ ଅନୁକୁଳ ପରିସ୍ଥିତି ସୃଷ୍ଟି ହୋଇଛି ତାହା ପୂର୍ବରୁ କେବେ ନଥିଲା । ଏବେ ବିକଶିତ ଓଡ଼ିଶା ଗଠନ ଲାଗି ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି । ଏହାକୁ ହାତଛଡ଼ା କରାଯିବା ଅନୁଚିତ । ଏହି ସୁଯୋଗର ସଦୁପଯୋଗ କରାଗଲେ ୨୦୩୬ ସୁଦ୍ଧା ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନର ଶହେ ବର୍ଷ ପୂର୍ତ୍ତୀ ଅବସରରେ ଏକ ବିକଶିତ ଏବଂ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହୋଇପାରିବ । କିନ୍ତୁ କେବଳ ଶିଳ୍ପ ପ୍ରତିଷ୍ଠା ଲାଗି ନିବେଶ ଯଥେଷ୍ଟ ନୁହେଁ । କୃଷି ବିକାଶ ସହିତ ପର୍ଯ୍ୟଟନ ଶିଳ୍ପର ବିକାଶ ଏବଂ ଭିତ୍ତିଭୂମିର ଉନ୍ନତି ନିମନ୍ତେ ପୁଞ୍ଜି ନିବେଣ ମଧ୍ୟ ଆବଶ୍ୟକତା ରହିଛି । ଓଡ଼ିଶା ଏକ କୃଷି ଆଧାରିତ ରାଜ୍ୟ । କୃଷି ଏହାର ଅର୍ଥନୀତିର ମେରୁଦଣ୍ଡ । କିନ୍ତୁ ଓଡ଼ିଶାରେ କୃଷି ଉତ୍ପାଦନ ବୃଦ୍ଧି ଏବଂ ବଜାର ବ୍ୟବସ୍ଥାର ଉନ୍ନତି ହୋଇନାହିଁ । ତେଣୁ ରାଜ୍ୟରେ କୃଷି ଓ କୃଷକଙ୍କ ଉନ୍ନତି ହୋଇନାହିଁ । ଓଡ଼ିଶାରେ ଯେତିକି କୃଷି ଉତ୍ପାଦନ ହେଉଛି ତାହାର ୪ଗୁଣ ହୋଇପାରିବ । ଏଥିଲାଗି ଆବଶ୍ୟକ ଜଳସେଚନର ପ୍ରସାର, ଉତ୍ତମ ବଜାର ବ୍ୟବସ୍ଥା ଏବଂ ସଂରକ୍ଷଣ ବ୍ୟବସ୍ଥା । ଏସବୁ ଓଡ଼ିଶାରେ ନାହିଁ । କୃଷି ଉତ୍ପାଦନର ବଜାର ବ୍ୟବସ୍ଥା ଲାଗି କୃଷି ଭିତ୍ତିକ ଶିଳ୍ପର ଆବଶ୍ୟକତା ରହିଛି । ଏଥିଲାଗି ପୁଞ୍ଜି ନିବେଶ ଆବଶ୍ୟକ । ସେହିପରି ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ବିପୁଳ ସୁଯୋଗ ରହିଛି । ଏ କ୍ଷେତ୍ରରେ ନିବେଶ ହୋଇପାରିଲେ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ପାଇବେ ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ବୃଦ୍ଧି ହୋଇପାରିବ । ଏଥିଲାଗି ମୋହନ ମାଝୀ ସରକାର ଦୃଷ୍ଟି ଦେବେ ବୋଲି ଆଶା ଏବଂ ବିଶ୍ୱାସ ।

# ଦୁଇ ଟଙ୍କାର ସିନ୍ଦୂର ଓ ଦହିବରା ଆଳୁଦମ

**ସୌଭାଗ୍ୟ ରଞ୍ଜନ ମହାନ୍ତି**

ସେ ଝିଅଟିର ନାଁ ଥିଲା ମାଳତୀ । ବୟସ କେତେ ଥିଲା, ସେ ନିଜେ ମଧ୍ୟ ଠିକ୍ ମନେ ରଖିପାରୁନଥିଲା । କାରଣ ତା'ର ଶୈଶବ ଏତେ ଶୀଘ୍ର ଶେଷ ହୋଇଯାଇଥିଲା ଯେ, ନିଜ ଶୈଶବର ମୁହଁଟିକୁ ଆଇନାରେ ଦେଖିବାର ସୁଯୋଗ ମଧ୍ୟ ତାକୁ ମିଳିନଥିଲା । ଯେଉଁ ବୟସରେ ଅନ୍ୟ ଝିଅମାନେ ପାଠଶାଳାର ଖାତା ଧରି ଭବିଷ୍ୟତର ସ୍ୱପ୍ନ ଦେଖୁଥିଲେ, ସେହି ବୟସରେ ମାଳତୀଙ୍କ ହାତରେ ଧରାଇ ଦିଆଯାଇଥିଲା ଶଙ୍ଖା, ପଲା ଓ ସିନ୍ଦୂର । ତା'ର ମାଆ କହିଥିଲେ, "ଝିଅ, ତୋର ଭାଗ୍ୟ ଭଲ ହେଉ, ସ୍ୱାମୀ ଘରେ ସୁଖରେ ରହିବୁ ।" ମାଳତୀ ସେତେବେଳେ 'ସ୍ୱାମୀ ଘର'ର ଅର୍ଥ ମଧ୍ୟ ଭଲଭାବେ ବୁଝିନଥିଲା । ସେ ଭାବିଥିଲା, ନୂଆ ଘର ହେବ, ନୂଆ ଲୋକ ହେବେ, ନୂଆ ପୋଷାକ ମିଳିବ, ସନ୍ଧ୍ୟାବେଳେ ସ୍ୱାମୀ ତା' ପାଖରେ ବସି କଥା କହିବେ, ତା'ର ମନ ଭଲ ନଥିଲେ ମୁଣ୍ଡରେ ହାତ ରଖି ପଚାରିବେ—"କ'ଣ ହେଲା ?" ସେ ଜାଣିନଥିଲା ଯେ ସବୁ ଝିଅଙ୍କ ଭାଗ୍ୟରେ ସ୍ୱାମୀର ସ୍ନେହ ଲେଖା ନଥାଏ । ତା'ର ଭାଗ୍ୟରେ ଲେଖାଥିଲା ଏମିତି ଜଣେ ପୁରୁଷ, ଯିଏ ମଦ ପିଇ ଘରକୁ ଫେରୁଥିଲା, ନିଜ ହାତରେ ଥିବା ଶେଷ ଟଙ୍କାଟିକୁ ମଦ ପାଇଁ ଖର୍ଚ୍ଚ କରୁଥିଲା, ଘରର ଚୁଲି ଥଣ୍ଡା ରହିଲେ ମଧ୍ୟ ଚିନ୍ତା କରୁନଥିଲା, ପୁଅ ଭୋକରେ ଶୋଇଲେ ମଧ୍ୟ ତା'ର ଆଖିରେ ଲୁହ ଆସୁନଥିଲା । ସେହି ପୁରୁଷ ପାଇଁ ମାଳତୀ ଥିଲା ସ୍ତ୍ରୀ ନୁହେଁ, ଏକ ଶରୀର । ତା'ର ମନ ଅଛି କି ନାହିଁ, ତା'ର ଦୁଃଖ ଅଛି କି ନାହିଁ, ସେ ଭୋକିଲା କି ନାହିଁ, ସେ ଥକିଛି କି ନାହିଁ—ଏସବୁ ପ୍ରଶ୍ନର ମୂଲ୍ୟ ତା' ସ୍ୱାମୀଙ୍କ ପାଖରେ କେବେ ଥିଲା ନାହିଁ । ତା'ର ମୂଲ୍ୟ ଥିଲା କେବଳ ମାଳତୀଙ୍କ ଶରୀରରେ । ଦିନ ସାରା ଘର ପାଇଁ ଶ୍ରମ କରିଥିବା ସେହି ଝିଅଟି ରାତିରେ ମଧ୍ୟ ନିଜ ଶରୀରକୁ ନିଜର ଭାବେ ରଖିପାରୁନଥିଲା । ତା'ର ଇଚ୍ଛା, ତା'ର ଅନିଚ୍ଛା, ତା'ର ଯନ୍ତ୍ରଣା—ସବୁକିଛି ନିରବ ହୋଇଯାଉଥିଲା । ସେ କେବେ କେବେ ଭାବୁଥିଲା, "ମୁଁ କି ସ୍ତ୍ରୀ ? ନା କେବଳ ଏହି ଘରର ଜଣେ ଶ୍ରମିକ ?" କିନ୍ତୁ ସେହି ପ୍ରଶ୍ନର ଉତ୍ତର ଦେବାକୁ ଘରେ କେହି ନଥିଲେ । ମାଳତୀ ମୁହଁ ବନ୍ଦ କରି ବଞ୍ଚିବା ଶିଖିଗଲା । ତା'ର ଲୁହର ମଧ୍ୟ ଶବ୍ଦ ନଥିଲା । ସକାଳ ହେଲେ ସେ ଉଠୁଥିଲା । ଘର ଝାଡୁଥିଲା । ପାଣି ଆଣୁଥିଲା । ଚୁଲି ଜଳାଉଥିଲା । ପୁଅ ପାଇଁ ଖାଇବା ରାନ୍ଧୁଥିଲା । ସ୍ୱାମୀ ପାଇଁ ମଧ୍ୟ ଖାଦ୍ୟ ରଖୁଥିଲା । ନିଜ ପାଇଁ ଯାହା ବଞ୍ଚୁଥିଲା, ସେତିକିରେ ତା'ର ଦିନ କଟୁଥିଲା । ଘରେ ଟଙ୍କା ନଥିଲା । କିନ୍ତୁ ମଦ ପାଇଁ ଟଙ୍କା ମିଳୁଥିଲା । ଘରେ ଚାଉଳ ନଥିଲା । କିନ୍ତୁ ମଦ ପାଇଁ ଟଙ୍କା ମିଳୁଥିଲା । ପୁଅର ପାଦରେ ଚପଲ ନଥିଲା । କିନ୍ତୁ ସ୍ୱାମୀଙ୍କ ହାତରେ ମଦର ବୋତଲ ଥିଲା । ମାଳତୀଙ୍କ ଜୀବନରେ ସବୁଠାରୁ ବଡ଼ ଦୁଃଖ ଥିଲା ଅଭାବ ନୁହେଁ; ତା'ର ସବୁଠାରୁ ବଡ଼ ଦୁଃଖ ଥିଲା—ଯାହାକୁ ସେ ନିଜ ଜୀବନ ଭାବିଥିଲା, ସେହି ମଣିଷ ତା'ର ଜୀବନକୁ କେବେ ମୂଲ୍ୟ ଦେଇନଥିଲା । ଦିନେ ମାଳତୀ ସାହସ କରି ସ୍ୱାମୀଙ୍କୁ କହିଲା, "ଆଜି ଘରେ ସିନ୍ଦୂର ନାହିଁ । ଦୁଇ ଟଙ୍କା ଦେଇଦିଅ, ମୁଁ ସିନ୍ଦୂର ଆଣିବି ।" ସେହି କଥା ଶୁଣି ସ୍ୱାମୀ ହସିଦେଲା । ତା'ର ହାତରେ ମଦର ବୋତଲ ଥିଲା । ସେ କହିଲା, "ଦୁଇ ଟଙ୍କା ମଧ୍ୟ ନାହିଁ ।" ମାଳତୀ ଚୁପ ହୋଇଗଲା । ସେ ଆଉ କିଛି କହିଲା ନାହିଁ । କିନ୍ତୁ ତା'ର ଆଖିରେ ଜମିଗଲା ଏକ ଅଜଣା ଲୁହ । ଦୁଇ ଟଙ୍କା—କାହା ପାଇଁ ଏହା କେତେ ଛୋଟ ରାଶି ! କିନ୍ତୁ ମାଳତୀଙ୍କ ପାଇଁ ସେହି ଦୁଇ ଟଙ୍କା ଥିଲା ତା'ର ବିବାହର ଚିହ୍ନ, ତା'ର ମାଥାର ସିନ୍ଦୂର, ତା'ର ଜୀବନର ସମାଜିକ ପରିଚୟ । ଯେଉଁ ମଣିଷ ତା'ର ଶରୀରକୁ ନିଜ ଅଧିକାର ବୋଲି ଭାବୁଥିଲା, ସେହି ମଣିଷ ତା'ର ମାଥାରେ ଦୁଇ ଟଙ୍କାର ସିନ୍ଦୂର ଦେବାକୁ ମଧ୍ୟ ଅସମର୍ଥ ଥିଲା । ମାଳତୀ ସେହି ଦିନ ନିଜ ମନରେ ଏକ ପ୍ରଶ୍ନ କଲା—"ଯେଉଁ ମଣିଷ ମୋ ଶରୀରକୁ ଚାହେ, ସେ କାହିଁକି ମୋ ମାଥାରେ ଦୁଇ ଟଙ୍କାର ସିନ୍ଦୂର ଦେଇପାରେ ନାହିଁ ?" ତା'ର ପାଖରେ ଉତ୍ତର ନଥିଲା । ସମ୍ଭବତଃ ଉତ୍ତର ଏତିକି—ସେହି ପୁରୁଷ ମାଳତୀଙ୍କୁ ଭଲପାଉନଥିଲା; ସେ କେବଳ ତା'ର ଶରୀରକୁ ଚାହୁଁଥିଲା । ସେହି ରାତିରେ ମାଳତୀ ଘରର ଅନ୍ଧାର କୋଣରେ ବସି ନିଜ ମାଥାକୁ ଛୁଇଁଲା । ସିନ୍ଦୂରର ଚିହ୍ନ ଧୀରେ ଧୀରେ ମିଛିଯାଇଥିଲା । ସେ ଆଙ୍ଗୁଠିରେ ଖାଲି ମାଥାକୁ ଛୁଇଁଲା । ତା'ର ଆଖିରୁ ଦୁଇ ବୁନ୍ଦ ଲୁହ ଖସିଲା । ସେ ନିଜକୁ ପଚାରିଲା—"ମୋ ସ୍ୱାମୀ ମୋ ମାଥାର ସିନ୍ଦୂର ପାଇଁ ଦୁଇ ଟଙ୍କା ଦେଇପାରୁନାହାନ୍ତି, କିନ୍ତୁ ମୋ ଶରୀର ଉପରେ ଅଧିକାର ଦାବି କରିବାରେ କେବେ ପଛକୁ ହଟୁନାହାନ୍ତି କାହିଁକି ?" ସେହି ପ୍ରଶ୍ନର ଯନ୍ତ୍ରଣା ତା'ର ଛାତିରେ ପଥର ଭଳି ପଡ଼ିରହିଲା । ଦିନ ଗଡ଼ିଗଲା । ମାଳତୀଙ୍କ ପୁଅ ବଡ଼ ହେବାକୁ ଲାଗିଲା । ଛୋଟ ପୁଅର ଗୋଟିଏ ମାତ୍ର ଇଚ୍ଛା ଥିଲା—କେବେ ନା କେବେ ସେ ଦହିବରା ଆଳୁଦମ ଖାଇବ । ଗାଁର ରାସ୍ତା ପାଖରେ ଜଣେ ବୁଢ଼ା ଦହିବରା ବିକ୍ରି କରୁଥିଲେ । ପୁଅଟି ସେହି ଦୋକାନ ପାଖରେ ଠିଆ ହୋଇ ଅନ୍ୟ ପିଲାମାନଙ୍କୁ ଖାଉଥିବା ଦେଖୁଥିଲା । ଦିନେ ସେ ଘରକୁ ଆସି ମାଆଙ୍କୁ କହିଲା, "ମାଆ, ମୋତେ ଦହିବରା ଆଳୁଦମ ଖାଇବାକୁ ଇଚ୍ଛା ହେଉଛି ।" ମାଳତୀ ପୁଅର ମୁହଁକୁ ଦେଖିଲା । ତା'ର ମନ କାନ୍ଦିଉଠିଲା । ସେ ପୁଅକୁ କହିଲା, "ହଁ ବାପା, ଖୁଆଇବି ।" ପୁଅ ଖୁସିରେ ହସିଲା । କିନ୍ତୁ ମାଳତୀ ଜାଣିଥିଲା—ଘରେ ସେହି ଦହିବରା ପାଇଁ ଗୋଟିଏ ଟଙ୍କା ମଧ୍ୟ ନାହିଁ । ସେ ସ୍ୱାମୀଙ୍କୁ କହିଲା, "ପୁଅଟା ଦହିବରା ଆଳୁଦମ ଖାଇବାକୁ କହୁଛି । କିଛି ଟଙ୍କା ଦେଇଦିଅ ।" ସ୍ୱାମୀ ତା' ଦିଗକୁ ଦେଖିଲା ମଧ୍ୟ ନାହିଁ । ମଦ ପିଇଥିବା ସ୍ୱରରେ କହିଲା, "ମୋ ପାଖରେ କିଛି ନାହିଁ ।" ମାଳତୀ ଜାଣିଥିଲା, ତାଙ୍କ ପାଖରେ ଟଙ୍କା ନଥିଲା ନୁହେଁ; ମଦ ପାଇଁ ଟଙ୍କା ରଖାଯାଇଥିଲା, କିନ୍ତୁ ପୁଅ ପାଇଁ ନୁହେଁ । ସେହି ରାତିରେ ପୁଅ ଶୋଇବା ପୂର୍ବରୁ ପଚାରିଲା, "ମାଆ, କାଲି ଦହିବରା ଖୁଆଇବୁ ତ ?" ମାଳତୀ ହସି କହିଲା, "ହଁ ବାପା, କାଲି ନିଶ୍ଚୟ ।" ପୁଅ ଘୁମିଗଲା । ମାଳତୀ କିନ୍ତୁ ଘୁମାଇପାରିଲା ନାହିଁ । ସେ ଭାବିଲା—"ମୁଁ ମାଆ । ମୋ ପୁଅର ଛୋଟ ଇଚ୍ଛାଟିକୁ ମଧ୍ୟ ଯଦି ପୂରଣ କରିପାରିବି ନାହିଁ, ତେବେ ମୁଁ କେମିତି ମାଆ ?" ପରଦିନ ସକାଳେ ସେ ଘରୁ ବାହାରିଗଲା । କେଉଁଠି କାମ ମିଳିବ, ତା'ର ଜ୍ଞାନ ନଥିଲା । ରାସ୍ତା କଡ଼ରେ ନିର୍ମାଣ କାମ ଚାଲିଥିଲା । ମାଳତୀ ସେଠାରେ ଯାଇ ଠିଆ ହେଲା । ଜଣେ ଠିକାଦାର ପଚାରିଲେ, "କାମ କରିବୁ ?" ମାଳତୀ ମୁଣ୍ଡ ନୁଆଁଇ କହିଲା, "ହଁ ।" ତା'ର ହାତରେ କେବେ କୋମଳତା ଥିଲା, କିନ୍ତୁ ଜୀବନ ତାହାକୁ କଠିନ କରିଦେଇଥିଲା । ସେ ମୁଣ୍ଡରେ ଇଟ ବୋହିଲା । ବାଲି ବୋହିଲା । ମାଟି ଖୋଳିଲା । ଧୂପରେ ଘାମ ଝରିଲା । ପାଦ ଯନ୍ତ୍ରଣା କଲା । ହାତରେ ଫୋସକା ପଡ଼ିଲା । କିନ୍ତୁ ତା'ର ମନରେ ଥିଲା ଏକମାତ୍ର ଚିତ୍ର—ପୁଅର ହସୁଥିବା ମୁହଁ । ଦିନ ଶେଷରେ ତା' ହାତରେ କିଛି ଟଙ୍କା ଆସିଲା । ସେ ଟଙ୍କାଗୁଡ଼ିକୁ ମୁଠାରେ ଚାପି ଧରିଲା । ସେହି ଟଙ୍କା ତା' ପାଇଁ କେବଳ ମଜୁରି ନଥିଲା । ସେହି ଟଙ୍କାରେ ଥିଲା ତା'ର ପୁଅର ଖୁସି । ଘରକୁ ଫେରିବା ସମୟରେ ସେ ରାସ୍ତା ପାଖରୁ ଦହିବରା ଆଳୁଦମ କିଣିଲା । ଘରକୁ ପହଞ୍ଚି ପୁଅକୁ ଡାକିଲା, "ବାପା, ଆସ ।" ପୁଅ ଦୌଡ଼ିଆସିଲା । ମାଆଙ୍କ ହାତରେ ଦହିବରା ଦେଖି ତା'ର ମୁହଁ ଖୁସିରେ ଆଲୋକିତ ହୋଇଗଲା । ସେ ପଚାରିଲା, "ମାଆ, ତୁ କିଣିଲୁ ?" ମାଳତୀ ହସି କହିଲା, "ହଁ ବାପା ।" ପୁଅ ଖାଇବା ଆରମ୍ଭ କଲା । ପ୍ରଥମ ଗ୍ରାସଟି ମୁହଁରେ ପକାଇ ସେ ଯେତେବେଳେ ହସିଲା, ମାଳତୀଙ୍କ ଆଖିରେ ଲୁହ ଆସିଗଲା । ସେହି ଦହିବରାରେ ତା'ର ନିଜ ଭୋକ ନଥିଲା, କିନ୍ତୁ ମାଆର ମମତା ଥିଲା । ସେହି ଆଳୁଦମରେ ତା'ର ନିଜ ପାଇଁ କିଛି ନଥିଲା, କିନ୍ତୁ ପୁଅର ଖୁସି ପାଇଁ ସବୁକିଛି ଥିଲା । ପୁଅ ଖାଇସାରି ମାଆଙ୍କୁ ଦେଖି କହିଲା, "ମାଆ, ତୁ ଖାଇବୁ ?" ମାଳତୀ ହସି କହିଲା, "ମୁଁ ଖାଇଦେଇଛି ।" ସେ ମିଛ କହିଥିଲା । ସେହି ଦିନ ସକାଳଠାରୁ ତା' ପେଟରେ କିଛି ପଡ଼ିନଥିଲା । କିନ୍ତୁ ଜଣେ ମାଆର ପେଟ ଭୋକରେ ଖାଲି ଥାଇପାରେ, ତା'ର ହୃଦୟ ପୁଅର ହସରେ ପୂର୍ଣ୍ଣ ହୋଇଯାଏ । ସେହି ରାତିରେ ପୁଅ ମାଆଙ୍କ କୋଳରେ ମୁଣ୍ଡ ରଖି କହିଲା, "ମାଆ, ତୁ ସବୁଠାରୁ ଭଲ ।" ଏହି ଚାରିଟି ଶବ୍ଦ ମାଳତୀଙ୍କ ସାରା ଦିନର ଶ୍ରମକୁ ଭୁଲାଇଦେଲା । ସେ ନିରବରେ ପୁଅର କେଶରେ ହାତ ବୁଲାଇଲା । ତା'ର ଆଖିରୁ ଲୁହ ଝରୁଥିଲା । ପୁଅ ଦେଖିଲା ନାହିଁ । ସେ ଭାବିଲା, ମାଆ ହସୁଛି । କିନ୍ତୁ ମାଆଙ୍କ ସେହି ହସର ପଛରେ କେତେ ଯନ୍ତ୍ରଣା ଥିଲା, ତାହା ସେତେବେଳେ ତା'ର ଜଣା ନଥିଲା । ବର୍ଷ ପରେ ସେହି ପୁଅ ବଡ଼ ହେଲା । ସେ ଜାଣିଲା, ତା'ର ମାଆ ତା'କୁ ଦହିବରା ଆଳୁଦମ ଖୁଆଇବା ପାଇଁ ଦିନ ସାରା ମୁଣ୍ଡରେ ଇଟ ବୋହିଥିଲା । ସେ ଜାଣିଲା, ତା'ର ବାପା ଦୁଇ ଟଙ୍କାର ସିନ୍ଦୂର ଦେବାକୁ ଅସମର୍ଥ ଥିଲେ, କିନ୍ତୁ ମାଆ ନିଜ ଶ୍ରମରେ ପୁଅର ଛୋଟ ଇଚ୍ଛା ପୂରଣ କରିଥିଲା । ସେ ଜାଣିଲା, ତା'ର ମାଆ କେବେ ନିଜ ପାଇଁ ଜୀବନ ଜୀଇନଥିଲା । ସେ କେବଳ ପୁଅ ପାଇଁ ଜୀଇଥିଲା । ସେହି ଦିନ ପୁଅ ମାଆଙ୍କ ପାଖରେ ବସି କାନ୍ଦି କାନ୍ଦି କହିଲା, "ମାଆ, ତୁ ମୋତେ କାହିଁକି କହିଲୁ ନାହିଁ ?" ମାଳତୀ ହସି କହିଲା, "ମାଆ କେବେ ପୁଅକୁ ନିଜ ଦୁଃଖର ଭାର ଦିଏ ନାହିଁ ବାପା ।" ପୁଅ କହିଲା, "ତୁ ମୋ ପାଇଁ ଏତେ କଷ୍ଟ କରିଛୁ ।" ମାଳତୀ ତା'ର ମୁଣ୍ଡରେ ହାତ ରଖି କହିଲା, "ତୋର ହସ ମୋ ପାଇଁ ସବୁଠାରୁ ବଡ଼ ଦରମା ।" ସେହି କଥା ଶୁଣି ପୁଅର ଆଖିରୁ ଲୁହ ଝରିପଡ଼ିଲା । ସେ ମାଆଙ୍କ ପାଦ ଧରିଲା । ସେହି ପାଦରେ ଥିଲା ବର୍ଷ ବର୍ଷର ଶ୍ରମର ଚିହ୍ନ । ଫାଟିଯାଇଥିବା ଗୋଇଠି, କଠିନ ଚର୍ମ, ଶୁଖିଯାଇଥିବା ରକ୍ତର ଚିହ୍ନ—ସବୁକିଛି ତା'ର ଆଖି ଆଗରେ ଥିଲା । ସେ ଭାବିଲା, "ଏହି ପାଦ ମୋତେ ଚାଲିବା ଶିଖାଇଥିଲା । ଏହି ହାତ ମୋତେ ଖାଇବା ଦେଇଥିଲା । ଏହି ମାଆ ନିଜେ ଭୋକିଲା ରହି ମୋତେ ଖୁଆଇଥିଲା ।" ମାଳତୀଙ୍କ ଜୀବନ ଆମ ସମାଜର ଅନେକ ନାରୀଙ୍କ ଜୀବନର ଏକ ନିରବ ପ୍ରତିଛବି । ଏମିତି କେତେ ମାଳତୀ ଅଛନ୍ତି, ଯେଉଁମାନେ ବହୁତ ଛୋଟ ବୟସରେ ବିବାହର ନାଁରେ ନିଜ ଶୈଶବ ହରାଇଦେଇଛନ୍ତି । ଏମିତି କେତେ ନାରୀ ଅଛନ୍ତି, ଯେଉଁମାନଙ୍କ ସ୍ୱାମୀ ମଦରେ ବୁଡି ଯାଇଛନ୍ତି । ଏମିତି କେତେ ନାରୀ ଅଛନ୍ତି, ଯେଉଁମାନଙ୍କ ଶରୀରକୁ ସ୍ୱାମୀ ଅଧିକାର ଭାବେ ଦେଖନ୍ତି, କିନ୍ତୁ ମନକୁ ମଣିଷ ଭାବେ ଦେଖନ୍ତି ନାହିଁ । ଏମିତି କେତେ ନାରୀ ଅଛନ୍ତି, ଯେଉଁମାନେ ନିଜ ପିଲାଙ୍କ ମୁହଁରେ ହସ ଦେଖିବା ପାଇଁ ନିଜ ଶରୀରକୁ ଶ୍ରମରେ ଭାଙ୍ଗିଦେଉଛନ୍ତି । ସେମାନେ ଅଭିଯୋଗ କରୁନାହାନ୍ତି । କାରଣ ସେମାନେ ଦୁର୍ବଳ ନୁହେଁ । ସେମାନଙ୍କ ନିରବତାର ଭିତରେ ଅସୀମ ଶକ୍ତି ଅଛି । କିନ୍ତୁ ସମାଜର ଦାୟିତ୍ୱ ହେଉଛି ଏହି ନିରବତାକୁ ଦୁର୍ବଳତା ବୋଲି ନଭାବିବା । ଜଣେ ନାରୀ ସ୍ୱାମୀଙ୍କ ଘରେ ରହୁଛି ବୋଲି ତା'ର ସମସ୍ତ ଅଧିକାର ଶେଷ ହୋଇଯାଏ ନାହିଁ । ତା'ର ଶରୀର ଉପରେ ତା'ର ନିଜ ଅଧିକାର ଅଛି । ତା'ର ମନ ଅଛି । ତା'ର ସମ୍ମାନ ଅଛି । ତା'ର ସ୍ୱପ୍ନ ଅଛି । ତା'ର ଭୋକ ଅଛି । ତା'ର ଲୁହ ଅଛି । ତା'ର ହସ ଅଛି । ସ୍ୱାମୀ ହେବାର ଅର୍ଥ ଶରୀର ଉପରେ ଅଧିକାର ନୁହେଁ; ସ୍ୱାମୀ ହେବାର ଅର୍ଥ ଦାୟିତ୍ୱ, ସମ୍ମାନ, ସ୍ନେହ ଓ ସୁରକ୍ଷା । ଯେଉଁ ପୁରୁଷ ନିଜ ସ୍ତ୍ରୀର ଶରୀର ଚାହେ କିନ୍ତୁ ତା'ର ଭୋକ ବୁଝେନାହିଁ, ଯେଉଁ ପୁରୁଷ ସ୍ତ୍ରୀକୁ ନିଜ ଅଧିକାର ବୋଲି ଭାବେ କିନ୍ତୁ ତା'ର ଲୁହକୁ ନିଜ ଦାୟିତ୍ୱ ବୋଲି ମାନେନାହିଁ, ସେ ସ୍ୱାମୀ ହେବାର ଅର୍ଥକୁ ଅପମାନ କରୁଛି । ଦୁଇ ଟଙ୍କାର ସିନ୍ଦୂର କିଣିପାରୁନଥିବା ଦୁଃଖ ହୁଏତ ଛୋଟ ଲାଗିପାରେ, କିନ୍ତୁ ତା' ପଛରେ ଥିବା ଅବହେଳା ବହୁତ ବଡ଼ । ଦହିବରା ଆଳୁଦମର ଗୋଟିଏ ପ୍ଲେଟ୍ ହୁଏତ ଦାମରେ ଛୋଟ, କିନ୍ତୁ ତାହା ପାଇଁ ମାଆର ମୁଣ୍ଡରେ ବୋହାଯାଇଥିବା ପ୍ରତ୍ୟେକ ଇଟର ଓଜନ ବହୁତ ବଡ଼ । ମାଳତୀଙ୍କ କାହାଣୀର ସବୁଠାରୁ ଯନ୍ତ୍ରଣାଦାୟକ ଅଂଶ ଏହା ନୁହେଁ ଯେ ତା'ର ସ୍ୱାମୀ ମଦ ପିଉଥିଲେ । ସବୁଠାରୁ ବଡ଼ ଯନ୍ତ୍ରଣା ହେଉଛି—ମାଳତୀଙ୍କ ଜୀବନରେ କେହି କେବେ ତାଙ୍କୁ ପଚାରିଲା ନାହିଁ, "ତୁ କେମିତି ଅଛୁ ?" ସେ ଅନ୍ୟମାନଙ୍କ ପାଇଁ ରାନ୍ଧିଲା, ଅନ୍ୟମାନଙ୍କ ପାଇଁ ଶ୍ରମ କଲା, ଅନ୍ୟମାନଙ୍କ ପାଇଁ ନିଜ ଜୀବନ ଦେଇଦେଲା, କିନ୍ତୁ ତା' ପାଇଁ କେହି ଗୋଟିଏ ଦିନ ମଧ୍ୟ ଠିଆ ହୋଇ କହିଲେ ନାହିଁ—"ମାଳତୀ, ତୋର ମଧ୍ୟ ଥକା ଲାଗୁଛି କି ?" ଏହି ପ୍ରଶ୍ନଟି ଆଜି ଆମ ସମସ୍ତଙ୍କ ପାଇଁ । ଆମ ଚାରିପାଖରେ ଏମିତି କେତେ ନାରୀ ଅଛନ୍ତି, ଯେଉଁମାନେ ହସୁଛନ୍ତି, କିନ୍ତୁ ଭିତରେ କାନ୍ଦୁଛନ୍ତି ? କେତେ ନାରୀ ଅଛନ୍ତି, ଯେଉଁମାନେ ପରିବାର ପାଇଁ ରାତିଦିନ ଶ୍ରମ କରୁଛନ୍ତି, କିନ୍ତୁ ନିଜ ପାଇଁ ଦୁଇ ମୁହୂର୍ତ୍ତ ସମୟ ନାହିଁ ? କେତେ ମାଆ ଅଛନ୍ତି, ଯେଉଁମାନେ ପିଲାଙ୍କୁ ଖୁଆଇ ନିଜେ ଭୋକିଲା ଶୋଇଯାଉଛନ୍ତି ? କେତେ ସ୍ତ୍ରୀ ଅଛନ୍ତି, ଯେଉଁମାନେ ନିଜ ସ୍ୱାମୀଙ୍କ ମଦର ଦୁର୍ଗନ୍ଧ ସହି ମଧ୍ୟ ପରଦିନ ସକାଳେ ଘରର ଚୁଲି ଜଳାଉଛନ୍ତି ? ଆମେ ସେମାନଙ୍କୁ ଦେଖୁଛୁ କି ? ନା ସେମାନଙ୍କ ନିରବତାକୁ ସାଧାରଣ ବୋଲି ଭାବୁଛୁ ? ମାଳତୀଙ୍କ କାହାଣୀ ଶେଷ ହୋଇନାହିଁ । କାରଣ ମାଳତୀ କେବଳ ଜଣେ ନାରୀର ନାଁ ନୁହେଁ । ମାଳତୀ ହେଉଛି ସେହି ପ୍ରତ୍ୟେକ ନାରୀର ନାଁ, ଯିଏ ନିଜ ଲୁହ ଲୁଚାଇ ପିଲାଙ୍କୁ ହସାଏ । ମାଳତୀ ହେଉଛି ସେହି ପ୍ରତ୍ୟେକ ମାଆ, ଯିଏ ନିଜେ ଭୋକିଲା ରହି ପୁଅକୁ ଶେଷ ଗ୍ରାସଟି ଖୁଆଏ । ମାଳତୀ ହେଉଛି ସେହି ପ୍ରତ୍ୟେକ ସ୍ତ୍ରୀ, ଯିଏ ଭଲପାଇବା ନପାଇ ମଧ୍ୟ ଭଲପାଇବା ଦେଇଚାଲେ । ଏବଂ ଏହି କାହାଣୀର ସବୁଠାରୁ ବଡ଼ ପ୍ରଶ୍ନ ହେଉଛି—ଆମେ ଏମିତି ମାଳତୀମାନଙ୍କୁ କେତେ ଦିନ ଆଉ ନିରବରେ କାନ୍ଦିବାକୁ ଦେବୁ ? ସିନ୍ଦୂରର ମୂଲ୍ୟ ଦୁଇ ଟଙ୍କା ହୋଇପାରେ, ଦହିବରା ଆଳୁଦମର ମୂଲ୍ୟ କିଛି ଟଙ୍କା ହୋଇପାରେ, କିନ୍ତୁ ଜଣେ ନାରୀର ସମ୍ମାନର ମୂଲ୍ୟ କେବେ ଦୁଇ ଟଙ୍କା ନୁହେଁ । ଜଣେ ମାଆର ଶ୍ରମର ମୂଲ୍ୟ କେବେ ଗୋଟିଏ ଦିନର ମଜୁରି ନୁହେଁ । ଜଣେ ସ୍ତ୍ରୀର ଭଲପାଇବାର ମୂଲ୍ୟ କେବେ ତା'ର ଶରୀର ନୁହେଁ । ଜଣେ ନାରୀ ପ୍ରଥମେ ମଣିଷ । ତା'ପରେ ସେ କାହାର ଝିଅ, କାହାର ସ୍ତ୍ରୀ, କାହାର ମାଆ । ତା'ର ନିଜ ଅସ୍ତିତ୍ୱ ଅଛି । ତା'ର ନିଜ ସ୍ୱପ୍ନ ଅଛି । ଏବଂ ସେହି ସ୍ୱପ୍ନକୁ ସମ୍ମାନ କରିବା ହିଁ ଏକ ସଭ୍ୟ ସମାଜର ପରିଚୟ । ମାଳତୀଙ୍କ ମାଥାରେ ସିନ୍ଦୂର ଥିଲା କି ନଥିଲା, ତା'ର ସ୍ୱାମୀ ତା'କୁ ଭଲପାଉଥିଲେ କି ନାହିଁ, ତା'ର ଜୀବନରେ କେତେ ଅଭାବ ଥିଲା—ଏସବୁଠାରୁ ବଡ଼ ସତ୍ୟ ହେଉଛି, ସେ ନିଜ ପୁଅର ମୁହଁରେ ହସ ଦେଖିବା ପାଇଁ ନିଜ ଜୀବନକୁ ଶ୍ରମରେ ଜଳାଇଦେଇଥିଲା । ଦୁଇ ଟଙ୍କାର ସିନ୍ଦୂର ତା'କୁ ମିଳିନଥିଲା, କିନ୍ତୁ ସେ ନିଜ ପୁଅର ଲଲାଟରେ ଭବିଷ୍ୟତର ସ୍ୱପ୍ନ ଲେଖିଦେଇଥିଲା । ନିଜେ ଦହିବରା ଖାଇନଥିଲା, କିନ୍ତୁ ପୁଅର ଥାଳିରେ ଖୁସି ପରସିଥିଲା । ଏହି ହେଉଛି ମାଆ । ଏହି ହେଉଛି ନାରୀ । ଏବଂ ଏହି ହେଉଛି ସେହି ଲୁହ, ଯାହାକୁ ଦେଖିବା ପୂର୍ବରୁ ଆମ ସମାଜକୁ ନିଜ ଆଖିରୁ ପରଦା ହଟାଇବାକୁ ପଡ଼ିବ ।

# ମୋଦୀଙ୍କ ନୂଆ ଶବ୍ଦ "ଦିମାଗି ନକ୍ସଲ"

**ଗୋପାଳ ମହାପାତ୍ର**

ପ୍ରଧାନମନ୍ତ୍ରୀ ୮୦ ତମ ସ୍ୱାଧିନତା ଦିବସ ଅବସରରେ ଦେଶକୁ ସମ୍ବୋଧିତ କଲାବେଳେ ଏକ ନୂଆ ଶବ୍ଦ ପ୍ରୟୋଗ କରିଛନ୍ତି । ଭାରତୀୟ ରାଜନୀତି ଓ ଭାରତୀୟ ଜନମାନସରେ ଏହି ନୂଆ ଶବ୍ଦ-ଦିମାଗି ନକସଲ (ମାନସିକ ନକସଲ) କୁ ଯୋଡି ଏକ ବିବାଦକୁ ମଧ୍ୟ ଜନ୍ମ ଦେଇଛନ୍ତି । ଭାରତର ଲୋକମାନେ ଏହି ନୂଆ ଶବ୍ଦକୁ ମଧ୍ୟ ତୁରନ୍ତ ଠଉରାଇ ପାରିଛନ୍ତି । ସାମାଜିକ ଗଣ ମାଧ୍ୟମରେ ଏ ପ୍ରସଙ୍ଗରେ ଅନେକ କଥା ପ୍ରସାରିତ ହେଉଛି । ଅନେକେ ମଧ୍ୟ ଗର୍ବରେ ନିଜକୁ ଦିମାଗି ନକ୍ସଲ କହିବାକୁ ଆରମ୍ଭ କଲେଣି । ଏହି ଶବ୍ଦକୁ ନେଇ କକରୋଚ ଜନତା ପାର୍ଟି ଭଳି ଦିମାଗି ଜନତା ପାର୍ଟି ଗଠନ ଭଳି ହାସ୍ୟ କଥା ଉଠିଲାଣି । ଅନ୍ୟ ପକ୍ଷରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ପି.ଚିଦାମ୍ବରମ୍ ମଧ୍ୟ ଗର୍ବରେ ନିଜକୁ ଦିମାଗି ନକ୍ସଲ ବୋଲି କହିଛନ୍ତି । ରାଜନୀତିର ଏକ ମଜାଦାର କଥା ହେଉଛି ରଚୟିତା ହାତରୁ ତୁରନ୍ତ ଖସି ରଚନା (ଶବ୍ଦ) ଅନ୍ୟ ହାତକୁ ଚାଲିଯାଇଛି । ଦିମାଗି ବା ମାନସିକ ସ୍ତରରେ ବା ଅନ୍ୟଅର୍ଥରେ ବୁଦ୍ଧିମାନ ହେବା କୌଣସି ଭୁଲ ନୁହେଁ । କାରଣ ମଣିଷର ପ୍ରମୁଖ ଅଂଗ ହେଉଛି ମସ୍ତିଷ୍କ (ବୁଦ୍ଧି) । ମୁଖ୍ୟ ପ୍ରସଙ୍ଗ ହେଉଛି ଏହି ଦିମାଗି ନକସଲ ଶବ୍ଦ କେଉଁ ମ□ରେ ଏବଂ କେଉଁ ଅବସରରେ କାହା ଉଦେଶ୍ୟରେ ପ୍ରୟୋଗ କରାଯାଇଛି ।

ସ୍ୱାଧିନତା ଦିବସ ହେଉଛି ଏମିତି ଏକ ଦିନ ଯେତେବେଳେ ପ୍ରଧାନମନ୍ତ୍ରୀ କୌଣସି ଦଳ ବା ସରକାରର ମୁଖିଆ ଭାବରେ ନୁହେଁ ବରଂ ଗଣରାଜ୍ୟର ସ୍ୱର ଭାବେ ଭାଷଣ ଦେଇଥାନ୍ତି । ଲାଲକିଲ୍ଲା ହେଉଛି ସେଇ ସ୍ଥାନ ଯେଉଁଠାରୁ ଭାରତ ନିଜକୁ ଦେଖିଥାଏ ନିଜର ଯାତ୍ରା, ନିଜର ମହତ୍ୱକାଂକ୍ଷା, ନିଜର ଆଶାକୁ ଏବଂ ନିଜର ଲୋକଙ୍କୁ ଏବଂ ସାରା ଦୁନିଆକୁ କହିଥାଏ ଯେ ଭାରତ ନିଜେ କ'ଣ ଓ ନିଜକୁ କ'ଣ ଭାବେ । ଏହି ଲାଲକିଲ୍ଲାରୁ ଅନେକ ପ୍ରଧାନମନ୍ତ୍ରୀ ଭାଷଣ ଦେଇଛନ୍ତି ଓ ସେମାନଙ୍କ ଭାଷଣ ସାରା ବିଶ୍ୱକୁ ସ୍ତବ୍ଧ କରିଛି । ପଣ୍ଡିତ ଜବାହାରଲାଲ ନେହେରୁ ଏକ ଯୁବ ଭାରତକୁ ବୈଜ୍ଞାନିକ ଦୃଷ୍ଟିକୋଣ ଏବଂ ଆଧୁନିକ ରାଷ୍ଟ୍ର ନିର୍ମାଣର ଭାଷା ଦେଇଥିଲେ । ଲାଲବାହାଦୁର ଶାସ୍ତ୍ରୀଙ୍କ ଭାଷାରେ ଜୟ-ଜବାନ, ଜୟ-କିଶାନ ଥିଲା । ଅଟଳ ବିହାରୀ ବାଜପୟୀ ଶାସ୍ତ୍ରୀଙ୍କ ଭାଷାରେ ଜୟ ବିଜ୍ଞାନ ଯୋଡି ଦେଇଥିଲେ । ଡ଼କ୍ଟର ମନମୋହନ ସିଂହ ଏଇ ଲାଲକିଲ୍ଲାରୁ ଭାରତର "ଜ୍ଞାନ ଅର୍ଥବ୍ୟବସ୍ଥା"ରେ ପ୍ରବେଶର କଥା କହିଥିଲେ । କହିଥିଲେ ଦୁନିଆରେ ଭାରତର ସ୍ଥାନ "ନୂଆ ଗବେଷଣା ଏବଂ ନୂଆଚିନ୍ତା" ଉପରେ ନିର୍ଭର କରିବ । ଏହି ପ୍ରାଚୀରରୁ ଇନ୍ଦିରାଗାନ୍ଧୀ, ରାଜୀବ ଗାନ୍ଧୀଙ୍କ ଭଳି ପ୍ରଧାନମନ୍ତ୍ରୀ ମଧ୍ୟ ଦେଶକୁ ନୂଆ ଦିଗ୍‌ଦର୍ଶନ ଦେଇଛନ୍ତି । ଏହି ଲାଲକିଲ୍ଲାରୁ ଶବ୍ଦର ବ୍ୟବହାରରେ କେହି କେବେ ଏଭଳି ଶବ୍ଦର ବ୍ୟବହାର କରି ନାହାଁନ୍ତି । ଲାଲ କିଲ୍ଲାରୁ କେଉଁ ନେତା ରାଷ୍ଟ୍ରୀୟ କଳ୍ପନା ବାବଦରେ କ'ଣ କହିଛନ୍ତି ସେ କଥା ଏ ଯାବତ୍ ଦେଶବାସୀ ମନେରଖିଛନ୍ତି ।

ଜବାନ, କିଶାନ, ବିଜ୍ଞାନ, ଜ୍ଞାନ, ନୂଆ ଚିନ୍ତା ଏ ସବୁଶବ୍ଦରେ ରାଷ୍ଟ୍ରୀୟ କଳ୍ପନାର କଥା ଥିଲା । ଏସବୁ ଶବ୍ଦରେ ନୂଆ ଭୂମିକାର ସମ୍ମାନ ଥିଲା, ନୂଆ କ୍ଷମତାକୁ ବିକଶିତ କରିବାର ଆଗ୍ରହ ଥିଲା । ଭାରତ ଆଗାମୀ ଦିନରେ କ'ଣ ହୋଇପାରିବ ତାର ଏକ ରୂପରେଖ ଥିଲା । "ଦିମାଗି ନକସଲ" ଏହାର ଓଲଟା । ଏହି ଶବ୍ଦ ସେଇ ଶବ୍ଦାବଳୀରେ କିଛି ନୂଆ କଥା ଯୋଡି ନାହିଁ । ଲାଲକିଲ୍ଲାର ଏହି ପରମ୍ପରାରେ ପ୍ରଥମଥର ଭାରତୀୟଙ୍କୁ କିଛି ନୂଆକରିବା ପାଇଁ କୁହାଯାଇନାହିଁ ବରଂ ଏକ ନୂଆ ପରିଚୟ ସୃଷ୍ଟି କରାଯାଇଛି ଦିମାଗି ନକସଲ ରୂପରେ । ଏହି ଶବ୍ଦରେ କିଛି ନୂଆ ନାହିଁ ଯାହାକୁ ରାଷ୍ଟ୍ରୀୟ କଳ୍ପନା ସହ ଯୋଡ଼ାଯିବ ବରଂ ରାଷ୍ଟ୍ରୀୟ କଳ୍ପନାରୁ ଭିନ୍ନ କିଛି ରହିଛି । ଅନ୍ୟ ପକ୍ଷରେ ଏହି ବାକ୍ୟାଂଶକୁ କୌଣସି ପକ୍ଷ ଭଳି ନୁହେଁ ଜଣେ ଦେଶ ଭକ୍ତ ଭଳି ଦେଖିଲେ ଏହି ଶବ୍ଦ ଦେଶ ଭକ୍ତିର ଶବ୍ଦ ଲାଗେ ନାହିଁ । ବିଗତ ୧୨ ବର୍ଷ ମଧ୍ୟରେ "ରାଷ୍ଟ୍ରବିରୋଧି" ଶବ୍ଦକୁ ଭାରତର ରାଜନୀତିରେ ଅତି ସହଜ ଭାବେ ବ୍ୟବହାର କରାଯାଇଛି ବୋଲି ମଧ୍ୟ ଅଭିଯୋଗ ଉଠିଛି । ପ୍ରଦର୍ଶନକାରୀଙ୍କ ବିରୁଦ୍ଧରେ , ଛାତ୍ରଙ୍କ ବିରୁଦ୍ଧରେ, ସାମ୍ବାଦିକଙ୍କ ବିରୁଦ୍ଧରେ, ଶିକ୍ଷାବିତ୍‌ଙ୍କ ବିରୁଦ୍ଧରେ, ସାମାଜିକ କାର୍ଯ୍ୟକ□ଙ୍କ ବିରୁଦ୍ଧରେ, ରାଜନୈତିକ ବିରୋଧିଙ୍କ ବିରୁଦ୍ଧରେ ଏହି "ରାଷ୍ଟ୍ରବିରୋଧି" ଶବ୍ଦର ବ୍ୟବହାର କରାଯାଇଛି । ଏହା ରାଷ୍ଟ୍ରୀୟ ଭାବନାର ବିରୋଧି ବୋଲି କୁହାଯିବ ନା ନାହିଁ ?ଦୁର୍ଭାଗ୍ୟ ଯେ ସ୍ୱାଧିନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶ ବାବଦରେ ଚିନ୍ତା କରୁଥିବା ଲୋକଙ୍କ ପ୍ରତି ସାବଧାନ ରୁହ । ଦେଶ ପାଇଁ ଏହାଠାରୁ ଦୁର୍ଭାଗ୍ୟପୂର୍ଣ୍ଣ ବିଶୟ କ'ଣ ହୋଇପାରେ ଯେ ଯେଉଁ ଭାରତୀୟ ଦିମାଗ ବା ବୁଦ୍ଧିକୁ ଆମେ ସାରା ବିଶ୍ୱ ସମ୍ମୁଖରେ ଆମର ଶକ୍ତି ଭାବରେ ଉପସ୍ଥାପନ କରୁଛେ ସେଇ ଦିମାଗ ବା ବୁଦ୍ଧିକୁ ରାଜନୈତିକ ସନ୍ଦେହ ଶ୍ରେଣୀରେ ରଖାଯାଉଛି । ଭାରତ ଏମିତି ଏକ ଦେଶ ଯାହାକୁ ଜ୍ଞାନ-ଶକ୍ତି ଭାବରେ ସାରା ବିଶ୍ୱ ମାନ୍ୟତା ଦେଉଛି । ଭାରତୀୟ ବୈଜ୍ଞାନିକ ମାନେ ବିଦେଶରେ ସଫଳତା ହାସଲ କଲେ ଆମେ ଗର୍ବ କରୁଛେ । ଆମ ଦେଶର ଇଞ୍ଜିନିୟର, ଡାକ୍ତର, ପ୍ରଫେସର ବିଦେଶରେ ସମ୍ମାନୀତ ହେଉଛନ୍ତି । ଆମେ ଶୂନ୍ୟ ଏବଂ ଆର୍ଯ୍ୟଭଟ୍ଟଙ୍କୁ ମନେ ପକାଉଛେ, ନାଳନ୍ଦା, ତକ୍ଷଶୀଳା ପାଇଁ ଆମେ ଗର୍ବ ଅନୁଭବ କରୁଛେ । ଆମକୁ କୃତ୍ରିମ ବୁଦ୍ଧିମତା ଦରକାର, ସେମିକଣ୍ଡକ୍ଟର କାରଖାନା ଦରକାର, ନୋବେଲ ପୁରସ୍କାର, ଷ୍ଟାର୍ଟଅପ୍ ପେଟେ□ ଏବଂ ଗବେଷଣା ଦରକାର । ପ୍ରଧାନମନ୍ତ୍ରୀ ବାରମ୍ବାର କହୁଛନ୍ତି ବଡ଼ କିଛି ଚିନ୍ତାକର, ସ୍ୱପ୍ନ ଦେଖ, ନୂଆ କିଛି କର । ତା ପରେ ପୁଣି ଆସୁଛି- ଦିମାଗି ନକସଲ । ଭାରତୀୟ ଦିମାଗି (ବୁଦ୍ଧି) ଆବିଷ୍କାର କଲେ ଉତ୍ସବ ପାଳନ କର କିନ୍ତୁ ଦିମାଗ ପ୍ରଶ୍ନ କଲେ ତୃଟି ରହିଲା କେଉଁଠି ?

ରାଜନୈତିକ ଭାଷା ଅନେକ ସମୟରେ ଇତିହାସର ପ୍ରମାଣ ପାଲଟିଯାଇଥାଏ । ଏହା ଆଗାମୀ ପୀଢ଼ିକୁ ସୂଚାଇ ଥାଏ ଯେ କେଉଁ ସରକାର କାହାକୁ ପ୍ରଶଂସା କରିଥିଲା, ତାଙ୍କର ଚିନ୍ତାଧାରା କ'ଣ ଥିଲା ଏବଂ କାହାକୁ ଡ଼ରୁଥିଲା । ଏଣୁ ଏଭଳି ଭାଷା ପ୍ରୟୋଗ କରାଯିବା ଉଚିତ୍ ନୁହେଁ ଯାହା ଆଗାମୀ ପିଢ଼ୀଙ୍କୁ ଭୁଲ ସୂଚନା ଦେବ । ଦିମାଗି ନକ୍ସଲ କିଏ ? ପ୍ରଧାନମନ୍ତ୍ରୀ ଏବାବଦରେ କୌଣସି ସୂଚନା ଦେଇନାହାଁନ୍ତି । ସେ କହିଛନ୍ତି ଯେ କିଛି ଲୋକଙ୍କ ଦିମାଗରେ ନକସଲି ବିଚାରଧାରା ରହିଛି, ଦେଶକୁ ଏବଂ ଯୁବବର୍ଗଙ୍କୁ ଭ୍ରମିତ କରୁଛନ୍ତି ଏଣୁ ସେମାନଙ୍କୁ ଚିହ୍ନିବା ଏବଂ ସେମାନଙ୍କୁ ବିରୋଧ କରାଯିବା ଉଚିତ୍ । କିନ୍ତୁ ଏହି ଶ୍ରେଣୀ (ଦିମାଗି ନକସଲ)ର ଆରମ୍ଭ କେଉଁଠୁ ଓ ସରୁଛି କେଉଁଠି ସେ କଥା କହି ନାହାଁନ୍ତି , ଯଦି ଭାଷା ସାଧାରଣ ରାଜନୈତିକ ନ ହୋଇ ରାଷ୍ଟ୍ରୀୟ ସୁରକ୍ଷାର ହୁଏ ତେବେ ଏହାର ଗୁରୁତ୍ୱ ଅଧିକ । ଏପରିକି ଶବ୍ଦ ବ୍ୟବହାରର ଅସ୍ପଷ୍ଟତା ମଧ୍ୟ ସଂଯୋଗ ନୁହେଁ । ପ୍ରଧାନମନ୍ତ୍ରୀ ପୂର୍ବରୁ ଏଭଳି ଅନେକ ଶବ୍ଦର ବ୍ୟବହାର କରିଛନ୍ତି, କିନ୍ତୁ ଏ ଶବ୍ଦ ଭିନ୍ନ । ଅର୍ବାନ ନକସଲ ଶବ୍ଦରେ ଭୂଗୋଳ ଥିଲା । ଆନ୍ଦୋଳନଜୀବି ଶବ୍ଦ ପାଇଁ କୌଣସି ଆନ୍ଦୋଳନ ହେବା ଜରୁରୀ ଥିଲା । ଟୁକୁଡ଼େ ଟୁକୁଡ଼େ ଗ୍ୟାଙ୍ଗ ଶବ୍ଦରେ କଳ୍ପନାଶୀଳ ଢଙ୍ଗରେ ହେଲେ ବି କୌଣସି ଗ୍ୟାଙ୍ଗ ହେବାର ସୂଚନା ଥିଲା । ଦିମାଗି ନକସଲରେ କୌଣସି ସଦସ୍ୟତା କାର୍ଡର ଆବଶ୍ୟକତା ନାହିଁ ଏଠି ଭୂଗୋଳ ଦିମାଗ (ମସ୍ତିଷ୍କ) ଭିତରେ ରହିଛି ।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪



# ଗିରଫ ହେବେ ନେତନ୍ୟାହୁ !

**ନୂଆଦିଲ୍ଲୀ,୨୩।୮(ଏଜେନ୍ସି):** ଇସ୍ରାଏଲ ଭିତରେ ପଶିବ ତୁର୍କୀ। ନେତାନ୍ୟାହୁଙ୍କୁ ଉଠାଇ ଆଣିବ ସ୍ପେଶାଲ ଫୋର୍ସ। ଜାରି ହୋଇସାରିଛି ଆରେଷ୍ଟ ୱାରେଣ୍ଟ। ଅଙ୍କାରା ସହ ହାତ ମିଳାଇଛି ତେହେରାନ। ଏବେ ହାଇଆଲର୍ଟରେ ଜେରୁଜେଲମ। ମୋସାଦ ବି ପୂରା ଆକ୍ଟିଭ। ତୁର୍କୀ ଓ ଇସ୍ରାଏଲ ମଧ୍ୟରେ ବିବାଦ ଏବେ ଚରମସୀମାରେ । ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ଗିରଫ କରିବା ପାଇଁ ମାଷ୍ଟରପ୍ଲାନ ତିଆରି କରୁଛନ୍ତି ରାଷ୍ଟ୍ରପତି ତାୟିପେ ଏର୍ଦୋଗାନ ।ନେତାନ୍ୟାହୁଙ୍କ ବିରୋଧରେ ଇଣ୍ଟରପୋଲ ମାଧ୍ୟମରେ ଜାରି କରାଯାଇଛି ରେଡ୍ ନୋଟିସ ।୨୦୨୬ ଜୁଲାଇ ମାସ। ଗାଜା ଅଭିମୁଖେ ଯାଉଥିବା ‘ଗ୍ଲୋବାଲ ଫ୍ଲୋଟିଲା’ର କାର୍ଯ୍ୟକର୍ତ୍ତାଙ୍କୁ ବନ୍ଦୀ କରିଥିଲା ଇସ୍ରାଏଲ ସେନା। ଏହାକୁ ନେଇ ଚାଲିଥିବା ମାମଲାରେ ବଡ଼ ପଦକ୍ଷେପ ନେଇଛି ତୁର୍କୀ। ତୁର୍କୀ କର୍ତ୍ତୃପକ୍ଷଙ୍କ ଅନୁସାରେ, ନେତାନ୍ୟାହୁ ଓ ଆଉ ଜଣେ ଇସ୍ରାଏଲୀ ବ୍ୟକ୍ତିଙ୍କ ବିରୋଧରେ ୨୦୨୬ ଜୁଲାଇ ୧୪ରେ ଗିରଫ ପରୱାନା ଜାରି ହୋଇଥିଲା। ଇସ୍ତାନବୁଲର ଇଲେଭେନ୍ଥ ହାଇ କ୍ରିମିନାଲ କୋର୍ଟରେ ଚାଲିଥିବା ମାମଲାରେ ନେତାନ୍ୟାହୁଙ୍କ ସମେତ ୩୫



ଜଣଙ୍କ ବିରୋଧରେ ତଦନ୍ତ ଜାରି ରହିଛି। ଏଥିରେ ‘ଗଣହତ୍ୟା’ , ମାନବତା ବିରୋଧୀ ଅପରାଧ, ନିର୍ଯାତନା, ଅବୈଧ ଭାବେ ଅଟକ ରଖିବା ଭଳି ସଂଗୀନ ଅଭିଯୋଗ ରହିଛି। ନେତାନ୍ୟାହୁଙ୍କୁ ଗିରଫ କରିବା ପାଇଁ ଆଉ ପାଦେ ଆଗେଇଛି ତୁର୍କୀ। ଇଣ୍ଟରପୋଲ ମାଧ୍ୟମରେ ଜାରି କରାଯାଇଛି ରେଡ୍ ନୋଟିସ।ତୁର୍କୀର ଆଇନ ମନ୍ତ୍ରୀ କହିଛନ୍ତି, ଆନ୍ତର୍ଜାତୀୟ ଜଳସୀମାରେ ଗାଜାକୁ ମାନବିକ ସହାୟତା ନେଇ ଯାଉଥିବା ଫ୍ଲୋଟିଲାରେ ଇସ୍ରାଏଲୀ କାର୍ଯ୍ୟାନୁଷ୍ଠାନ ଓ କାର୍ଯ୍ୟକର୍ତ୍ତାଙ୍କ ଅଟକକୁ ନେଇ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଦାୟୀ ବ୍ୟକ୍ତିମାନଙ୍କୁ କେବେ ଛଡ଼ାଯିବ ନାହିଁ। ତୁର୍କୀର ବୟାନକୁ ଖଣ୍ଡନ କରିଛି ଇସ୍ରାଏଲ। ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ସୂଚନା ଅନୁସାରେ ଇସ୍ରାଏଲୀ ନେତୃତ୍ୱକୁ ଚାପରେ ରଖିବାର ଚେଷ୍ଟା ବୋଲି କୁହାଯାଇଛି। ତୁର୍କୀ ଆଣିଥିବା ‘ଗଣହତ୍ୟା’ ଅଭିଯୋଗକୁ ମଧ୍ୟ ଖଣ୍ଡନ କରିଛି ଇସ୍ରାଏଲ। ଏହି ଆଇନଗତ ବିବାଦ ଏଭଳି ସମୟରେ ସାମ୍ନାକୁ ଆସିଛି, ଯେତେବେଳେ ସିରିଆକୁ ନେଇ ତୁର୍କୀ ଓ ଇସ୍ରାଏଲ ମଧ୍ୟରେ ସାମରିକ ଓ କୂଟନୈତିକ ବିବାଦ ବଢ଼ିଛି। ଗତ ଅଗଷ୍ଟ ୧୮ରେ ସିରିଆର ଅବୁ ଅଲ-ଦୁହୁର ଏୟାରବେସ୍ ଉପରେ ଆକ୍ରମଣ କରିଥିଲା ଇସ୍ରାଏଲ ।ଇସ୍ରାଏଲର ଦାବି- ସେଠାରେ ତୁର୍କୀ ସେନା ମୁତୟନ ହେବାର ସମ୍ଭାବନା ଥିଲା। କିନ୍ତୁ ଏହି ଦାବିକୁ ଖଣ୍ଡନ କରି ଆକ୍ରମଣକୁ ନିନ୍ଦା କରିଛି ତୁର୍କୀ। ସିରିଆ ସରକାର ମଧ୍ୟ କହିଛି ଯେ ଉକ୍ତ ଏୟାରବେସରେ ସ୍ଥାୟୀ ତୁର୍କୀ ସାମରିକ ଘାଟି ସ୍ଥାପନର କୌଣସି ଯୋଜନା ନଥିଲା। ଏହି ଘଟଣା ପରେ ଇସ୍ରାଏଲ-ତୁର୍କୀ ସମ୍ପର୍କରେ ନୂଆ ତିକ୍ତତା ସୃଷ୍ଟି ହୋଇଛି। ଏହି ପରିସ୍ଥିତିରେ ନେତାନ୍ୟାହୁଙ୍କ ବିରୋଧରେ ତୁର୍କୀର ଇଣ୍ଟରପୋଲ ପଦକ୍ଷେପ ଦୁଇ ଦେଶ ମଧ୍ୟରେ ଚାଲିଥିବା ଆଇନଗତ, କୂଟନୈତିକ ଓ ସାମରିକ ବିବାଦକୁ ଆହୁରି ଜଟିଳ କରିଛି। ତେବେ ତୁର୍କୀର ଅନୁରୋଧ ଉପରେ ଇଣ୍ଟରପୋଲ ରେଡ୍ ନୋଟିସ ଜାରି କରିବ କି ନେତାନ୍ୟାହୁଙ୍କୁ ଗିରଫ କରିବା କଣ ସମ୍ଭବ ?

# ବନ୍ଦେ ମାତରମ୍‌କୁ ନେଇ କଂଗ୍ରେସ-ବିଜେପି ମୁହାଁମୁହିଁ

**ନୂଆଦିଲ୍ଲୀ,୨୩।୮(ଏଜେନ୍ସି):** ‘ବନ୍ଦେ ମାତରମ୍’ ଗାନକୁ ନେଇ ଏବେ ବିଜେପି ଓ କଂଗ୍ରେସ ମଧ୍ୟରେ ରାଜନୈତିକ ଟଣାଓଟରା ଆରମ୍ଭ ହୋଇଛି । କଂଗ୍ରେସ କାର୍ଯ୍ୟକ୍ରମରେ ‘ବନ୍ଦେ ମାତରମ୍’ର କେବଳ ପ୍ରଥମ ଦୁଇଟି ପଦ ଗାନ କରିବା ନିଷ୍ପତ୍ତିକୁ ବିଜେପି ତୀବ୍ର ବିରୋଧ କରିଛି । ଏହି ପ୍ରସଙ୍ଗରେ ଶନିବାର ଦଳ ପକ୍ଷରୁ ଏକ ପ୍ରସ୍ତାବ ପାରିତ ହୋଇଛି । ବିଜେପିର ଯୁକ୍ତି ହେଉଛି, ‘ବନ୍ଦେ ମାତରମ୍’ର ସମ୍ପୂର୍ଣ୍ଣ ୬ଟି ପଦ ଭାରତର ଜାତୀୟ ଚେତନା ଓ ସ୍ୱାଧୀନତା ସଂଗ୍ରାମର ଐତିହ୍ୟ ସହ ଜଡ଼ିତ । ତେଣୁ ଏହାର ସମ୍ମାନ, ମର୍ଯ୍ୟାଦା ଓ ଐତିହାସିକ ଗୁରୁତ୍ୱକୁ କୌଣସି ରାଜନୈତିକ କାରଣରୁ କ୍ଷୁଣ୍ଣ କରାଯିବା ଉଚିତ ନୁହେଁ ବୋଲି ଦଳ କହିଛି ।ବିଜେପି ଅଧ୍ୟକ୍ଷ ନିତିନ ନବୀନ ‘ଏକ୍ସ’ରେ ପୋଷ୍ଟ କରି କଂଗ୍ରେସ କାର୍ଯ୍ୟସମିତିର ନିଷ୍ପତ୍ତିକୁ ଦଳ ପକ୍ଷରୁ ଦୃଢ଼ ବିରୋଧ କରାଯାଇଥିବା କହିଛନ୍ତି । ତାଙ୍କ ମତରେ, ‘ବନ୍ଦେ ମାତରମ୍’ କେବଳ ଏକ ଗୀତ ନୁହେଁ, ଏହା ଭାରତ ମାତା ପ୍ରତି ଶ୍ରଦ୍ଧା, ସ୍ୱାଧୀନତା ସଂଗ୍ରାମର ପ୍ରେରଣା ଏବଂ ଜାତୀୟ ଚେତନାର ପ୍ରତୀକ ।ନୀତିନ ନବୀନ କହିଛନ୍ତି, କଂଗ୍ରେସ କାର୍ଯ୍ୟସମିତିର କୌଣସି ନିଷ୍ପତ୍ତି ଦେଶର ସାମ୍ବିଧାନିକ ବ୍ୟବସ୍ଥା ଓ ସଂସଦର ଆଇନଠାରୁ ଉପରେ ହୋଇପାରିବ ନାହିଁ । ‘ବନ୍ଦେ ମାତରମ୍’କୁ ନେଇ ୧୯୩୭ରେ ନିଆଯାଇଥିବା ରାଜନୈତିକ ନିଷ୍ପତ୍ତିକୁ ବର୍ତ୍ତମାନର ସାମ୍ବିଧାନିକ ଓ ଆଇନଗତ ବ୍ୟବସ୍ଥାଠାରୁ ଉପରେ ରଖାଯାଇପାରିବ ନାହିଁ ବୋଲି ସେ ଦାବି କରିଛନ୍ତି । ଏଥିସହ ‘ବନ୍ଦେ ମାତରମ୍’ର ଗାନକୁ ସୀମିତ କରିବା ପଛରେ ଥିବା ଐତିହାସିକ ପରିପ୍ରେକ୍ଷୀକୁ ଲୋକଙ୍କ ସାମ୍ନାକୁ ଆଣିବ ବିଜେପି । ସେ ସମୟରେ ମୁସଲିମ ଲିଗ୍‌ର ଆପତ୍ତି ଏବଂ ପରବର୍ତ୍ତୀ ରାଜନୈତିକ ପରିସ୍ଥିତିକୁ ନେଇ ମଧ୍ୟ ଦଳ ଆଲୋଚନା କରିବ ବୋଲି କୁହାଯାଇଛି ।‘ବନ୍ଦେ ମାତରମ୍ ?’ର ଇତିହାସ ଓ ଜାତୀୟ ଗୁରୁତ୍ୱକୁ ନେଇ ଯୁବପିଢ଼ି ମଧ୍ୟରେ ସଚେତନତା ସୃଷ୍ଟି କରିବ ବିଜେପି । ଦଳୀୟ କର୍ମୀଙ୍କ ମାଧ୍ୟମରେ ଦେଶବ୍ୟାପୀ ଅଭିଯାନ କରାଯିବ । ସମ୍ପୂର୍ଣ୍ଣ ୬ ପଦ ବିଶିଷ୍ଟ ‘ବନ୍ଦେ ମାତରମ୍’ର ଇତିହାସ, ଅର୍ଥ ଓ ସ୍ୱାଧୀନତା ସଂଗ୍ରାମ ସହ ଏହାର ସମ୍ପର୍କ ବିଷୟରେ ଲୋକଙ୍କୁ ଅବଗତ କରାଯିବ ବୋଲି ଦଳ କହିଛି । ରାଜନୈତିକ ସୁବିଧା କିମ୍ବା ଭୋଟ୍‌ବ୍ୟାଙ୍କ ରାଜନୀତି ପାଇଁ ‘ବନ୍ଦେ ମାତରମ୍’ର ସମ୍ମାନ ସହ କୌଣସି ସାଲିସ୍ କରାଯିବ ନାହିଁ ବୋଲି ବିଜେପି ସ୍ପଷ୍ଟ କରିଛି । ଏହାକୁ ଦେଶର ସମ୍ମାନ ଓ ସ୍ୱାଧୀନତା ସଂଗ୍ରାମର ଐତିହ୍ୟ ସହ ଜଡ଼ିତ ପ୍ରସଙ୍ଗ ବୋଲି ଦଳ ଦର୍ଶାଇଛି ।

# ଚିନି ପଠାଇବାକୁ ପାକିସ୍ତାନ ଆଗ୍ରହୀ

**ନୂଆଦିଲ୍ଲୀ,୨୩।୮(ଏଜେନ୍ସି):** ଭାରତରେ ଚିନି ମୂଲ୍ୟ ବ ?ଯିବା ପରେ କେନ୍ଦ୍ର ସରକାର ଅକ୍ଟୋବର ୩୧ ପର୍ଯ୍ୟନ୍ତ ବିନା ଶୁଳ୍କରେ ଚିନି ଆମଦାନି ଅନୁମତି ଦେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ପରେ ପାକିସ୍ତାନର ଚିନିକଳଗୁଡିକ ବଳକା ଚିନି ଭାରତରେ ବିକ୍ରି କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଦୁଇ ଦେଶ ମଧ୍ୟରେ ବର୍ତ୍ତମାନ ସିଧାସଳଖ ବାଣିଜ୍ୟ କାରବାର ବନ୍ଦ ଥିବା ସତ୍ତ୍ୱେ ପାକିସ୍ତାନର ଚିନିକଳଗୁଡିକ ସେମାନଙ୍କ ବଳକା ଚିନି ଭାରତ ବଜାରରେ ବିକ୍ରିକୁ ଏକ ସୁଯୋଗ ଭାବେ ବିବେଚନା କରୁଛନ୍ତି। ଏହି ସୁଯୋଗର ଉପଯୋଗ କରିବା ଲାଗି ପାକିସ୍ତାନ ସୁଗାର ମିଲ୍ ଆସୋସିଏସନ୍ ସେଠାକାର ସରକାରଙ୍କୁ କହିଛି ବୋଲି ଆସୋସିଏସନର ଜଣେ ବରିଷ୍ଠ ସଦସ୍ୟ ମହମ୍ମଦ ୱାହିଦଙ୍କ ମନ୍ତବ୍ୟକୁ ଉଦ୍ଧାର କରି ପାକିସ୍ତାନର ଦୈ ?ନିକ ସମ୍ବାଦପତ୍ର ‘ଦ ନ୍ୟୁଜ୍ ଇଣ୍ଟରନ୍ୟାସନାଲ’ ରିପୋର୍ଟ କରିଛି। ୱାହିଦ କହିଛନ୍ତି, ପାକିସ୍ତାନରେ ଏବେ ୧.୨ ନିୟୁତ ଟନ୍ ବଳକା ଚିନି ରହିଛି। ଚଳିତବର୍ଷ ମଧ୍ୟ ପାକିସ୍ତାନରେ ଆଖୁ ଚାଷ ଭଲ ହୋଇଛି। ଏଥିପାଇଁ ଚିନି ଉତ୍ପାଦନ ବଢିବ। ଏହା ହେଲେ ତାଙ୍କ ଦେଶରେ ଚିନି ମହଜୁଦ ପରିମାଣ ଆହୁରି ବଢିଯିବ। ଦେଶରେ ଚିନି ଗଚ୍ଛିତ ହୋଇ ରହିଲେ ଆଗାମୀ ଦିନରେ ଚାଷୀଙ୍କଠାରୁ ଆଖୁ କିଣିବା ମିଲ୍‌ଗୁଡିକ ପାଇଁ ସହଜ ହେବନାହିଁ। ପାକିସ୍ତାନର ସୀମାରେ ଭାରତ ରହିଛି। ତେଣୁ ମାଲ ପରିବହନ ଖର୍ଚ୍ଚ କମ୍ ରହିବ।

# ପି’ର ଅର୍ଥ ଯଦି ପାକିସ୍ତାନ ବିଜେପି ଅର୍ଥ ପାକିସ୍ତାନ ପଳାଅ

**ନୂଆଦିଲ୍ଲୀ,୨୩।୮(ଏଜେନ୍ସି):** ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ‘ପିଡିଏ’ରେ ଥିବା ‘ପି’ର ଅର୍ଥ ପାକିସ୍ତାନ’ ଭାବରେ ବ୍ୟାଖ୍ୟା କରିବାର ବୟାନ ଉପରେ ସମାଜବାଦୀ ପାର୍ଟି ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ପ୍ରତିଆକ୍ରମଣ କରିଛନ୍ତି। ଅଖିଳେଶ ଯାଦବ ପାଲଟା ଜବାବ ଦେଇ କହିଛନ୍ତି, ‘ଯଦି ‘ପି’ ପାକିସ୍ତାନକୁ ବୁଝାଏ, ତେବେ ‘ବିଜେପି’ର ଅର୍ଥ ’ଭାଗ ଜାଓ ପାକିସ୍ତାନ’ (ପାକିସ୍ତାନକୁ ପଳାଅ)।’ ଅଖିଳେଶ ଯାଦବ ଏ ପ୍ରସଙ୍ଗରେ ଆଗକୁ କହିଛନ୍ତି, ‘ଯଦି ସମାଜବାଦୀ ସରକାର ଗଠନ ହୁଏ, ତେବେ ସେମାନେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଉନ୍ନତୀ ପାଇଁ କାମ କରିବେ। ସେଠାରେ ସତ୍ୟ କହିବା ବି ଭୁଲ ଅଟେ। ଯଦି ତୁମେ ସତ୍ୟ କହିବ, ତେବେ ତୁମକୁ ମାଡ଼ ଖାଇବାକୁ ପଡ଼ିବ। ସତ୍ୟ କହିବା କଷ୍ଟକର ।’ମୁଦ୍ରାସ୍ଫୀତି ପ୍ରସଙ୍ଗକୁ ସମ୍ବୋଧିତ କରି ଅଖିଳେଶ କହିଛନ୍ତି, ଆଜି ସବୁକିଛି ମହଙ୍ଗା ହୋଇଯାଇଛି। ଲାଭ ପାଇଁ ପେଟ୍ରୋଲରେ ଇଥାନଲ୍ ମିଶ୍ରିତ ହେଉଛି। ସମାନ କାରଣରୁ ଚିନି ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି।

# ପାକିସ୍ତାନରେ ବଢୁଛି ରାଜନୈତିକ ସଙ୍କଟ

**ନୂଆଦିଲ୍ଲୀ,୨୩।୮(ଏଜେନ୍ସି):** ପାକିସ୍ତାନର ଶେହବାଜ ଶରୀଫ ସରକାରଙ୍କ ଅସୁବିଧା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସରକାରଙ୍କ ପ୍ରମୁଖ ସହଯୋଗୀ ଦଳ ‘ପାକିସ୍ତାନ ପିପୁଲ୍ସ ପାର୍ଟି’ (ପିପିପି) ସହ ମତଭେଦ ତୀବ୍ର ହେଉଥିବା ବେଳେ ଅନ୍ୟପଟେ ବିରୋଧୀ ଦଳଗୁଡ଼ିକ ଏକତ୍ରିତ ହୋଇ ସରକାରଙ୍କ ବିରୋଧରେ ମୋର୍ଚ୍ଚା ଖୋଲିବାକୁ ଯୋଜନା କରୁଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଚିକିତ୍ସାକୁ ନେଇ ସରକାରଙ୍କ ଆଭିମୁଖ୍ୟ ଏବେ ବଡ଼ ବିବାଦର ରୂପ ନେଇଛି। ସୁପ୍ରିମକୋର୍ଟ ଇମ୍ରାନଙ୍କୁ ଶିଫା ଇଣ୍ଟରନ୍ୟାସନାଲ ହସ୍ପିଟାଲରେ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଥିଲେ ହେଁ, ସରକାର ସୁରକ୍ଷା କାରଣ ଦର୍ଶାଇ ତାଙ୍କୁ ସରକାରୀ ହସ୍ପିଟାଲକୁ ନେଇ ଯାଞ୍ଚ ପରେ ପୁଣି ଜେଲକୁ ପଠାଇ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଆଦେଶ ଅବମାନନା କରିଥିବା ଅଭିଯୋଗରେ ସରକାର ଆଇନଗତ ଅସୁବିଧାରେ ପଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି ।ସେହିପରି ଗୋଟିଏ ପଟେ ପିପିପି ଅଧ୍ୟକ୍ଷ ବିଲାୱାଲ ଭୁଟ୍ଟୋ ଜରଦାରୀ ଶାସକ ଦଳ ପିଏମଏଲ୍-ଏନ୍ ବିରୋଧରେ କାଶ୍ମୀର ନିର୍ବାଚନରେ ଅନିୟମିତତା ଅଭିଯୋଗ ଆଣି ସଂସଦରେ ସରକାରୀ ବିଲକୁ ସମର୍ଥନ ନକରିବାକୁ ନିଷ୍ପତ୍ତି ନେଇଛନ୍ତି।

# ତେଲଙ୍ଗାନାର ହାଜେଲୋ ଫାର୍ମାରେ ଭୟଙ୍କର ଅଗ୍ନିକାଣ୍ଡ

**ନୂଆଦିଲ୍ଲୀ,୨୩।୮(ଏଜେନ୍ସି):** ତେଲଙ୍ଗାନାର ଯାଦାଦ୍ରିଭୁବନଗିରି ଜିଲ୍ଲାର ଭୁଦାନ ପୋଚମ୍‌ପାଲ୍ଲି ମଣ୍ଡଳର ଦୋଥିଗୁଡେମରେ ଅବସ୍ଥିତ ହାଜେଲୋ ଫାର୍ମା ଶିଳ୍ପରେ ଶୁକ୍ରବାର ମଧ୍ୟରାତ୍ରିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ପ୍ଲାଣ୍ଟ ଭିତରେ ଏକ ରାସାୟନିକ ରିଆକ୍ଟରର ବିସ୍ଫୋରଣ ହେବା ପରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଏହି ଦୁର୍ଘଟଣାରେ ଦୁଇ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଠ ଜଣ ଗୁରୁତର ଆହତ ହୋଇଛନ୍ତି।ପ୍ରଚଣ୍ଡ ବିସ୍ଫୋରଣରେ ଭୟଭୀତ ହୋଇ ପଡ଼ୋଶୀ ଡୋଥିଗୁଡେମ ଓ ଆନ୍ଥମାଗୁଡେମ ଗାଁର ବାସିନ୍ଦାମାନେ ଘରୁ ବାହାରକୁ ବାହାରି ଆସିଲେ। ସୂଚନା ପାଇବା ମାତ୍ରେ ପୁଲିସ ଓ ଅଗ୍ନିଶମ ସେବା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ନିଶମ କର୍ମଚାରୀମାନେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ପୁଲିସ ତୁରନ୍ତ ଆହତ ଶ୍ରମିକମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା।ସ୍ଥାନୀୟ ବାସିନ୍ଦା ଓ ଶ୍ରମିକ ସଂଗଠନଗୁଡ଼ିକ ଗଭୀର କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ଗତ ତିନି ମାସ ମଧ୍ୟରେ ସମାନ ୟୁନିଟରେ ଦ୍ୱିତୀୟ ବଡ଼ ଦୁର୍ଘଟଣା। ସେମାନେ ଅଭିଯୋଗ କରିଛନ୍ତି ଯେ, ମୌଳିକ ସୁରକ୍ଷା ମାନଦଣ୍ଡ ପାଳନ ନ କରିବା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଛି। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଭୁଦାନ ପୋଚମପାଲ୍ଲି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ‘ଜେନ୍ ଜି’କୁ ଆକର୍ଷିତ କରିବାକୁ ବିଜେପିର ନୂଆ ରଣନୀତି

**ନୂଆଦିଲ୍ଲୀ,୨୩।୮(ଏଜେନ୍ସି):** ଭାରତୀୟ ଜନତା ପାର୍ଟି ଦେଶର ଯୁବପିଢି ଓ ‘ଜେନ୍ ଜି’ ସହିତ ନିଜର ସମ୍ପର୍କ ଦୃଢ କରିବାକୁ ସ୍ୱତନ୍ତ୍ର ଆଉଟରିଚ୍ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ଏଥିପାଇଁ ଦଳ ଏକ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଟିମ୍ ଗଠନ କରିଛି। ଦଳୀୟ ସୂତ୍ର ଅନୁଯାୟୀ, ଏହି ବିଶେଷ ଆଉଟରିଚ୍ ଅଭିଯାନର ନେତୃତ୍ୱ ନେବାକୁ ଥିବା ଟିମ୍ ସଙ୍ଗଠନାତ୍ମକ ଅନୁଭବ ଓ ଯୁବ ନେତୃତ୍ୱର ସମାବେଶ ବୋଲି ଜଣାପଡିଛି। ଏହି ଟିମ୍‌ରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ବ୍ୟତୀତ ରାଷ୍ଟ୍ରୀୟ ମହାସଚିବ ସ୍ମୃତି ଇରାନୀ ଓ ବିନୋଦ ତାୱ୍ଡ ମଧ୍ୟ ସାମିଲ ଅଛନ୍ତି। ଗୁଜରାଟ ସରକାରରେ ମନ୍ତ୍ରୀ ଥିବା ହର୍ଷ ସାଂଘଭୀ ଓ ଛତିଶଗଡ ସରକାରରେ ମନ୍ତ୍ରୀ ଥିବା ଓପି ଚୌଧୁରୀଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଛି ।ଟିମ୍‌ର ମୁଖ୍ୟ ଉଦ୍ଦେଶ୍ୟ ଯୁବପିଢିଙ୍କ ଆକାଂକ୍ଷା, ଚିନ୍ତା ଓ ଆଶାକୁ ବୁଝିବା ଓ ଏହାକୁ ସିଧାସଳଖ ବିଜେପିର ଶୀର୍ଷ ନେତୃତ୍ୱ ସହିତ ସମ୍ବାଦ ସ୍ଥାପିତ କରିବାକୁ ଏକ ପ୍ଲାଟଫର୍ମ ପ୍ରଦାନ କରିବା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଯୁବ ଭୋଟରଙ୍କୁ ଓ ପ୍ରଥମ ଥର ଭୋଟ ଦେବାକୁ ଥିବା ନାଗରିକଙ୍କ ସହିତ କଥାବାର୍ତ୍ତା, ଚର୍ଚ୍ଚା ଓ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସିଧାସଳଖ ସମ୍ପର୍କ ସ୍ଥାପନ କରିବା। ଆଉଟରିଚ୍ ଅଭିଯାନ ମାଧ୍ୟମରେ ନିଯୁକ୍ତି, ବୈଷୟିକ ଜ୍ଞାନ, ଷ୍ଟାର୍ଟଅପ୍ ଓ ଶିକ୍ଷା ପରି ପ୍ରସଙ୍ଗରେ ଯୁବପିଢିଙ୍କ ବିଚାରକୁ ନିଜ ଏଜେଣ୍ଡାରେ ସାମିଲ କରିବା। ଏହାସହିତ ନୂଆ ଓ ଯୁବ



ଭୋଟରଙ୍କ ମଧ୍ୟରେ ନିଜ ଦଳର ସ୍ଥିତିକୁ ମଜଭୁତ କରିବା। ବିଜେପି ଅଧ୍ୟକ୍ଷ ନୀତିନ ନବୀନ ନିଜ ନୂଆ ଟିମ୍ ଘୋଷଣା କରିବା ପରେ ଶନିବାର ଏହାର ପ୍ରଥମ ବୈଠକ ପରେ ତୁରନ୍ତ ଏହା ଜଣାପଡିଛି ।ବୈଠକରେ ଆଗକୁ ଆସୁଥିବା ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି, ବୁଥ୍ ସ୍ତରରେ ଦଳକୁ ମଜଭୁତ କରିବା ଓ ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଧ୍ୟାନ କେନ୍ଦ୍ରିତ କରାଯାଇଛି। ଶନିବାର ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଦଳର ନବଗଠିତ ଜାତୀୟ ଦଳର ପ୍ରଥମ ପରିଚୟ ବୈଠକର ଅଧ୍ୟକ୍ଷତା କରିଥିଲେ। ବୈଠକ ପୂର୍ବରୁ ଜାତୀୟ ଗୀତ ‘ବନ୍ଦେ ମାତରମ୍’ର ସମସ୍ତ ଛଅଟି ପଦ ପାଠ କରାଯାଇଥିଲା।

# ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ୫୨ ନେତାଙ୍କୁ ବୁଲେଟ ପ୍ରୁଫ୍ ଜ୍ୟାକେଟ ପ୍ରଦାନ

**ନୂଆଦିଲ୍ଲୀ,୨୩।୮(ଏଜେନ୍ସି):** ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ କଡା ସୁରକ୍ଷା ପଦକ୍ଷେପ ଭାବେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ବିଏସପି ମୁଖ୍ୟ ମାୟାବତୀଙ୍କ ସମେତ ୫୨ ଜଣ ନେତାଙ୍କୁ ବୁଲେଟପ୍ରୁଫ୍ ଜ୍ୟାକେଟ୍ ଯୋଗାଇ ଦିଆଯାଇଛି। ଏହି ଜ୍ୟାକେଟ୍ ପ୍ରଦାନ କରାଯାଇଥିବା ଅନ୍ୟମାନଙ୍କ ମଧ୍ୟରେ ଉତ୍ତର ପ୍ରଦେଶ ସରକାରଙ୍କ ୧୧ ଜଣ ମନ୍ତ୍ରୀ ମଧ୍ୟ ଅଛନ୍ତି, ସେମାନଙ୍କ ମଧ୍ୟରେ ସଞ୍ଜୟ ନିଷାଦ, ନନ୍ଦ ଗୋପାଳ ଗୁପ୍ତା ‘ନନ୍ଦୀ’ ଓ ଓମ୍ ପ୍ରକାଶ ରାଜଭର ମଧ୍ୟ ଅଛନ୍ତି। ବିଜେପି ନେତା



ଅପର୍ଣ୍ଣା ଯାଦବ ମଧ୍ୟ ଏହି ତାଲିକାରେ ଅଛନ୍ତି ।ସୂତ୍ର ଅନୁଯାୟୀ, ପ୍ରତ୍ୟେକ ବୁଲେଟପ୍ରୁଫ୍ ଜ୍ୟାକେଟ୍‌ର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ। ପ୍ରଥମ ପର୍ଯ୍ୟାୟରେ ୮ ଜଣ ନେତାଙ୍କୁ ଜ୍ୟାକେଟ୍ ମିଳିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୪୪ ଜଣଙ୍କୁ ଯୋଗାଇ ଦିଆଯାଇଥିଲା। ସ୍ୱତନ୍ତ୍ର ଦେବ ସିଂହ, ଜୟବୀର ସିଂହ ଓ ମହେନ୍ଦ୍ର ସିଂହଙ୍କ ସମେତ ଅନ୍ୟ କେତେକ ବିଜେପି ନେତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ବୃଦ୍ଧି କରାଯାଇଛି। ଏହା ସହିତ ଉତ୍ତର ପ୍ରଦେଶର ୯୮ ଜଣ ନେତା ଓ ପ୍ରମୁଖ ବ୍ୟକ୍ତିଙ୍କୁ ବିଭିନ୍ନ ବର୍ଗର ସୁରକ୍ଷା ଯୋଗାଇ ଦିଆଯିବ। ୨୦୨୭ରେ ହେବାକୁ ଥିବା ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ପଦକ୍ଷେପ ନିଆଯାଇଛି।

# ଅବୈଧ ଟେଲିଫୋନ ଏକ୍ସଚେଞ୍ଜ ମାମଲାରେ ଦୟାନିଧି ମାରନଙ୍କୁ ସୁପ୍ରିମକୋର୍ଟଙ୍କ ଝଟକା

**ନୂଆଦିଲ୍ଲୀ,୨୩।୮(ଏଜେନ୍ସି):** ଅବୈଧ ଟେଲିଫୋନ ଏକ୍ସଚେଞ୍ଜ ମାମଲାରେ ସୁପ୍ରିମକୋର୍ଟ ମାଡ୍ରାସ ହାଇକୋର୍ଟଙ୍କ ସେହି ଆଦେଶକୁ ରଦ୍ଦ କରିଦେଇଛନ୍ତି । ଯେଉଁଥିରେ ଟ୍ରାୟଲ କୋର୍ଟଙ୍କୁ ଦ୍ରାବିଡ ମୁନିତ୍ର ଖଜଗମ (ଡିଏମକେ) ସାଂସଦ ଦୟାନିଧି ମାରନଙ୍କ ବିରୋଧରେ ଅବୈଧ ଟେଲିଫୋନ ଏକ୍ସଚେଞ୍ଜ ସ୍ଥାପିତ କରିବା ସମ୍ପର୍କିତ ମାମଲାରେ କେନ୍ଦ୍ରୀୟ ଦୂର ସଞ୍ଚାର ସଚିବଙ୍କୁ କୋର୍ଟରେ ସାକ୍ଷୀ ରୂପେ ତଲବ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜଷ୍ଟିସ୍ କେ.ଭି. ବିଶ୍ୱନାଥ ଓ ଜଷ୍ଟିସ୍ ଅରଣା ପଲ୍ଲୀଙ୍କ ପୀଠ ହାଇକୋର୍ଟଙ୍କ ୨୫ ମାର୍ଚ୍ଚ



ଆଦେଶକୁ ଚ୍ୟାଲେଞ୍ଜ କରୁଥିବା ସିବିଆଇ ପିଟିସନ ଉପରେ ଶୁଣାଣି କାଳରେ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି ।ପୀଠ କହିଛନ୍ତି ଯେ ଏବେ ଯେତେବେଳେ ଆମେ ଟ୍ରାୟଲ କୋର୍ଟଙ୍କ ଆଦେଶକୁ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଛେ ସେତେବେଳେ ଆମେ ପ୍ରତିବାଦୀ (ମାରନ)ଙ୍କୁ ଦୂରସଞ୍ଚାର ସଚିବଙ୍କୁ ଡିଫେନ୍ସ ୱିଟନେସ୍ ଭାବେ ଡକାଇବାକୁ ଅନୁମତି ଦେଉଛୁ। ପୀଠ କହିଛନ୍ତି ଯେ ଏ ବାବଦେ ଆମେ ହାଇକୋର୍ଟଙ୍କ ଆଦେଶକୁ ରଦ୍ଦ କରୁଛୁ ଓ ଟ୍ରାୟଲ କୋର୍ଟ ଆଦେଶକୁ ଲାଗୁ କରୁଛୁ। ଆମେ ପ୍ରତିବାଦୀଙ୍କୁ ଏହି ବିକଳ୍ପ ଦେଉଛୁ ଯେ ଯଦି ସେ ଚାହିଁବେ ଟେଲିକମ ସଚିବଙ୍କୁ ଡିଫେନ୍ସ ୱିଟନେସ୍ ଭାବେ ଡାକି ପାରିବେ ।ତେବେ ଶୁଣାଣି କାଳରେ ମାରନଙ୍କ ପକ୍ଷରୁ କୋର୍ଟରେ ହାଜର ବରିଷ୍ଠ ଓକିଲ ସିଦ୍ଧାର୍ଥ ଲୁଥରା ଦୂରସଞ୍ଚାର ସଚିବଙ୍କୁ ଡିଫେନ୍ସ ୱିଟନେସ୍ ଭାବେ ଉପସ୍ଥାପନ କରିବାକୁ ଆପତ୍ତି କରିଛନ୍ତି। ସେ କହିଛନ୍ତି ଯେ ଯଦି କୋର୍ଟ ଦୂର ସଞ୍ଚାର ସଚିବଙ୍କୁ ସାକ୍ଷ୍ୟ ଭାବେ ତଲବ କରନ୍ତି ତେବେ ଏହା ଅଧିକ ଉଚିତ ହେବ। ଉଲ୍ଲେଖ ଯୋଗ୍ୟଯେ ଦୟାନିଧି ମାରନ ତାଙ୍କ ଭାଇ କଳାନିଧିଙ୍କ ସନ ଟିଭି ନେଟୱାର୍କ ଲାଗି ଉପଯୋଗ ହେଉଥିବା ୭୦୦ରୁ ଅଧିକ ହାଇଏଣ୍ଡ ଲାଇନ ଲଗାଇଥିଲେ ବୋଲି ସିବିଆଇ ଅଭିଯୋଗ କରିଛି।

# ଲସ୍କର-ଏ-ତୋଇବା ମୁଖ୍ୟ ହାଫିଜ୍ ସୟିଦଙ୍କୁ ସମନ୍ ପଠାଇବାକୁ ଭାରତର ପ୍ରସ୍ତୁତି

**ନୂଆଦିଲ୍ଲୀ,୨୩।୮(ଏଜେନ୍ସି):** ୨୦୨୫ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ମାମଲାରେ ଲସ୍କର-ଏ-ତୋଇବା ମୁଖ୍ୟ ହାଫିଜ୍ ସୟିଦଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଭାରତ ଆଗକୁ ବଢ଼ାଇଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)ର ସ୍ୱତନ୍ତ୍ର କୋର୍ଟ ପକ୍ଷରୁ ସୟିଦଙ୍କ ବିରୋଧରେ ଜାମିନବିହୀନ ୱାରେଣ୍ଟ ଜାରି ହେବା ପରେ, କୂଟନୈତିକ ସ୍ତରରେ ଲାହୋରରେ ଥିବା ହାଫିଜ୍ ସୟିଦଙ୍କୁ କୋର୍ଟ ସମନ୍ ପଠାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସମନ୍ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମଇଏ) ଏବଂ ଇସଲାମାବାଦସ୍ଥିତ ଭାରତୀୟ ହାଇକମିଶନ ଜରିଆରେ ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ନିକଟକୁ ପଠାଯିବ ।ଏହି କୋର୍ଟ ସମନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୟିଦଙ୍କୁ କୋର୍ଟରେ ହାଜର ହେବା ପାଇଁ ଆନୁଷ୍ଠାନିକ ଭାବେ ଏକ ସୁଯୋଗ ଦେବା। ଯଦି ସେ ହାଜର ନହୁଅନ୍ତି, ତେବେ ତାଙ୍କ ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଜାରି ରଖିବା ପାଇଁ ଏହା ଆଇନଗତ ଭିତ୍ତିଭୂମି ପ୍ରସ୍ତୁତ କରିବ। ୨୦୨୬ ଜୁଲାଇରେ ଏନଆଇଏ ଦାଖଲ କରିଥିବା ସପ୍ଲିମେଣ୍ଟାରୀ ଚାର୍ଜସିଟରେ ସୟିଦଙ୍କୁ ପହଲଗାମ୍ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଏବଂ ଭାରତ ବିରୋଧରେ ଯୁଦ୍ଧ ଘୋଷଣା



କରିଥିବା ଅଭିଯୋଗରେ ନାମିତ କରାଯାଇଛି ।ସେ ଉଭୟ ବ୍ୟକ୍ତିଗତ ଭାବେ ଏବଂ ଲସ୍କର-ଏ-ତୋଇବା ଓ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ୍)ର ମୁଖ୍ୟ ନେତା ଭାବେ ଏହି ଆକ୍ରମଣ ପଛରେ ରହିଥିବା ଅଭିଯୋଗ ହୋଇଛି। ଜାମ୍ମୁର ସ୍ୱତନ୍ତ୍ର କୋର୍ଟ ହାଫିଜ୍ ସୟିଦଙ୍କ ବିରୋଧରେ ଜାମିନବିହୀନ ୱାରେଣ୍ଟ ଜାରି କରିବା ସହ ତାଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ୍) ଅନୁଯାୟୀ ଫେରାର ଘୋଷଣା କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଯଦି ସମନ୍ ପାଇବା ପରେ ବି ସୟିଦ କୋର୍ଟରେ ହାଜର ନହୁଅନ୍ତି, ତେବେ ବିଏନଏସଏସର ଧାରା ୩୫୬ ଅନୁଯାୟୀ ତାଙ୍କ ଅନୁପସ୍ଥିତିରେ ହିଁ ବିଚାର କରାଯାଇପାରିବ। ପାକିସ୍ତାନରୁ ସହଯୋଗ ମିଳୁନଥିବା ସତ୍ତ୍ୱେ ଭାରତୀୟ ନ୍ୟାୟିକ ବ୍ୟବସ୍ଥା ଅଧୀନକୁ ହାଫିଜ୍ ସୟିଦଙ୍କୁ ଆଣିବା ପାଇଁ ଭାରତ ଚଳାଇଥିବା ଚେଷ୍ଟାର ଏହା ଏକ ଅଫିସିଆଲ୍ ରେକର୍ଡ ସୃଷ୍ଟି କରିବ। ଏହି କୂଟନୈତିକ ଓ ଆଇନଗତ ପଦକ୍ଷେପ ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ, ଖାସକରି ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ (ଏଫଏଟିଏଫ୍) ଭଳି ମଞ୍ଚଗୁଡ଼ିକରେ ପାକିସ୍ତାନ ଉପରେ ଚାପ ଆହୁରି ବୃଦ୍ଧି ପାଇବ। ପାକିସ୍ତାନ ସୟିଦଙ୍କୁ ନିଜ ହାଜତରେ ରଖିଥିବା ଦାବି କରୁଥିଲେ ବି, ଭାରତୀୟ ଏଜେନ୍ସିଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ପାକିସ୍ତାନୀ ସୁରକ୍ଷା ବାହିନୀ ତାଙ୍କୁ ଆନ୍ତର୍ଜାତୀୟ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ଦେଇ ଆସୁଛି।

# ତେଲେଙ୍ଗାନା ସିଏମ୍‌ଙ୍କ ବିରୋଧରେ ଜମି ଘୋଟାଲା ଅଭିଯୋଗ

**ନୂଆଦିଲ୍ଲୀ,୨୩।୮(ଏଜେନ୍ସି):** ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡିଙ୍କ ବିରୋଧରେ ଜମି ଘୋଟାଲା ନେଇ ସାଂଘାତିକ ଅଭିଯୋଗ ଆଣିଛି ଭାରତ ରାଷ୍ଟ୍ର ସମିତି (ବିଆରଏସ୍) । ଏନେଇ ଲୋକାୟୁକ୍ତରେ ଅଭିଯୋଗ ଦାଖଲ କରିଛି ଦଳ । ମୁଖ୍ୟମନ୍ତ୍ରୀ ପଦର ଦୁରୁପଯୋଗ କରି ସରକାରୀ ଜମିକୁ କମ୍ ଦରରେ ଆବଣ୍ଟନ କରାଯାଇଥିବା ବିଆରଏସ୍ ଅଭିଯୋଗ କରିଛି। ବିଆରଏସ୍‌ର ଅଭିଯୋଗ ଅନୁସାରେ, ହାଇଦ୍ରାବାଦ ନିକଟସ୍ଥ ଫୋର୍ଥ ସିଟି ଅଞ୍ଚଳର ରବିର୍ୟାଲାରେ ‘ଟେସେରାକ୍ଟ ଆଡଭାନ୍ସଡ୍ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍’କୁ ପ୍ରାୟ ୫ ଏକର ସରକାରୀ ଜମି ଆବଣ୍ଟନ କରାଯାଇଛି । ଏହି ଜମିର ମୂଲ୍ୟ ପ୍ରାୟ ୨୦୦ କୋଟି ଟଙ୍କା ହୋଇଥିବା ବେଳେ ମାତ୍ର ପ୍ରାୟ ୭ କୋଟି ଟଙ୍କାରେ ଏହା ଆବଣ୍ଟନ କରାଯାଇଥିବା ଦଳ ଅଭିଯୋଗ କରିଛି । ଏନେଇ ଲୋକାୟୁକ୍ତରେ କେସ୍ ନମ୍ବର ୮୩୫/ ୨୦୨୬ରେ ଅଭିଯୋଗ ଦାଖଲ ହୋଇଥିବା କୁହାଯାଇଛି ।ଏହି ପ୍ରସଙ୍ଗରେ ବିଆରଏସ୍‌ର କାର୍ଯ୍ୟକାରୀ ସଭାପତି କେ.ଟି. ରାମା ରାଓ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି । ସେ ସରକାରଙ୍କ ବିରୋଧରେ ପରିବାରକୈନ୍ଦ୍ରିକ ଦୁର୍ନୀତିର ଅଭିଯୋଗ ଆଣିବା ସହ ଜମି ଆବଣ୍ଟନରେ ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠାଇଛନ୍ତି ।




ଯେଉଁ କମ୍ପାନୀର ପେଡ୍-ଅପ୍ କ୍ୟାପିଟାଲ ମାତ୍ର ୧ ଲକ୍ଷ ଟଙ୍କା ଏବଂ ରିପୋର୍ଟ ଅନୁସାରେ କୌଣସି କର୍ମଚାରୀ ନାହାନ୍ତି, ସେହି କମ୍ପାନୀକୁ କିଭଳି ଏତେ ମୂଲ୍ୟବାନ ଜମି ମିଳିଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଭାଇଙ୍କ ସହ ଉକ୍ତ କମ୍ପାନୀର ସମ୍ପର୍କ ଥିବା ନେଇ ବିଆରଏସ୍ ପକ୍ଷରୁ ପ୍ରଶ୍ନ ଉଠାଯାଇଛି । ଏହି ଅଭିଯୋଗକୁ ତେଲେଙ୍ଗାନା ଶିଳ୍ପ ମନ୍ତ୍ରୀ ଡି. ଶ୍ରୀଧର ବାବୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି ।ମନ୍ତ୍ରୀ କହିଛନ୍ତି, ବିଆରଏସ୍‌ର ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ । ପୂର୍ବତନ ବିଆରଏସ୍ ସରକାରର ଅଭିଯୋଗରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏହା ଏକ ରାଜନୈତିକ ଷଡଯନ୍ତ୍ର ବୋଲି ସେ କହିଛନ୍ତି । ଟେସେରାକ୍ଟ ଆଡଭାନ୍ସଡ୍ ସିଷ୍ଟମ୍ସକୁ ନିୟମ ଅନୁଯାୟୀ ଜମି ଆବଣ୍ଟନ କରାଯାଇଥିବା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ଇଲେକ୍‌ଟ୍ରୋନିକ୍ସ ସିଷ୍ଟମ୍ ଡିଜାଇନ୍ ଓ ମ୍ୟାନୁଫାକ୍‌ଚରିଂ ସମ୍ପର୍କିତ ପରାମର୍ଶଦାତା କମିଟି ଦ୍ୱାରା କମ୍ପାନୀକୁ ସ୍ୱଚ୍ଛ ଓ ନିୟମ ଅନୁଯାୟୀ ଚୟନ କରାଯାଇଥିବା ସେ କହିଛନ୍ତି । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଭାଇ ଓ ଟେସେରାକ୍ଟ ଆଡଭାନ୍ସଡ୍ ସିଷ୍ଟମ୍ସ ମଧ୍ୟରେ କୌଣସି ସମ୍ପର୍କ ନଥିବା ମଧ୍ୟ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।ଅନ୍ୟପଟେ, ଏହି ଜମି ଆବଣ୍ଟନ ବିବାଦର ଲୋକାୟୁକ୍ତ ତଦନ୍ତ ପାଇଁ ବିରୋଧୀ ବିଜେପି ମଧ୍ୟ ସହମତି ପ୍ରକାଶ କରିଛି । ‘ସେକ୍ସନ୍-୨୨ଏ’ ଜମି ସମ୍ପର୍କିତ ବିବାଦର ତଦନ୍ତ ଲୋକାୟୁକ୍ତଙ୍କ ଦ୍ୱାରା କରାଯିବା ଉଚିତ ବୋଲି ଦଳ ପକ୍ଷରୁ କୁହାଯାଇଛି । ଏବେ ଏହି ଅଭିଯୋଗ ଉପରେ ଲୋକାୟୁକ୍ତଙ୍କ ତଦନ୍ତ କେଉଁ ଦିଗକୁ ଯାଉଛି, ତା’ ଉପରେ ନଜର ରହିଛି ।



# କର୍ଣ୍ଣାଟକ ସମୁଦ୍ରରେ ଓଡ଼ିଆ ମତ୍ସ୍ୟଜୀବୀ ଙ୍କ ମୃତ୍ୟୁ

ବ୍ରହ୍ମଗିରି, ୨୩।୮ :(ମନ୍ଥନ)ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଖିରି ସାହି ଗ୍ରାମରୁ ପୁଣି ସାମ୍ନାକୁ ଆସିଲା ଦାଦନ ମୃତୁ ଘଟଣା । କର୍ଣ୍ଣାଟକ ରାଜ୍ୟ ରେ ସମୁଦ୍ର ଭିତରେ ଓଡ଼ିଆ ମତ୍ସ୍ୟଜୀବୀ ଙ୍କ ମୃତ୍ୟୁ ହୋଇଛି । କର୍ଣ୍ଣାଟକର ମଲଫି ସମୁଦ୍ରରେ ମାଛ ଧରିବା ବେଳେ ଅଘଟଣ ଘଟିଥିଲା। ଶନିବାର ଦିନ ଗଭୀର ସମୁଦ୍ର ଭିତରେ ମାଛ ଧରିବାବେଳେ ଟ୍ରଲରରୁ ଖସିପଡି ଥିଲେ। ତାଙ୍କୁ ସମୁଦ୍ର ଭିତରେ ବହୁତ ଖୋଜାଖୋଜି କରିବା ପରେ ମୃତ ଦେହ ନମିଳିବାରୁ ଜାଲ ପକାଇ ମୃତ ଦେହ ଉଦ୍ଧାର କରାଯାଇଥିଲା । ମୃତକ ହେଲେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଖିରିସାହି ର ଗଜ ବେହେରା (୩୦)। ୧୫ ଦିନ ତଳେ ଦାଦନ ଖଟିବାକୁ କର୍ଣ୍ଣାଟକ ଯାଇଥିଲେ । ତାଙ୍କ ସ୍ତ୍ରୀ ଗୁରୁବାର ବେହେରା କହିଛନ୍ତି ମୋର ଦୁଇଟି ଛିଆ ଓ ବିଧବା ମା ବଡି ସହିତ ରହୁଛୁ । ଚିଲିକାରେ କିଛିବି ରୋଜଗାର ଦେଲାନି କି ଏଠି କିଛି କାମ ନ ମିଳିବାରୁ ସେ ବାଧ ହୋଇ କର୍ଣ୍ଣାଟକ ଯାଇଥିଲେ । ଘରର ରୋଜଗାରିଆ ପୁଅ ହରାଇ ମା ବୁଡି ମୁଖ ହୋଇ ବସିଛି । କୃଷ୍ଣପ୍ରସାଦ ବ୍ଲକ ଖିରି ସାହି ଗ୍ରାମରେ ଏବେ ଶୋକାକୁଳ ପରିବେଶ ଲାଗିରହିଛି ।ମୃତକଙ୍କୁ ଗାଁକୁ ଫେରେଇ ଆଣିବା ପାଇଁ ପରିବାରଲୋକ ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି । ସେପଟେ ଓଡ଼ିଶାରେ ଡବଲ ଇଂଜିନି ସରକାର ଆସିବା ଦିନଠାରୁ ବେକାରୀ ଓ ଦାଦନ ସମସ୍ୟା ବାଡିବାରେ ଲାଗିଛି । ବିଶେଷ କରି ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକରୁ ପ୍ରତି ବର୍ଷ ଶହ ଶହ ଲୋକମାନେ ବାହାର ରାଜ୍ୟକୁ ଯାଉଛନ୍ତି ଦାଦନ ଶ୍ରମିକ ଭାବରେ। ଏ ନେଇ ବାରମ୍ଵାର ଖବର କାଗଜ ଓ ବିଭିନ୍ନ ଟିଭି ମାଧ୍ୟମରେ ପ୍ରକାଶିତ ହୋଇଥିଲା ମଧ ପ୍ରଶାସନ ତରଫରୁ କୌଣସି ପ୍ରକାର ପଦକ୍ଷେପ ନିଆଯାଉନାହିଁ । ଫଳରେ ନିରୀହ ଲୋକମାନେ ବଳିପଡିଯାଉଛନ୍ତି ଓ କିଛି ଲୋକମାନଙ୍କର ପରିବାର ଉଜୁଡି ଯାଉଛି । ସେଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାପାଇଁ ସର୍ବସାଧାରଣ ରେ ଦାବି ହୋଇଛି ।

# ବରିଷ୍ଠ ନାଗରିକଙ୍କୁ 'ଡିଜିଟାଲ ଆରେଷ୍ଟ' ଠକେଇ ସମ୍ପର୍କରେ ସଚେତନ କଲା ପୋଲିସ

ଛତ୍ରପୁର,୨୩।୮ :(ମନ୍ଥନ) ବଢୁଥିବା ସାଇବର ଅପରାଧ ଓ ବିଶେଷକରି "ଡିଜିଟାଲ ଆରେଷ୍ଟ" ନାମରେ ହେଉଥିବା ଠକେଇରୁ ବରିଷ୍ଠ ନାଗରିକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ଛତ୍ରପୁର ଥାନା ପକ୍ଷରୁ ରବିବାର ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଂ ରୁମ ପରିସରରେ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ହରିଶ ବିଶି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ସାଇବର ଠକମାନଙ୍କ ନୂତନ ନୂତନ କୌଶଳ ସମ୍ପର୍କରେ ଅବଗତ କରାଇଥିଲେ। ସେ କହିଥିଲେ ଯେ, "ଡିଜିଟାଲ ଆରେଷ୍ଟ" ନାମରେ ଠକମାନେ ନିଜକୁ ପୋଲିସ, ସିବିଆଇ, ଇଡି କିମ୍ବା ଅନ୍ୟ କୌଣସି ସରକାରୀ ସଂସ୍ଥାର ଅଧିକାରୀ ପରି ପରିଚୟ ଦେଇ ଲୋକଙ୍କୁ ଭୟଭୀତ କରି ଅର୍ଥ ଠକୁଛନ୍ତି।




ଏଭଳି ଫୋନ୍ କଲ୍, ଭିଡିଓ କଲ୍ କିମ୍ବା ଅନଲାଇନ୍ ନିର୍ଦ୍ଦେଶରେ ବିଶ୍ୱାସ ନ କରିବାକୁ ସେ ପରାମର୍ଶ ଦେଇଥିଲେ ।ସନ୍ଦେହଜନକ କଲ୍ କିମ୍ବା ଠକେଇର ଶିକାର ହେଲେ ତୁରନ୍ତ ନିକଟସ୍ଥ ପୋଲିସ ଥାନା ସହ ଯୋଗାଯୋଗ କରିବା ସହିତ ସାଇବର ହେଲ୍ପଲାଇନ୍ ନମ୍ବର ୧୯୩୦ରେ ଅଭିଯୋଗ କରିବାକୁ ଆରକ୍ଷୀ ଅଧିକ୍ଷିକ କହିଥିଲେ। ସଚେତନତା ଓ ସତର୍କତା ହିଁ ସାଇବର ଅପରାଧରୁ ସୁରକ୍ଷା ପାଇବାର ସବୁଠାରୁ ବଡ଼ ଉପାୟ ବୋଲି ସେ କହିଥିଲେ ।ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡ଼ାଇ, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ଗଞ୍ଜାମ ସାଇବର ଥାନା ଆଇଆଇସି ଜ୍ୟୋତି ରଞ୍ଜନ ବେହେରା ଓ ଏଏସଆଇ କିରଣ ପାତ୍ର ପ୍ରମୁଖ ଯୋଗଦେଇ ସାଇବର ସୁରକ୍ଷା ସମ୍ପର୍କିତ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ ।ଆଇନଜୀବୀ ଡ଼ଃ ପ୍ରଶାନ୍ତ କୁମାର ଶତପଥି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଛତ୍ରପୁର ଓ ଆଖପାଖ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ମାନେ ଉପସ୍ଥିତ ଥିଲେ । ଶେଷରେ ଥାନା ଅଧିକାରୀ ଶ୍ରୀ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଘନ ଘନ ମନ୍ଦିରରୁ ଲୁଟ:ପୋଲିସକୁ ଖୋଲା ଚ୍ୟାଲେଞ୍ଜ

ଗୋପ ,୨୩।୮ :(ମନ୍ଥନ)ଗୋପ ବ୍ଲକରେ ଏବେ ମନ୍ଦିର ଲୁଟେରା ମାତିଛନ୍ତି ।ଗତ ବୁଧବାର ବିଳମ୍ବିତ ରାତିରେ ବଡତରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ତାରା ଦେବୀଙ୍କ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇ ଥିବା ବେଳେ ଶନିବାର ବିଳମ୍ବିତ ରାତିରେ ସୁତନ ଗ୍ରାମର ଆରାଧ ଦେବୀ ମା ସିଦ୍ଧ ?ଶ୍ୱରୀ ଦେବୀଙ୍କ ମନ୍ଦିରରେ ଚୋର ମାନେ କଳା କନା ବୁଲାଇଛନ୍ତି ।ଖବରରୁ ଜଣା ଯାଏ ସବୁଦିନ ଭଳି ମନ୍ଦିର ପୂଜକ ସନ୍ଧ୍ୟା ସମୟରେ ମା ଙ୍କ ନିତିକାନ୍ତି ସାରି ମନ୍ଦିର ବନ୍ଦ କରି ଥିଲେ ।ରବିବାର ପ୍ରତ୍ୟୁଷରୁ କିଛି ଭାତ ପୂଜକ ମନ୍ଦିରରୁ ଚୋରି ହୋଇଥିବା ନେଇ ଗ୍ରାମବାସୀଙ୍କୁ ଜଣାଇଲେ ।ଗ୍ରାମର ମୁଖିଆ ମାନେ ଚନ୍ଦ୍ରଭାଗା ସାମୁଦ୍ରିକ ଥାନାକୁ ଜଣାଇଥିଲେ ।ଚନ୍ଦ୍ରଭାଗା ଥାନା ଅଧିକାରୀଣି ସରସ୍ୱତୀ ସାହୁ ଘଟଣାକୁ ଗୁରୁତର ଭାବେ ନେଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି ।ମନ୍ଦିରରୁ ରୂପା ମୁକୁଟ, ସୁନା ଚିତା,ପିତଳର ଢାଳ, ବାଲିତି,ଥାଳି,ତସଲା ଓ ବହୁ ମୂଲ୍ୟ ପିତଳ ଘଣ୍ଟ ତଥା ଦାନ ବାକ୍ସ ଭାଙ୍ଗି ସମସ୍ତ ଟଙ୍କା ଲୁଟି ନେଇଛନ୍ତି ।ବଡ଼ ଆଶ୍ଚର୍ଯ୍ୟର କଥା ବଳିକପିଳେଶ୍ୱର - ପାଟେଲିଆ ମୁଖ୍ୟ ରାସ୍ତା ପାର୍ଶ୍ୱରେ ତଥା ଗ୍ରାମର ବହୁ ମାତ୍ରାରେ ଲୋକ ଫସଲକୁ ଜଂଗଲୀ ଜନ୍ତୁ ଓ ବୁଲା ଗାଈଗୋରୁଙ୍କୁ ଘଉଡାଇବା ପାଇଁ ଯିବା ଆସିବା କରୁ ଥିବା ବେଳେ ଚୋର ମାନେ ଅତି ଅନାୟସରେ ଲୁଟି ନେଇଗଲେ ।ବର୍ଷା ପୁରୁନି ଏହି ଗ୍ରାମର ହରି ସହଦେବ ମନ୍ଦିରରୁ ଅନୁରୂପ ଚୋରି ହୋଇଥିଲା ।ଘଟଣାକୁ ନେଇ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇ ଥିବା ବେଳେ ଘଟଣାର ପ୍ରମୁଖ ଦିଗକୁ ନେଇ ଚନ୍ଦ୍ରଭାଗା ଥାନା ଅଧିକାରୀଣି ପୁରୀରୁ ସାଇଣ୍ଟିଫିକ ଟିମ୍ ଡକାଇ ଛାନ୍ ଭିନ କରି ତଦନ୍ତ କରୁଛନ୍ତି ।ଖବର ଲେଖା ହେଲା ବେଳକୁ ଏ ପର୍ଯ୍ୟନ୍ତ କାହାକୁ ଅଟକ କି ଗିରଫ କରାଯାଇ ନାହିଁ।

# ବଡ଼କେରଜାଙ୍ଗ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ମାତୃସମ୍ମିଳନୀ

ଛେଣ୍ଡିପଦା,୨୩।୮ :(ମନ୍ଥନ)ଅନୁଗୋଳ ଜିଲ୍ଲାର ନିଶା ଶିକ୍ଷାଞ୍ଚଳ ଥାନା ଅନ୍ତର୍ଗତ ବଡ଼୍ କେରଜାଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ମାତୃସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଧାର ସ୍ତରର ଶତାଧିକ ମାଆମାନଙ୍କୁ ନେଇ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼କେରଜାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱପ୍ନାପ୍ରିୟା ସ୍ୱାଇଁ ଯୋଗଦେଇ ନାରୀ ଶକ୍ତି ଯାଗରଣ ଉପରେ ବକ୍ତବ୍ୟ ରଖିଥିଲେ ।ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ମଧ ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ସୁଶିଲ୍ କୁମାର ସାହୁ ଯୋଗ ଦେଇ ଶିଶୁ ମାନଙ୍କ ଉନ୍ନତିରେ ଭୂମିକା ତଥା ଜଣେ ଆଦର୍ଶ ମାଆ ଗୁଣାବଳୀ ଓ ଦାୟିତ୍ୱବୋଧ ଉପରେ ବକ୍ତବ୍ୟ ଦେଇଥିଲେ ।ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି



ଅଶୋକ କୁମାର ପ୍ରଧାନ ଓ କୋଷାଧକ୍ଷ ବୀରବର ବେହେରା ଉପସ୍ଥିତ ଥିଲେ ।ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଶିଶୁବାଟିକା ପ୍ରମୁଖ ସଙ୍ଗୀତା ରାଉଳ କାର୍ଯ୍ୟକ୍ରମର ଆଭିମୁଖ୍ୟ କଥନ କରିଥିଲେ ଓ ବିଦ୍ୟାଳୟର ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ ।ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମଟି ସାଫଲ୍ୟ ମଣ୍ଡିତ ହୋଇଥିଲା।

# ସମ୍ଭାଗ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଅନୁଗୋଳ,୨୩।୮ :(ମନ୍ଥନ)ସ୍ଥାନୀୟ ଗାନ୍ଧିମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅନୁଗୋଳଠାରେସମ୍ଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାର ଶୁଭ ଉଦ୍‌ଘାଟନ ହୋଇ ଯାଇଅଛି। ଉଦ୍‌ଘାଟନ ଉତ୍ସବରେ ଅନୁଗୋଳ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ ଗଡ଼ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲେ ଅବଦୁଲ କାଲାମଙ୍କ ଭଳି ସ୍ୱପ୍ନ ଦେଖି ଓ ସାକାର କରି ଭାରତର ପ୍ରଗତିରେ ସହାୟ ହେବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ସେ ପରାମର୍ଶ ପ୍ରଦାନ କରିଥିଲେ । ଅଖିଳଭାରତୀୟ ଗଣିତ ସହ ସଂଯୋଜକ ପ୍ରସନ୍ନ କୁମାର ସାହୁ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ଭାରତୀୟ ସଂସ୍କୃତିରେ ବିଜ୍ଞାନର ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ ।



ସମ୍ଭାଗ ସଂଯୋଜକ ବିରଞ୍ଚି ନାରାୟଣ ମହାପାତ୍ର ମେଳାର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ଢେଙ୍କାନାଳ ବିଭାଗନିରୀକ୍ଷକ ଗଣେଶ୍ୱର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ସଭାପତି ଡ଼ା ସୁଧାକର ପାଳ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାନ୍ତ ପରୀକ୍ଷା ପ୍ରମୁଖ ମନୋଜ ଦାଶ, ଅନୁଗୋଳ ବିଭାଗ ନିରୀକ୍ଷକ ବିଚିତ୍ରରଥ , ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ, ଉପସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ଶିଶୁ ବିଦ୍ୟା ମନ୍ଦିରରୁ ଛାତ୍ରଛାତ୍ରୀ ମେଳାରେ ଅଂଶଗ୍ରହଣ କରିଥିଲେ । ବିଜ୍ଞାନ ଓ ଗଣିତପ୍ରକଳ୍ପ, ପତ୍ରବାଚନ, ପ୍ରଶ୍ନମଞ୍ଚ, ମୂର୍ତ୍ତିକଳା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତ୍ୟେକ ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁ ପ୍ରାନ୍ତ ଜ୍ଞାନବିଜ୍ଞାନ ମେଳାରେ ଅଂଶଗ୍ରହଣ ନିମନ୍ତେ ଚୟନ କରାଯିବ।

# କେନ୍ଦ୍ର ସରକାର ରାଜ୍ୟର ସ୍ୱାର୍ଥକୁ ଛଡ଼ାଇ ନେଇଥିବା ପ୍ରତିବାଦରେ କଂଗ୍ରେସର ରଣ ହୁଙ୍କାର

ଅନୁଗୋଳ,୨୩।୮ :(ମନ୍ଥନ)କେନ୍ଦ୍ର ସରକାର ଖଣି ଓ ଖଣିଜ ପଦାର୍ଥ ଉନ୍ନୟନ ଓ ନିୟନ୍ତ୍ରଣ ସଂଶୋଧନ ବିଲ୍ ଗତ ଅଗଷ୍ଟ ୧୩ ତାରିଖ ଦିନ ଲୋକସଭା ଓ ରାଜ୍ୟସଭାରେ ବିରୋଧୀଦଳ ମାନଙ୍କ ବିନା ଉପସ୍ଥିତିରେ ପାରିତ ହୋଇ ଯାଇଛି। ଉକ୍ତ ବିଲ୍ ଅନୁସାରେ ଖଣି ଓ ଖଣିଜ ପଦାର୍ଥର ସମସ୍ତ ପରିଚାଳନା କେନ୍ଦ୍ର ହାତକୁ ନେଇଗଲେ। ଆଗରୁ ଖଣି ଓ ଖଣିଜ ପଦାର୍ଥ ଉନ୍ନୟନ ଓ ନିୟନ୍ତ୍ରଣ ଆଇନ ୧୯୫୭ ଅନୁଯାୟୀ ରାଜ୍ୟ ସରକାର ଖଣି ଓ ଖଣିଜ ପଦାର୍ଥର ଉତ୍ତୋଳନରୁ ମିଳୁଥିବା ଲାଭର ସିଂହ ଭାଗ ପାଉଥିଲା ।ହେଲେ ଏହି ସଂଶୋଧନ ଇତି ମଧ୍ୟରେ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦିତ ହୋଇଯାଇଛି। ଫଳରେ ଖଣି ଓ ଖଣିଜ ପଦାର୍ଥରୁ ରାଜ୍ୟ ଆଉ କୌଣସି ପ୍ରକାର ଲାଭ ପାଇଁ ପାରିବ ନାହିଁ କିମ୍ବା କୌଣସି ସେସ୍ ବା କର ଲଗାଇ ପାରିବ ନାହିଁ। କେନ୍ଦ୍ରର ସହମତିରେ ଯାହାକିଛି ହାତଟେକାକୁ ରାଜ୍ୟ ଅନେଇ ରହିବ। ରାଜ୍ୟ କେବଳ ବାଲି, ପଥର ଓ ମାଟି ବ୍ୟତିରେକ ଆଉ କୌଣସି ଖଣି ବା ଖଣିଜ ପଦାର୍ଥରୁ କିଛି ଲାଭ ପାଇ ପାରିବ ନାହିଁ। ଏଭଳି ଏକ ଜନବିରୋଧୀ ଆଇନ ପାରିତ କରି କେନ୍ଦ୍ର ରାଜ୍ୟର ସମସ୍ତ ଖଣି ଖାଦାନକୁ ପୁଞ୍ଜିପତିମାନଙ୍କ ହାତକୁ ଟେକି ଦେବା ପାଇଁ ଏ ଯେଉଁ କଳା ଆଇନ ପ୍ରଣୟନ କରିଛନ୍ତି, ଏହାକୁ ବିରୋଧ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଓ ଓଡ଼ିଶାର ପ୍ରଭାରୀ ଲାଲାଜୀ ଦେଶାଇଙ୍କ ନିର୍ଦ୍ଦେଶରେ ଆଜି ସ୍ଥାନୀୟ କଂଗ୍ରେସ ଭବନଠାରେ ପୂର୍ବାହ୍ନରେ ଜିଲ୍ଲା କଂଗ୍ରେସ କମିଟିର ଏକ ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ



ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ଖଣି ଓ ଖଣିଜ ପଦାର୍ଥ ପାଇଁ ପାରିତ ହୋଇଥିବା ଆଇନକୁ ପ୍ରତ୍ୟାହାର ପାଇଁ କଂଗ୍ରେସ ଦଳ ରଣ ହୁଙ୍କାର ଦେବ ଓ ଅନୁଗୋଳର ଖଣି ଖାଦାନକୁ ପୁଞ୍ଜିପତିମାନଙ୍କ କବଳରୁ ସୁରକ୍ଷାପାଇଁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି । କେନ୍ଦ୍ର ସରକାର ଯେଭଳିଭାବେ କୃଷକମାନଙ୍କ ଦୁର୍ବାର ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇ ଶେଷରେ ତିନି କଳା କୃଷି ଆଇନକୁ ପ୍ରତ୍ୟାହାର କରିଥିଲେ, ଠିକ୍ ସେହିଭଳି ଅନୁଗୋଳ ତଥା ଓଡ଼ିଶାବାସୀଙ୍କ ସ୍ୱାର୍ଥ ଆଗରେ କେନ୍ଦ୍ର ସରକାର ନିଶ୍ଚିତ ମୁଣ୍ଡ ନୁଆଁଇବାକୁ ବାଧ କରାଯିବ ବୋଲି ବିଭିନ୍ନ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆଦିବାସୀ ଓ ବନବାସୀମାନଙ୍କ ଅଧିକାରକୁ ଏ ଆଇନ ବଳରେ ବ୍ୟାପକ କ୍ଷତି ଘଟାଉଛନ୍ତି, ଏଣୁ ଏଭଳି ଜନବିରୋଧୀ ଆଇନ ପ୍ରତ୍ୟାହାର ଦାବିରେ ଜନ ସଚେତନତା ପାଇଁ ଅନୁଗୋଳ ଜିଲ୍ଲାର ତିନି ଖଣି ଅଞ୍ଚଳକୁ ତିନୋଟି ଗ୍ରୁପ କରି ଜିଲ୍ଲା କଂଗ୍ରେସ ପକ୍ଷରୁ ଉକ୍ତ ଅଞ୍ଚଳରେ ଲୋକ ମାନଙ୍କୁ ସଚେତନ କରିବା ପାଇଁ ଯିବାକୁ ସ୍ଥିର କରାଯାଇଛି। ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟିର ଉପସଭାନେତ୍ରୀ ସସ୍ମିତା ବେହେରା, ପ୍ରଦେଶ କଂଗ୍ରେସ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ପ୍ରଦେଶ କୃଷକ କଂଗ୍ରେସର ଉପାଧକ୍ଷ ଉମେଶ ଚନ୍ଦ୍ର ସାହୁ, ଜିଲ୍ଲା କଂଗ୍ରେସ ଉପସଭାପତି ଦିଗାମ୍ବର ଗଡ଼ନାୟକ, ବିମଳ ପ୍ରଧାନ, ନିରଞ୍ଜନ ଦାସ, ଗୋପାଳ ଚନ୍ଦ୍ର ନାଥ, ଚିତ୍ତରଞ୍ଜନ ନାଏକ, ଅମୂଲ୍ୟ ବେହେରା, ବିରଞ୍ଚି ନାରାୟଣ ଧର, କୁଶଧ୍ୱଜ ପ୍ରଧାନ, ଲକ୍ଷ୍ମୀଧର ପୃଷ୍ଟି, ଦୁଷ୍ମନ୍ତ ଦଳବେହେରା, ସହଦେବ ବେହେରା, ବଳବୀର ସିଂ, ରାଜକିଶୋର ସାହୁ,ବିନୋଦ ମାଝୀ, ରାକେଶ ମିଶ୍ର, ସୁଦୀପ ମିଶ୍ର, ରଶ୍ମିରଞ୍ଜନ ସାହୁ, ଅଜୟ କୁମାର ବେହେରା, ଦୁର୍ଗା ଚରଣ ସତପଥି, ଅଳକାରାଣୀ ମହାପାତ୍ର, ଦାଶରଥି ସାହୁ, ଜିଲ୍ଲା ଛାତ୍ର ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ, ପଦ୍ମିନୀ ନାଏକ, ସଂଗ୍ରାମ କେଶରୀ କୁଅଁର, ବାସୁଦେବ ସାମଲ, ଅଲେଖ ବେହେରା, ସରୋଜ ମହାକୁଡ଼, ବିମଳ ପ୍ରଧାନ (ଖ), ଅବିନାଶ ଦଳବେହେରା, ମନୋଜ ସାହୁ, ପ୍ରତାପ ସତପଥି, ଅଶୋକ ନାଏକ ପ୍ରମୁଖ ଶତାଧିକ କଂଗ୍ରେସ ନେତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆୟୁଷ ଡାକ୍ତର ମହାସଂଘ ସମାବେଶ

ଡେଲାଙ୍ଗ,୨୩।୮ :(ମନ୍ଥନ) ଡେଲାଙ୍ଗ ବ୍ଲକର ପ୍ରସିଦ୍ଧ ବଣିବକେରଶ୍ୱର ମହାଦେବ ମନ୍ଦିର ପରିସରରେ ଓଡିଶା ଆୟୁଷ ଚିକିତ୍ସକ ମହାସଂଘ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ଧରି ଦାବି, ଆପତ୍ତି, ଧାରଣା, ଆନ୍ଦୋଳନ କରିଆସିଥିବା ରାଜ୍ୟର ଆୟୁଷ ଡାକ୍ତରଙ୍କ ଦରମା ରାଜ୍ୟ ସରକାର ବିବେକାନୁମୋଦିତ ବୃଦ୍ଧି କରିଥିବାରୁ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ମହାସଂଘ ସଭାପତି ଡାକ୍ତର ବିଶ୍ୱ ରଞ୍ଜନ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ପୁରୀ, ଖୋର୍ଦ୍ଧା, ନୟାଗଡ଼,କଟକ, ଜଗତସିଂହପୁର, ଯାଜପୁର, ବୌଦ୍ଧ, କେନ୍ଦୁଝର,କେନ୍ଦ୍ରାପଡା, ବରଗଡ଼, ଗଜପତି, ମୟୁରଭଞ୍ଜ ଆଦି ଜିଲ୍ଲାର କାର୍ଯ୍ୟକର୍ତ୍ତା ଓ ପ୍ରତିନିଧିମାନେ ଯୋଗଦେଇ ଆୟୁଷ ଡାକ୍ତର ମାନଙ୍କ ସମସ୍ୟା ପ୍ରତି ରାଜ୍ୟ ସରକାର ସହାନୁଭୂତିଶୀଳ ହେବା ପାଇଁ ନିବେଦନ କରିଥିଲେ । ମହାସଂଘର ବରିଷ୍ଠ ଉପଦେଷ୍ଟା ତଥା ରାଜ୍ୟସଂଘର ପ୍ରାକ୍ତନ ସଭାପତି ଚନ୍ଦ୍ରଶେଖର ମିଶ୍ର ସମାବେଶ ସଂଯୋଜନା କରିବା ସହ ସମସ୍ତ ପ୍ରତିନିଧି, କାର୍ଯ୍ୟକର୍ତ୍ତା, ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସ୍ୱାଗତ କରିଥିଲେ ଓ ସମାବେଶର ଲକ୍ଷ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ସଂଗଠକ ଡା. ସୁବ୍ରତ ମହାପାତ୍ର, ଆବାହକ ଡା. ଶ୍ରୀନିବାସ ଦେବତା, ସଂଗଠନ ସମ୍ପାଦକ ଡା. ଲୋକନାଥ ସାହୁ, ଉପଦେଷ୍ଟା ଡା. ଦୁର୍ଗାପ୍ରସାଦ ମିଶ୍ର, ଡା.



ତପନ ଦାଶ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବାର ଡା. ସ୍ମୃତିରଞ୍ଜନ ସାହୁ, ସମ୍ପାଦକ ଡା. ପ୍ରଦୀପ କୁମାର ଚମ୍ପତି, ଅଖିଳ ଓଡିଶା ଆୟୁଷ ଡେଭେଲପମେଣ୍ଟ ଆସୋସିଏସନ ସଭାପତି ଡା. ଜ୍ୟୋତିରଞ୍ଜନ ଗାହାଣ, ଡା. ସନ୍ତୋଷ କୁମାର ନାୟକ, ଡା. ନିର୍ଝରିଣୀ ଜେନା, ଡା.ମାନସ କୁମାର ନାୟକ, ବରଗଡ଼ର ଡା. ସଲିଳା, ଡା. ପ୍ରଭାତ ଦାସ, ଗଜପତିର ଡା. ବିଭୁଦତ୍ତ ପଣ୍ଡା, ଡା. ଦୀପ୍ତି ସାହୁ, ଡା. ସୀମାଲତା ସ୍ୱାଇଁ, ଡା. ବି କେ ପ୍ରଶାନ୍ତ ପ୍ରମୁଖ ଆୟୁଷ ଡାକ୍ତରମାନଙ୍କ ଗୁରୁ ଦାୟିତ୍ୱବୋଧ, କର୍ତ୍ତବ୍ୟପରାୟଣତା, ସମୟାନୁବର୍ତ୍ତିତା, ସମ୍ପର୍କରେ ଆଲୋଚନା କରିବା ସହ ୧୮ ବର୍ଷରୁ ଉର୍ଦ୍ଧ୍ୱ କାଳ ନିରନ୍ତର ସଂଗ୍ରାମ, ଆୟୁଷ ଚିକିତ୍ସକଙ୍କ ମଧ୍ୟରେ ଐକ୍ୟ, ଯୋଗୁ ବର୍ତ୍ତମାନର ମୋହନ ଚରଣ ମାଝିଙ୍କ ସରକାର, ହୀନମନ୍ୟତାର ଶୀକାର ହୋଇଆସୁଥିବା ଆୟୁଷ ଡାକ୍ତର ମାନଙ୍କ ମାସିକ ଦରମା ବିଚାର ସମ୍ମତ ଭାବେ ବୃଦ୍ଧି କରିଥିବାରୁ ଡାକ୍ତରମାନେ ସେମାନଙ୍କ କର୍ତ୍ତବ୍ୟ ସୁଚାରୁରୂପେ ନିର୍ବାହ କରିବେ ବୋଲି ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ସ୍ଥାନୀୟ ଆୟୁଷ ଚିକିତ୍ସାପ୍ରେମୀ ଶୁଭାଧାୟୀ ଭାବେ କଣାସ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ତଥା ପ୍ରାକ୍ତନ ଅଧକ୍ଷ ସୁଶିଳକାନ୍ତ ରାଉତ, ପ୍ରାକ୍ତନ କୃତି କ୍ରୀଡା ଓ ଯୋଗ ପ୍ରଶିକ୍ଷକ ବଟକୃଷ୍ଣ ଜେନା, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଅଶୋକୁମାର ପ୍ରଧାନ, ସମାଜସେବୀ ହାଡିବନ୍ଧୁ ଚମ୍ପତି, ପ୍ରଧାନ ଶିକ୍ଷା ସେବକ ସଞ୍ଜୟ କୁମାର ସେଠି, ସ୍ଥାନୀୟ ପ୍ରେସ କ୍ଲବ ସଭାପତି ତଥା ବର୍ଷୀୟାନ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ସହକାରୀ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଜେନା, ବସନ୍ତ କୁମାର ବେହେରା ପ୍ରମୁଖଙ୍କୁ କାର୍ଯ୍ୟକର୍ତ୍ତାମାନେ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ ସହଯୋଗ କାମନା କରିଥିଲେ ।୧୦ ଦଫା ଦାବି ସମୂହ ମଧ୍ୟରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦାବି ପୂରଣ ହୋଇଥିବା ବେଳେ ଚାକିରୀ ନିୟମିତକରଣ, ସେବାନିବୃତ୍ତ ପରବର୍ତ୍ତୀ ପେନସନ ବ୍ୟବସ୍ଥା ସହ ଆୟୁଷ ସେବାକ୍ରିୟାକୁ ଅଧିକ ଲୋକାଭିମୁଖୀ କରିବାକୁ ହେଲେ ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ସ୍ୱତନ୍ତ୍ର ଆୟୁଷ ବିଭାଗ ଖୋଲିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବାକୁ ମହାସଂଘ ସଭାପତି ଡା. ବିଶ୍ୱରଂଜନ ଜେନା ମତ ପ୍ରକାଶ କରିବା ସହ ଏହି ସବୁ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଜାରି ରହିବ ଓ ଓଡ଼ିଶାର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଭାଗରେ ଅନୁରୂପ ସମାବେଶ କରାଯିବ ବୋଲି ଘୋଷଣା କରିଥିଲେ । ଉପଦେଷ୍ଟା ଡା. ଚନ୍ଦ୍ରଶେଖର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଚୋରୀ ସୁନା ମୂର୍ତ୍ତି କାରବାର ପର୍ଦ୍ଦାଫାଶ ହେବା ଭୟରେ ଯୁବକକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଲେ ପରିବାର

ପିପିଲି,୨୩।୮ :(ମନ୍ଥନ)ଚୋରୀ ସୁନା ମୂର୍ତ୍ତି କାରବାରର ପର୍ଦ୍ଦାଫାସ ହେବା ଭୟରେ ଯୁବକ ଙ୍କୁ ନିର୍ମମ ହତ୍ୟା କରିଥିବା ପରିବାର ଲୋକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଦୀର୍ଘ ୫ ମାସ ପରେ ଅଲ ଇଣ୍ଡିଆ ମୂଳ ନିବାସୀ ସଙ୍ଘ ପକ୍ଷରୁ ଆଜି ପିପିଲି ର ଏକ ଘରୋଇ କଲ୍ୟାଣ ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣା ଉପରେ ଗୋଟି ଗୋଟି ତଥ୍ୟ ଉପସ୍ଥାପନ କରିଛନ୍ତି । ପୁରୀ ଜିଲ୍ଲା ଗୋପ ବ୍ଲକ ରାମଚଣ୍ଡୀ ଥାନା ଅନ୍ତର୍ଗତ ଆଳିଶଙ୍ଖା ଗ୍ରାମର ଆଲୋକ ଭୋଇଙ୍କ ମୃତ୍ୟୁକୁ ନେଇ ଉଠିଛି ବିଭିନ୍ନ ପ୍ରଶ୍ନ । ପରିବାର ଏବଂ ଅଲ୍ ଇଣ୍ଡିଆ ମୂଳ ନିବାସୀ ସଂଘର ଦାବି ଚୋରୀ ସୁନା ମୂର୍ତ୍ତି କାରବାରର ଭିଡିଓ ରେକର୍ଡ କରିବା ପରେ ଆଲୋକକୁ ହତ୍ୟା କରାଯାଇଛି। ତେବେ ସ୍ଥାନୀୟ ପୋଲିସ ଏହାକୁ ଦୁର୍ଘଟଣା ରୁପରେଖ ଦେଉଥିବା ପରିବାର ଲୋକ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁଯାୟୀ, କୌଣସି ଏକ ମନ୍ଦିରରୁ ଲୁଟ ହୋଇଥିବା ଲକ୍ଷ୍ମୀନାରାୟଣଙ୍କ ସୁନା ମୂର୍ତ୍ତିକୁ ବିକ୍ରି ପାଇଁ ଚାଲିଥିଲା ମୂଲଚାଲ। ସେହି ସମୟରେ ଆଲୋକ ଭୋଇ ଲୁଚି ରହି ଏହାର ଭିଡିଓ କରୁଥିଲେ। ହେଲେ ସେଠାରେ ଥିବା ଜଣେ ବ୍ୟକ୍ତି ତାଙ୍କୁ ଦେଖିଦେବା ପରେ ତିନି ଜଣ ଅଭିଯୁକ୍ତ ତାଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ହେଲେ ଆଲୋକ ସେଠାରୁ କୌଶଳ କ୍ରମେ ଖସି ନିଜ ସହଯୋଗୀ




ରଶ୍ମିରଞ୍ଜନ କାଣ୍ଡିଙ୍କ ସହ ବାଇକରେ ପଳାଇଥିଲେ। ପଳାଇବା ପୂର୍ବରୁ ସେ ନିଜ ମା'ଙ୍କ ମୋବାଇଲକୁ ସେହି ଭିଡିଓ ପଠାଇ ଦେଇଥିଲେ। କିନ୍ତୁ ପରେ ଉଭୟଙ୍କ ଉପରେ ହୋଇଥିଲା ମରଣାନ୍ତକ ଆକ୍ରମଣ। ଆଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଗୁରୁତର ଆହତ ରଶ୍ମିରଞ୍ଜନ ଫେରିଥିବା କୁହାଯାଉଛି। ଏହାଠାରୁ ଆହୁରି ସାଂଘାତିକ ଅଭିଯୋଗ ଆଣିଛନ୍ତି ଆଲୋକଙ୍କ ମା' ରୀନା ଭୋଇ। ତାଙ୍କ କହିବା ଅନୁଯାୟୀ, ସେ ରାମଚଣ୍ଡୀ ଥାନାରେ ଲିଖିତ ଏତଲା ଦେବାକୁ ଯାଇଥିଲେ ମଧ୍ୟ ପୋଲିସ ତାହାକୁ ଗ୍ରହଣ କରିନଥିଲା। ବରଂ ଘଟଣାକୁ ଦୁର୍ଘଟଣାର ରୂପ ଦେଇ ଅନ୍ୟ ଜଣଙ୍କ ଏତଲା ଆଧାରରେ ମାମଲା ରୁଜୁ କରାଯାଇଥିବାରୁ ପୋଲିସର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି ।ଘଟଣାର ପାଞ୍ଚ ମାସ ପରେ ନ୍ୟାୟ ଦାବିରେ ଅଲ୍ ଇଣ୍ଡିଆ ମୂଳ ନିବାସୀ ସଂଘ ଏହି ପ୍ରସଙ୍ଗକୁ ସାମ୍ନାକୁ ଆଣିଛି। ସଂଘ ସଭାପତି ବିଜୟ ସେଠୀଙ୍କ ନେତୃତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୂର୍ତ୍ତି କାରବାର ଓ ମୂଲଚାଲର ଭିଡିଓକୁ ସାର୍ବଜନୀନ କରାଯାଇଥିବା ଦାବି କରାଯାଇଛି। ସଂଘ ସମ୍ପାଦିକା ସୋନିଲତା ସେଠୀ କହିଛନ୍ତି ସରକାର ଯଦି ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି, ତେବେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବା ସହିତ ପିପିଲି ଟୋଲଗେଟ ପାଖରେ ଧାରଣା ଦିଆଯାଇ ପ୍ରଶାସନକୁ ଅଚଳ କରିଦିଆଯିବ ବୋଲି ଜଣାଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଆଇନୀଜୀବୀ ନୀଳାଦ୍ରି ପ୍ରଧାନ, ରାଜ୍ୟ ଯୁବ ସଭାପତି ସନ୍ତୋଷ ମଲ୍ଲିକ ଉପସ୍ଥିତ ଥିଲେ । ତେବେ ଏହି ସାମ୍ବାଦିକ ସମ୍ମିଳନୀ ପରେ ପୋଲିସ ପ୍ରକୃତପକ୍ଷେ ତଦନ୍ତ କରି ସତ୍ୟ ଘଟଣାକୁ ସାମ୍ନାକୁ ଆଣିବାକୁ ଦାବୀ ହୋଇଛି।

# ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଆଣିବାକୁ ରାଜ୍ୟସଭା ଓ ଲୋକସଭା ସାଂସଦଙ୍କୁ ଆହ୍ୱାନ

ବ୍ରହ୍ମପୁର,୨୩।୮(ମନ୍ଥନ): ଓଡ଼ିଶାର ଖଣିଜ ସମ୍ପଦ ଓ ରାଜ୍ୟର ଆର୍ଥିକ ସ୍ୱାର୍ଥର ସୁରକ୍ଷା ପାଇଁ ସଂସଦରେ ଏକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ (Private Member's Bill) ଆଣିବାକୁ ପଦକ୍ଷେପ ନେବା ସହ ଓଡ଼ିଶା ବିଧାନସଭାରେ ଏକ ସର୍ବସମ୍ମତ ପ୍ରସ୍ତାବ ପାରିତ କରିବାକୁ ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଞ୍ଚ ଦାବି କରିଛି ।

ମଞ୍ଚ ପକ୍ଷରୁ ଜାରି ଏକ ପ୍ରେସ୍ ବାର୍ତ୍ତାରେ କୁହାଯାଇଛି ଯେ, ଏମଏମଡିଆର୍, ୧୯୫୭ର ସାମ୍ପ୍ରତିକ ସଂଶୋଧନ ଫଳରେ ଓଡ଼ିଶା ସମେତ ଖଣି ଓ ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକର ରାଜସ୍ୱ ଏବଂ ଆର୍ଥିକ ସ୍ୱାଧୀନତା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଓଡ଼ିଶାର ସ୍ୱାର୍ଥକୁ ଯଥେଷ୍ଟ ଗୁରୁତ୍ୱ ନଦେଇ ଏହି ବିଲ୍‌କୁ ଅତ୍ୟନ୍ତ ତରବରିଆ ଭାବେ ସଂସଦରେ ପାରିତ କରାଯାଇଥିବା ନେଇ ମଞ୍ଚ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ମଞ୍ଚ ଆବାହକ ତଥା ଆଇନଜୀବୀ ଅବନୀ ଗୟା କହିଛନ୍ତି ଯେ, ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ ଖଣିଜ ସମୃଦ୍ଧ ରାଜ୍ୟ। ନୂତନ ସଂଶୋଧିତ ଆଇନ ଫଳରେ ରାଜ୍ୟ ଭବିଷ୍ୟତରେ ନିଜ ଖଣିଜ ସମ୍ପଦ ଉପରେ ଅତିରିକ୍ତ କର ବା ସେସ୍ ଲାଗୁ କରିବାର ଅଧିକାର ସୀମିତ ହେବାର ଆଶଙ୍କା ରହିଛି। ଏହାଦ୍ୱାରା ଓଡ଼ିଶାର କୋଟି କୋଟି ଟଙ୍କାର ସମ୍ଭାବ୍ୟ ରାଜସ୍ୱ କ୍ଷତି ହେବା ସହ ରାଜ୍ୟର ଆର୍ଥିକ ସ୍ୱାଧୀନତା ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି କ୍ଷ ସେ ଆହୁରି କହିଛନ୍ତି ଯେ, ଓଡ଼ିଶାର ଖଣିଜ ସମ୍ପଦରୁ ରାଜ୍ୟ ନିଜସ୍ୱ ରାଜସ୍ୱ ଆଦାୟ କରିବା ସମ୍ପର୍କିତ ସାମ୍ବିଧାନିକ ଅଧିକାର ସୀମିତ ହେବାର ଆଶଙ୍କାକୁ ଗୁରୁତ୍ୱର ସହ ବିଚାର କରାଯିବା ଆବଶ୍ୟକ। ଏଣୁ ଓଡ଼ିଶା ବିଧାନସଭାରେ ଦଳମତ ନିର୍ବିଶେଷରେ ଏକ ସର୍ବସମ୍ମତ ପ୍ରସ୍ତାବ ପାରିତ କରି ରାଜ୍ୟର ସ୍ୱାର୍ଥ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରାଯିବା ଉଚିତ। ମାନବ ଅଧିକାର ସୁରକ୍ଷା ମଞ୍ଚ ଓଡ଼ିଶାର ସମସ୍ତ ଲୋକସଭା ଓ ରାଜ୍ୟସଭା ସାଂସଦଙ୍କୁ ଏହି ପ୍ରସଙ୍ଗରେ ଏକତ୍ରିତ ହୋଇ ଓଡ଼ିଶାର ସ୍ୱାର୍ଥର ସୁରକ୍ଷା ପାଇଁ ସଂସଦରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଆହ୍ୱାନ କରିଛି।

# ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତ ବାର୍ଷିକ ପାଳିତ

ଛେଣ୍ଡିପଦା ( ମନ୍ଥନ)- ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଜରପଡା ଏକାକ୍ଷର ଯୋଗାଶ୍ରମ ନିକଟରେ ଭାରତୀୟ ଜନତା ପାର୍ଟି ଜରପଡା ମଣ୍ଡଳ ପକ୍ଷରୁ ସନାତନ ଧର୍ମ ରକ୍ଷକ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି ।



ଜରପଡା ମଣ୍ଡଳ ବିଜେପି ସଭାପତି ଜିବନାନନ୍ଦ ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗାଶ୍ରମ ମଠାଧୀଶ ବାବା ବିବାଦ ବିହାରୀ ଦାସ ମହାରାଜ ଯୋଗ ଦେଇ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ଯଥାବିଧି ପୂଜାନୀତି ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ ।

ଏହି ଅବସରରେ ସ୍ୱାମୀଜୀ ଙ୍କ ଜୀବନୀ, ନୀତି ଆଦର୍ଶ ଏବଂ ସନାତନ ଧର୍ମ ସୁରକ୍ଷା, ପ୍ରଚାର ପ୍ରସାର, ଧାର୍ମିକ ସଂସ୍କାର, ସମାଜ ସେବା, ସଂସ୍କୃତ ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା, ବୈଦିକ ଶିକ୍ଷା ପ୍ରତି ଛାତ୍ରୀ ଛାତ୍ର, ଯୁବକ ଯୁବତୀ ମାନଙ୍କ ମଧ୍ୟରେ ଆଗ୍ରହ ଓ ଉତ୍ସାହ ଆଦି କ୍ଷେତ୍ରରେ ଥିବା ଅତୁଳନୀୟ ଅବଦାନ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ । କନ୍ଧମାଳ ଜିଲ୍ଲାରେ ଚକାପାଦ ଆଶ୍ରମ ଏବଂ ଜଳେଶ ପଟ୍ଟା ଆଶ୍ରମ ପ୍ରତିଷ୍ଠା କରିଥିବା ଯୋଗୁଁ ସ୍ୱାମୀଜୀ ଚିର ସ୍ମରଣୀୟ ହୋଇ ରହିବେ ବୋଲି ଉପସ୍ଥିତ ବକ୍ତା ମାନେ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସଭାପତି ଝାରୁ ସାହୁ, ବରିଷ୍ଠ ନେତା କହ୍ନେଇ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ସୁଜିତ କୁମାର ସାହୁ, ପ୍ରତାପ କୁମାର ସାହୁ, ପୂର୍ବତନ ମଣ୍ଡଳ ସଭାପତି ଶତ୍ରୁଘ୍ନ ସାହୁ, କୃଷକ ମୋର୍ଚ୍ଚା ସଭାପତି ଦୁର୍ଯ୍ୟୋଧନ ସାହୁ, ଜନଜାତି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ କୁମାର ଦଣ୍ଡପାଟ, ହରିଜନ କଲ୍ୟାଣ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଭୋଲେଶ୍ୱର ଗୋଚ୍ଛାୟତ , ଜିତେନ୍ଦ୍ର ସାହୁ, ପୀତବାସ ସାହୁ, ସୀଲୁ ସାହୁ , ହେମନ୍ତ କୁମାର ସାହୁ, ହେମନ୍ତ ନାଏକ, ପଦ୍ମନାଭ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପ୍ରତି ପଞ୍ଚାୟତ ସ୍ତରରେ ପାଳନ କରିବା ପାଇଁ ନିଷ୍ପତି ନିଆଯାଇଥିଲା ।

# ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା କମ୍ୟୁନିଷ୍ଟ ନେତା ସ୍ୱର୍ଗତ ଏନ. ଇରେଶୁ ଆଚାରୀଙ୍କ ୬ଷ୍ଠ ଶ୍ରାଦ୍ଧ ଦିବସ ପାଳିତ



ଛତ୍ରପୁର , ୨୩/୦୮ : ବରିଷ୍ଠ କମ୍ୟୁନିଷ୍ଟ ନେତା ତଥା ପୂର୍ବତନ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏନ. ଇରେଶୁ ଆଚାରୀଙ୍କ ୬ଷ୍ଠ ଶ୍ରାଦ୍ଧ ବାର୍ଷିକୀ ଅବସର ରେ ରବିବାର ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ଆଇନଜୀବି ଆଦିତ୍ୟ ନାରାୟଣ ମିଶ୍ର ଙ୍କ ପୌରହିତ୍ୟ ରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି, ଏହି ଅବସର ରେ ବରିଷ୍ଠ କମ୍ୟୁନିଷ୍ଟ ନେତା ଗୋକୁଳ ଚନ୍ଦ୍ର ପଣ୍ଡା ଓ ଏସ. କ୍ରିଷ୍ଣା ରେଡ୍ଡୀ ,ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ଓ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ଜୋନାଲ ସିପିଆଇ ସମ୍ପାଦକ ଡି. ଆଦି ନାରାୟଣ ରେଡ୍ଡୀ, ସହ - ସମ୍ପାଦକ ଦୁର୍ଯ୍ୟୋଧନ ପରିଡା, ବିଜେଡି ନେତା ତଥା ଆଇନଜୀବି ମନୋଜ କୁମାର ପାଢ଼ୀ, କଂଗ୍ରେସ ନେତା ଭାଗିରଥି ବେହେରା, ପୂର୍ବତନ ସରପଞ୍ଚ ଡି. ରାମସ୍ୱାମୀ ରେଡ୍ଡୀ, ସିପିଆଇ ଜିଲ୍ଲା ନେତା ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ଚମାଖଣ୍ଡି ଜୋନାଲ ସମ୍ପାଦକ ଏନ. ଗିରିଜା ପ୍ରସାଦ ରେଡ୍ଡୀ, ଏସ. ତ୍ରିନାଥ ରେଡ୍ଡୀ,ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ,ସ୍ୱର୍ଗତ ଅଚାରୀ ଙ୍କ ପୁଅ ଏନ. ସୁକାନ୍ତ ଆଚାରୀ ଙ୍କ ସମେତ ବିଭିନ୍ନ ରାଜନୈତିକଦଳର ବ୍ୟକ୍ତି ମାନେ ଯୋଗଦେଇ ସ୍ୱର୍ଗତ ଏନ. ଇ ରେଶୁ ଆଚାରୀଙ୍କ ଗୁଣଗାନ କରିଥିଲେ ।

# ବ୍ୟାସ ଫାଉଣ୍ଡେସନ ର ସପ୍ତମ ବାର୍ଷିକ ଉତ୍ସବ ଓ ଗୀତାଜ୍ଞାନାଞ୍ଜନ ର ଚତୁର୍ଦ୍ଦଶ ସଂଖ୍ୟା ଉନ୍‌ମୋଚନ

ପାରାଦୀପ,୨୩/୮ :- ବାଣୀକ୍ଷେତ୍ର ଜଗତସିଂହପୁର ଜିଲ୍ଲା ର ବାଲିକୁଦା ବ୍ଲକ ଅଧିନସ୍ଥ ଆମ୍ବଶାଳ ସ୍ଥିତ କଲ୍ୟାଣମଣ୍ଡପ ଠାରେ ବ୍ୟାସ ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ଓଡିଶା ଆନୁକୂଲ୍ୟରେ, ସେବା ଓ ଆଧ୍ୟାତ୍ମିକ ପ୍ରଚାରପ୍ରସାର କ୍ଷେତ୍ରରେ ସମର୍ପିତ, ବ୍ୟାସ ଫାଉଣ୍ଡେସନ ର ସପ୍ତମ ବାର୍ଷିକ ଉତ୍ସବ ଓ ଗୀତାଜ୍ଞାନାଞ୍ଜନ ର ଚତୁର୍ଦ୍ଦଶ ସଂଖ୍ୟା ର ବିଶେଷାଙ୍କ ର ଶୁଭଉନ୍‌ମୋଚନ କାର୍ଯ୍ୟକ୍ରମ ଆନନ୍ଦଉଲ୍ଲାସ ମଧ୍ୟରେ ରବିବାର ଦିନ ପୂର୍ବାହ୍ନ ରେ ଅନୁଷ୍ଠିତ ହୋଇଯାଇଛି କ୍ଷ ପଣ୍ଡିତ ଡ଼ଃ.ସିଦ୍ଧେଶ୍ୱର ପଣ୍ଡା ପ୍ରାରମ୍ଭିକ ସୂଚନା ଓ ମଞ୍ଚପରିଚାଳନା କରିଥିବା ବେଳେ ଅଧ୍ୟାପକ ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ ଓ ଯୁଗ୍ମ ସମ୍ପାଦକ ନଗେନ୍ଦ୍ରନାଥ ସ୍ୱାଇଁ ନିମନ୍ତ୍ରିତ ଅତିଥି ମାନଙ୍କୁ ମଞ୍ଚକୁ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଫାଉଣ୍ଡେସନ ର ଅଧ୍ୟକ୍ଷ ସ୍ନେହମୟୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ର ଲକ୍ଷ୍ୟ ଅଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ କ୍ଷ। ପୂଜ୍ୟ ସ୍ୱାମୀ ଗିରିଜାନନ୍ଦ ପର୍ବତ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଏସଭିଏମ କଲେଜ ର ଅଧ୍ୟକ୍ଷା ସୁଜାତା ହୋତା, ଖ୍ୟାତନାମା ସାହିତ୍ୟିକ ଡ଼ଃ.ବଟକୃଷ୍ଣ ସ୍ୱାଇଁ, ପ୍ରାର୍ଥନା ଚ୍ୟାନେଲ ର ମୁଖ୍ୟ ନିର୍ଦ୍ଦେଶକ ସୁଶାନ୍ତ କୁମାର ବିଶୋଇ, ଆଇନଜୀବି ପ୍ରକାଶ ଚନ୍ଦ୍ର ପ୍ରଧାନ, ଅଧ୍ୟାପକ ଡ଼ଃ.ପ୍ରସନ୍ନ କୁମାର ବାରିକ ପ୍ରମୁଖ ବରେଣ୍ୟ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିବା ସହିତ ନିଜନିଜର ବକ୍ତବ୍ୟ ପ୍ରଦାନ କରି ଅନୁଷ୍ଠାନର ମୁଖପତ୍ର ଗୀତାଜ୍ଞାନାଞ୍ଜନ ଉନ୍‌ମୋଚନ କରିଥିଲେ ।ଶ୍ରୀମଦ ଭଗବତ ଗୀତା ର ଅଭିଜ୍ଞତା ଓ ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରାୟ ୭୫ ଜଣ କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶଂସାପତ୍ର, ପୁସ୍ତକ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସମାଜର ବିଭିନ୍ନକ୍ଷେତ୍ରରେ ଦକ୍ଷତା ଓ ପାରଦର୍ଶିତା ଅର୍ଜ୍ଜନ କରିଥିବା ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଙ୍କୁ ମଧ୍ୟ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।



# ଭାରତୀୟ ପୋର୍ଟ ଆଣ୍ଡ ଡକ୍ ମଜଦୁର ମହାସଙ୍ଘର ଜାତୀୟ କାର୍ଯ୍ୟକାରିଣୀ ବୈଠକ

ତୁତିକୋରିନ/ପାରାଦୀପ - ଭାରତୀୟ ପୋର୍ଟ ଆଣ୍ଡ ଡକ୍ ମଜଦୂର ମହାସଂଘର ଏକ ଦୁଇ ଦିନିଆ ଜାତୀୟ କାର୍ଯ୍ୟକାରିଣୀ ବୈଠକ ଅଗଷ୍ଟ ୨୨ ଓ ୨୩ ତାରିଖରେ ତାମିଲନାଡୁର ତୁତିକୋରିନ ବନ୍ଦରଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ତଥା ପାରାଦୀପ ବନ୍ଦରର ଟ୍ରଷ୍ଟି ଶ୍ରୀକାନ୍ତ ରାଏଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମହାସଂଘର ସାଧାରଣ ସମ୍ପାଦକ ସୁରେଶ ପାଟିଲ ଓ କୋଷାଧ୍ୟକ୍ଷ ସୁଧୀର ଗାରାତ ସଭା ପରିଚାଳନା କରିଥିବାବେଳେ ପୋର୍ଟ ପ୍ରଭାରୀ ଆନ୍ନା ଧୂମାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦେଶର ବିଭିନ୍ନ ପ୍ରମୁଖ ବନ୍ଦରରେ କାର୍ଯ୍ୟରତ ଭାରତୀୟ ମଜଦୂର ସଂଘ ସହ ଅନୁବନ୍ଧିତ ପୋର୍ଟ ୟୁନିଅନ ଗୁଡ଼ିକର କାର୍ଯ୍ୟକାରୀ ସଦସ୍ୟମାନେ ବୈଠକରେ ଯୋଗଦେଇଥିଲେ। ଏହି ଅବସରରେ ତୁତିକୋରିନଠାରେ ଭାରତୀୟ ମଜଦୂର ସଂଘ ସହ ଅନୁବନ୍ଧିତ ଭାରତୀୟ ଥୁରାଇମୁଗ ଥୋଜ଼ହିଲରା ସଂଘର ନୂତନ କାର୍ଯ୍ୟାଳୟ ମଧ୍ୟ ଉଦ୍ ?ଘାଟିତ ହୋଇଥିଲା। ବୈଠକରେ ମହାସଂଘ ଓ ଏହା ସହ ଅନୁବନ୍ଧିତ ସମସ୍ତ ପୋର୍ଟ ୟୁନିଅନର ପୂର୍ବ କାର୍ଯ୍ୟକଳାପର ସମୀକ୍ଷା ସହ ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକର ଏକ ପ୍ରମୁଖ ବିଷୟ ଥିଲା ଆଗାମୀ ୨୦୨୭-୨୦୩୧ ଅବଧିର ନୂତନ ୱେଜ୍ ସେଟଲମେଣ୍ଟ। ବର୍ତ୍ତମାନର ୨୦୨୨-୨୦୨୬ ୱେଜ୍ ସେଟଲମେଣ୍ଟର ଅବଧି ୩୧ ଡିସେମ୍ବର ୨୦୨୬ରେ ଶେଷ ହେବାକୁ ଥିବାରୁ ଆଗାମୀ ମଜୁରୀ ଚୁକ୍ତି ପାଇଁ ମହାସଂଘ ପକ୍ଷରୁ ଚାର୍ଟର ଅଫ୍ ଡିମାଣ୍ଡ ପ୍ରସ୍ତୁତ କରାଯାଇ ତାହାର ବିଭିନ୍ନ ଦାବି ଉପରେ ବିସ୍ତୃତ ବିଶ୍ଳେଷଣ ଓ ଆଲୋଚନା କରାଯାଇଥିଲା। ପ୍ରସ୍ତୁତ ଚାର୍ଟର ଅଫ୍ ଡିମାଣ୍ଡକୁ ଆଗାମୀ ଦିନରେ ସର୍ବଭାରତୀୟ ଫେଡେରେସନ କୋ-ଅର୍ଡିନେସନ କମିଟି ନିକଟରେ ଉପସ୍ଥାପନ କରାଯିବ। ସେଠାରେ ବିସ୍ତୃତ ଆଲୋଚନା ପରେ ଇଣ୍ଡିଆନ ପୋର୍ଟ୍ସ ଆସୋସିଏସନ (ଆଇପିଏ) ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଙ୍କ ନିକଟରେ ଦାଖଲ କରାଯିବ। ଏହାର



ନକଲ ଭାରତ ସରକାରଙ୍କ କେନ୍ଦ୍ରମନ୍ତ୍ରୀ, ଜଳପଥ ଓ ଜାହାଜ ଚଳାଚଳ ମନ୍ତ୍ରାଳୟଙ୍କ ସମେତ ଦେଶର ୧୨ଟି ପ୍ରମୁଖ ପୋର୍ଟ ଅଥରିଟିର ଅଧ୍ୟକ୍ଷମାନଙ୍କୁ ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ବୈଠକରେ ବନ୍ଦର ଶ୍ରମିକମାନଙ୍କର ବେତନ, ଭତ୍ତା, ସେବା ସର୍ତ୍ତାବଳୀ, ଚାକିରି ସୁରକ୍ଷା ଓ ଅନ୍ୟାନ୍ୟ ସ୍ଥାନୀୟ ଏବଂ ଜାତୀୟ ସମସ୍ୟା ସମ୍ପର୍କରେ ମଧ୍ୟ ଆଗାମୀ ଦିନରେ ସଂଗଠିତ ଭାବେ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଏହି ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଭାରତୀୟ ବନ୍ଦର ମଜଦୂର ସଂଘ, ପାରାଦ୍ୱୀପ ପୋର୍ଟ ପକ୍ଷରୁ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଏ, ଉପସଭାପତି ଦେବୀ ପ୍ରସନ୍ନ ମାଝୀ ଏବଂ ଡିଏଲଆର, କଣ୍ଟ୍ରାକ୍ଟ ଓ କଣ୍ଟ୍ରାକ୍ଟୁଆଲ ଶାଖା ର କାର୍ଯ୍ୟକାରିଣୀ ସଦସ୍ୟ ମୁରଲୀ ବେହେରା ଯୋଗଦେଇଥିଲେ। ବୈଠକ ଶେଷରେ ଦେଶର ବନ୍ଦର ଶ୍ରମିକମାନଙ୍କର ନ୍ୟାୟସଙ୍ଗତ ଦାବି ଓ ଅଧିକାର ପାଇଁ ଭାରତୀୟ ମଜଦୂର ସଂଘର ନେତୃତ୍ୱରେ ମହାସଂଘ ଓ ଏହାର ଅନୁବନ୍ଧିତ ୟୁନିଅନଗୁଡ଼ିକ ଏକତ୍ରିତ ଭାବେ ଆଗାମୀ ଦିନରେ କାର୍ଯ୍ୟ କରିବା ପାଇଁ ସଙ୍କଳ୍ପବଦ୍ଧ ହୋଇଥିଲେ।

# ରେଳ ୟୁଜର ୱେଲଫେଆର ଆସୋସିଏସନ ର ପ୍ରଥମ ବାର୍ଷିକ ବୈଠକ

ଛତ୍ରପୁର, ୨୩/୮: ଛତ୍ରପୁର ରେଳ ୟୁଜର ୱେଲଫେଆର ଆସୋସିଏସନ ପକ୍ଷରୁ ପ୍ରଥମ ବାର୍ଷିକ ବୈଠକ ରବିବାର ସ୍ଥାନୀୟ ରେଳ ଷ୍ଟେସନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନ ର କାର୍ଯ୍ୟକାରୀ ସଭାପତି ସି.ଏଚ୍. ମହେଶ୍ୱର ରାଓଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବ୍ରହ୍ମପୁର ପୂର୍ବତଟ ରେଳପଥର ଅତିରିକ୍ତ ଡିଭିଜନାଲ ପରିଚାଳକ ଆର୍.ଏନ୍. ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।



ସ୍ୱତନ୍ତ୍ର ଅତିଥି ଭାବେ ଡେପୁଟି କଲେକ୍ଟର ସୁନୀଲ ସାଇ ଦେବାଶିଷ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଛତ୍ରପୁରର ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଓ ଏନ୍. ନାରାୟଣ ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଦୀର୍ଘ ଦିନ ଧରି ଅବହେଳିତ ହୋଇ ରହିଥିବା ଛତ୍ରପୁର ରେଳ ଷ୍ଟେସନର ଉନ୍ନତିକରଣ ଉପରେ କୁହାଯାଇଥିଲା ସେଥି ମଧ୍ୟ ରୁ ଦ୍ରୁତଗାମୀ ଟ୍ରେନର ଡବାଗୁଡ଼ିକ ପ୍ଲାଟଫର୍ମ ବାହାରେ ରହୁଥିବାରୁ ଯାତ୍ରୀମାନେ ଚଢ଼ିବା ଓ ଓହ୍ଲାଇବା ସମୟରେ ହଇରାଣ ହେଉଥିବା ବିଷୟ ରହିଥିଲା। ଏହା ସହ ମଧ୍ୟରାତ୍ରିରେ ଯାତ୍ରୀ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ଷ୍ଟେସନ ନିକଟସ୍ଥ ଫାଟକଗୁଡ଼ିକରେ ଓଭରବ୍ରିଜ ନିର୍ମାଣ, ପ୍ଲାଟଫର୍ମ ସଂଖ୍ୟା ବୃଦ୍ଧି ଓ ଆଧୁନିକ ସୁବିଧା ବିକାଶ ନେଇ ଆଲୋଚନା ହୋଇଥିଲା।ଆସୋସିଏନ ପକ୍ଷରୁ ୧୮୫୨୫ ବ୍ରହ୍ମପୁର–ବିଶାଖାପାଟଣା ଟ୍ରେନକୁ ବ୍ରହ୍ମପୁର ପରିବର୍ତ୍ତ ? ଛତ୍ରପୁରରୁ ଛାଡ଼ିବା ସହ କଟକ–ପଲାସା ଟ୍ରେନରେ ଅଧିକ ଡବା ସଂଯୋଜନ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ବୈଠକରେ ଛତ୍ରପୁର ରେଳ ଷ୍ଟେସନ ପରିଚାଳକ ଶିବରାମ ସାହୁ, ବ୍ରହ୍ମପୁର ରେଳବାଇ ସୁରକ୍ଷା ବଳ ଥାନାଧିକାରୀ ବିବେକ କୁମାର, ଛତ୍ରପୁର ଭାରପ୍ରାପ୍ତ ରେଳବାଇ ସୁରକ୍ଷା ଅଧିକାରୀ ସୁରେଶ କୁମାରଙ୍କ ସମେତ ବହୁ ବୁଦ୍ଧିଜୀବୀ, ଜନପ୍ରତିନିଧି, ଯାତ୍ରୀ, ଷ୍ଟେସନ କର୍ମଚାରୀ ଓ ସୁରକ୍ଷା ବଳର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବଲାଙ୍ଗିର ରେ ଆୟୁଷ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଆଲୋଚନା ଚକ୍ର

ବଲାଙ୍ଗିର,୨୩/୮ ବଲାଙ୍ଗିର ନେତାଜୀ ସଂଗ୍ରାମ ପରିଷଦ ପକ୍ଷରୁ ଆୟୋଜିତ ଆଲୋଚନା ଚକ୍ରରେ ଆୟୁଷ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ନେଇ ଦୃଢ଼ମତ ଉଠିଛି । ତ୍ରୈମାସିକ ମୁଖପତ୍ର ସୁଭାଷ ଚିନ୍ତନ ଚତୁର୍ଥ ବର୍ଷ ତୃତୀୟ ସଂସ୍କରଣ ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଭଗବତୀ ମଣ୍ଡପ ଠାରେ ବଲାଙ୍ଗିର ରେ ଆୟୁଷ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠାର ପୃଷ୍ଠଭୂମି ସଂପର୍କରେ ଏକ



ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ପରିଷଦର ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଅଧ୍ୟକ୍ଷତା ରେ ଶିକ୍ଷାବିତ୍ ଡ. ଜୟକୁମାର ଆଚାର୍ଯ୍ୟ, ଆୟୁର୍ବେଦ ଡାକ୍ତର ବିପିନ ବିହାରୀ ମିଶ୍ର, ହୋମିଓପାଥି ଡାକ୍ତର ଗୋଦାବରିଶ ରଥ, ବରିଷ୍ଠ ଆଇନଜିବୀ ଶଶୀ ଭୂଷଣ ପୁରୋହିତ,ଦିବ୍ୟ ଜିବନ ସଂଘ ଯୋଗାଚାର୍ଯ୍ୟ ଶିବାନନ୍ଦ ଦାଶ ମଂଚାସିନ ଥିଲେ । ବିଶ୍ୱ ବିଦ୍ୟାଳୟ ର ପ୍ରତିଷ୍ଠା ସମୟୋପଯୋଗୀ ଓ ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତା ସମୂହ ମତବ୍ୟକ୍ତ କରିଥିଲେ । ବଲାଙ୍ଗିର ଆୟୁର୍ବେଦ କଲେଜ ପୁରାତନ ଛାତ୍ର ସଂଘ ସଭାପତି ଡା. ବାସୁଦେବ ପତି ତାଙ୍କ ବକ୍ତବ୍ୟରେ ବଲାଙ୍ଗିର ରେ ଆୟୁଷ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଅପରିହାର୍ଯ୍ୟ ବୋଲି ମତପ୍ରକାଶ କରିଥିଲେ । ପରିଷଦର ଆବାହକ ବିରେନ୍ଦ୍ର ବନଛୋର ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇନଜିବୀ ଶିରିଷ ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସାରସ୍ୱତ କାର୍ଯ୍ୟକ୍ରମରେ ଶତାଧିକ ବୁଦ୍ଧିଜିବୀ ଓ ସାହିତ୍ୟିକ ଅଂଶଗ୍ରହଣ କରିଥିଲେ ।

## ବନବିଭାଗର 'ସବୁଜ ମଡେଲ ଲୁଟ୍' ଘଟଣା

# ବନାଞ୍ଚଳ ଅଧିକାରିଣୀଙ୍କ ମନମୁଖି କାର୍ଯ୍ୟର ତଦନ୍ତ ଆରମ୍ଭ

ଅସ୍ତରଙ୍ଗ/୨୩/୦୮ :- ସରକାର 'ସବୁଜ ଓଡ଼ିଶା' ର ବଡ ବଡ ହୋଡିଂ ଲଗାଇ ପ୍ରଚାର ପ୍ରସାର କରୁଛନ୍ତି। ଆଉ ଏପଟେ ପୁରୀ ଜିଲ୍ଲା ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳର ବନାଞ୍ଚଳ ଅଧିକାରିଣୀ 'ସବୁଜିମା ନାଁରେ ଲୁଟ୍' କରିବାର ପ୍ରଚେଷ୍ଟା କରି ସଫଳ ହେଉଛନ୍ତି ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଗ୍ରାମବାସୀଙ୍କ ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରସାର ହେବା ପରେ ମୁଖ୍ୟମନ୍ତ୍ରୀ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିବା ପରେ ପୁରୀ ଡ଼ିଏଫଓ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତକାରୀ ଅଧିକାରୀ ଏସିଏଫ ନୀଳମାଧବ ସାହୁ, କୋଣାର୍କ ରେଞ୍ଜର ସୁଦର୍ଶନ ଦେହୁରୀଙ୍କ ସମେତ ଫରେଷ୍ଟର ମଧ୍ୟ ସାମିଲ ଅଛନ୍ତି। ଗତ ୨୧ ତାରିଖ ଠାରୁ ତଦନ୍ତ ଆରମ୍ଭ ହୋଇଛି। ଡ୍ରୋନ କ୍ୟାମେରା ଓ ବିଭିନ୍ନ ବୈଷୟିକ ପଦ୍ଧତିରେ ଚାରା ରୋପଣ ଦୁର୍ନୀତିର ତଦନ୍ତ ଜୋରସରରେ ଚାଲିଛି। ତଦନ୍ତର ପ୍ରଥମ ପର୍ଯ୍ୟାୟରେ ଦୁର୍ନୀତିର ଗନ୍ଧ ଦେଖିବାକୁ ମିଳିଥିବା ଅଭିଯୋଗକାରୀ ମାନେ କହିଛନ୍ତି। ତଦନ୍ତ ସମୟରେ ତଦନ୍ତକାରୀ ଅଧିକାରୀ ମାନେ ଅଭିଯୋଗକାରୀ ମାନଙ୍କୁ ଘଟଣାସ୍ଥଳ ଡାକିଥିଲେ। ଅଭିଯୋଗକାରୀଙ୍କୁ ଦୁର୍ନୀତି ହୋଇଥିବା ସ୍ଥାନକୁ ଚିହ୍ନଟ କରିବାକୁ ଡ଼ାକିଥିବା ଅଭିଯୋଗକାରୀ ମାନେ ଗଣମାଧ୍ୟମକୁ ସୂଚନା ଦେଇଥିଲେ।୨୦୨୩/୨୦୨୪ରେ ଗଙ୍ଗାଦେବୀ ମୁହାଁଣ ଠାରେ ୩୫ଏକର ଓ ସହନ ଠାରେ ୩୫ଏକର ଚାରା ରୋପଣ କରାଯାଇଥିଲା। ଯେଉଁ ବନପାଳ ମାନେ ଚାରା ରୋପଣରେ ନିୟୋଜିତ ଥିଲେ ସେହି ମାନଙ୍କୁ ଧରି ତଦନ୍ତକାରୀ ଅଧିକାରୀ ମାନେ ତଦନ୍ତ କରୁଛନ୍ତି ଯାହା ସନ୍ଦେହଜନକ ବୋଲି ଅଭିଯୋଗ ହେଉଛି। ଯେଉଁ ଗଛ ଟିକେ ବଡ଼ ହୋଇଛି ସେ ଏବେ ପତ୍ରଝଡା ଦେଲାଣି। ରାତି ଅଧରେ ଯେଉଁ ଚାରା ତରବରିଆ ଭାବେ ଲଗା ଯାଇଛି ତଦନ୍ତକାରୀ ଅଧିକାରୀ ସେହି ସବୁକୁ ନେଇ ଗଣତି କରୁଛନ୍ତି ନା ଯେଉଁ ଚାରା ଲଗାଇବାରେ ଦୁର୍ନୀତି ହୋଇଛି ତାକୁ ଗଣତି କରୁଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଏବେ ସବୁ ଆଡେ ଘାସ ମାଡ଼ିଯାଇଛି ଡ୍ରୋନ କ୍ୟାମେରା କାହାର ଫଟୋ ଉତ୍ତୋଳନ କରିବ ବୋଲି ସ୍ଥାନୀୟ ଅଧିବାସୀ ପ୍ରଶ୍ନ କରିଛନ୍ତି। ତଦନ୍ତର ସ୍ୱଚ୍ଛତା ଉପରେ ଏବେ ସନ୍ଦେହ ହେଉଛି।ସହନ ଠାରୁ ଗଙ୍ଗାଦେବୀ ପର୍ଯ୍ୟନ୍ତ ସମୁଦ୍ର କୂଳରେ ଏବେ ଏହି ବିଭାଗୀୟ ଦୁର୍ନୀତିର ଖୋଲା ପ୍ରମାଣ।୨୦୨୪-୨୫ ମସିହାରେ କାମ୍ପା ଓ ମନରେଗା ଯୋଜନାରୁ ୮୦ ହଜାର ଉର୍ଦ୍ଧ ଝାଉଁ ଚାରା ରୋପଣ ପାଇଁ କୋଟି କୋଟି ଟଙ୍କା ଖରଚ ହୋଇଛି ବୋଲି ଫାଇଲରେ ଦର୍ଶାଯାଇଛି। ବିଲ୍ ପାସ୍ ହେଲା, ଟଙ୍କା ଉଠିଲା, ଫଟୋ ବି ଛପିଲା। କିନ୍ତୁ ଜମିରେ ଚାରାଟିଏ ନାହିଁ।ସାଧାରଣରେ ନଜର ଆସିବା ପାଇଁ ରାସ୍ତା କଡରେ ଚାରା ରୋପଣ କରାଯାଇଛି। ଫଟୋ ଉଠାଇବା ପାଇଁ ଏବଂ ଉଚ୍ଚ ଅଧିକାରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହା ଏକ ସୁଚିନ୍ତିତ ଯୋଜନା ବୋଲି ବାସ୍ତବରେ ଦେଖିବାକୁ ମିଳିଛି।ଭିତରେ କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା।କେବଳ ହଜାର ହଜାର ଶୁଖିଲା ଥୁଣ୍ଟା କାଠି। ବନପାଳଓ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର ଏହି ମିଶନରେ ସଫଳତା ପାଇଲେ କିନ୍ତୁ ସବୁଜ ଜଙ୍ଗଲ ଥୁଣ୍ଟା ପାଲଟିଲା। ବନାଞ୍ଚଳ ଅଧିକାରିଣୀଙ୍କ କାର୍ଯ୍ୟକାଳରେ ଚାରା ରୋପଣ ହେଲା, ତାଙ୍କରି ସମୟରେ ଚାରା ମଲା। ତାଙ୍କ ପ୍ରତିକ୍ରିୟା ଯୁକ୍ତି ଆହୁରି ହାସ୍ୟାସ୍ପଦ - 'ଚାରା ମରିନାହିଁ, ୱାଟର ଲଗିଙ୍ଗ ହୋଇଛି' ।ଏହି କଥା କହି ଦୁର୍ନୀତିକୁ ଲୋକଲୋଚନରୁ ହଟାଇବା ପାଇଁ ମାଡାମ ରାତିରେ ନୂଆ ଚାରା ଆଣୀ ସକାଳୁ ଲଗାଇବାର ଯଥେଷ୍ଟ କାରଣ ରହିଛି ଯାହା ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ ଅଟେ। ଏମାନଙ୍କ ଅବହେଳା ଯୋଗୁଁ ସରକାରୀ ଟଙ୍କା ଆତ୍ମସାତ ହେଉଛି। ଆଗାମୀ ଦିନରେ ଛୁରୀଆନା ପଞ୍ଚାୟତବାସୀ ଗଛ କାଟିବାକୁ ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ।ପଞ୍ଚାୟତବାସୀଙ୍କ ଦାବି ତୁରନ୍ତ ଭିଜିଲାନ୍ସ ତଦନ୍ତ ହେଉ ବନପାଳ, ବନାଞ୍ଚଳ ଅଧିକାରିଣୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ ଆଗାମୀ ଦିନରେ ବନବିଭାଗ କାର୍ଯ୍ୟାଳୟ ଘେରାଉ କରାଯିବ ।ତଦନ୍ତର ସନ୍ଦେହଜନକ ଦିଗକୁ ନେଇ ତଦନ୍ତକାରୀ ଅଧିକାରୀ ଏସିଏଫ ନୀଳମାଧବ ସାହୁଙ୍କୁ ପଚାରିବାରେ ସେ ତଥାକଥିତ ଭାବେ କହି ତଦନ୍ତ ପ୍ରକ୍ରିୟାକୁ ଏଡାଇ ଦେଇଥିଲେ ।ଆଉ ଏକ ପ୍ରଶ୍ନର ଉତ୍ତରରେ କହିଥିଲେ ୬୦ ବର୍ଷ ହୋଇ ଭତ୍ତା ପାଉଥିଲେ ବି ଏନଆରଜିଏସରେ କାର୍ଯ୍ୟ କରି ଟଙ୍କା ନେଇପାରିବେ। କିନ୍ତୁ ସରକାରଙ୍କ ନିୟମନୁଯାୟୀ ୬୦ ବର୍ଷର ବ୍ୟକ୍ତି ଏହି ଯୋଜନାରେ ସାମିଲ ହୋଇପାରିବେ ନାହିଁ। ଯଦି ତଦନ୍ତକାରି ଅଧିକାରୀ ଏ କଥା କହିବେ ତେବେ ଚାରା ରୋପଣ ଦୁର୍ନୀତିର ପ୍ରକ୍ରିୟା ନିଶ୍ଚିତ ରୂପେ ବାଟବଣା ହେବ ବୋଲି ସ୍ପଷ୍ଟ ବାରି ହୋଇପଡୁଛି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ